## ଓାମ୍ ନମୋ ଭଗବତେ ବାସୁଦେବାୟଃ
## ଗଞ୍ଜ ଭୂମିରେ ସନ୍ଥ କ୍ଷେତ୍ରାଞ୍ଚଳ

**ସମ୍ପୂର୍ଣ୍ଣ ଜଗଦେବ ନନ୍ଦନବନଂ ସର୍ବେଂଽପି କଳ୍ପଧ୍ରୁମା ।**
**ଗାଙ୍ଗଂ ବାରି ସମସ୍ତବାରିନିବହାଃ ପୂଣ୍ୟାଃ ସମସ୍ତାଃ କ୍ରିୟାଃ ॥**
**ବାଚଃ ପ୍ରାକୃତସଂସ୍କୃତାଃ ଶ୍ରୁତିଶିରୋ ବାରାଣସୀ ମେଦିନୀ ।**
**ସର୍ବାବସ୍ତିତିରସ୍ୟ ବସ୍ତୁବିଷୟା ଦୃଷ୍ଟେ ପରବ୍ରହ୍ମଣୀ ॥**

ଶ୍ରୀଳ ଶ୍ରୀଶଙ୍କରାଚାର୍ଯ୍ୟଙ୍କ ବିଚାରରେ, ଯେଉଁ ସନ୍ଥ ପରବ୍ରହ୍ମଙ୍କ ସାକ୍ଷାତ୍ କରି ସାରିଛି ତାହାଙ୍କ ପାଇଁ ସମୁଦାୟ ଜଗତ୍ ନନ୍ଦନ ବନ ଅଟେ । ସମସ୍ତ ବୃକ୍ଷ କଳ୍ପବଟ ଅଟେ । ସମସ୍ତ ଜଳ ଗଙ୍ଗାଜଳ ଅଟେ । ତାର ସମସ୍ତ କ୍ରିୟା ପବିତ୍ର ଅଟେ । ତାଙ୍କ ବାଣୀ ପ୍ରାକୃତ ହେଉ କିମ୍ବା ସଂସ୍କୃତ, ତାହା ବେଦସାର ଅଟେ । ତାହାଙ୍କ ସକାଶେ ସମୁଦାୟ ପୃଥିବୀ କାଶୀ ବାରାଣସୀ ତୀର୍ଥ ଅଟେ । ଏବଂ ତାହାଙ୍କ ସମସ୍ତ ଚେଷ୍ଟା ପରମାତ୍ମାମୟୀ ଅଟେ । ଏପରି ଆତ୍ମା ଗତ ଶରୀର ହିଁ ସନ୍ଥ ବୋଲାଏ । ପୁଣି ଶ୍ରୀମଦ୍ ଭାଗବତ ପ୍ରକାଶ କରି କହିଛି –

**ସତ୍ୟବ୍ରତଂ ସତ୍ୟପରଂ ତ୍ରିସତ୍ୟଂ ସତ୍ୟସ୍ୟ ଯୋନିଂ ନିହିତଂ ଚ ସତ୍ୟ ।**
**ସତ୍ୟସ୍ୟ ସତ୍ୟମୃତ ସତ୍ୟ ନେତ୍ରଂ ସତ୍ୟାତ୍ମକଂ ତ୍ୱାଂ ଶରଣଂ ପ୍ରପନ୍ନଃ ॥**

**ଏହି ସତ୍ୟକୁ ନେଇ ମହାଭାରତ ଗ୍ରନ୍ଥ ମଧ କହେ –**
**ସତ୍ୟଂ ସତ୍ସୁ ସଦା ଧର୍ମଃ ସତ୍ୟଂ ଧର୍ମଃ ସନାତନଃ ।**
**ସତ୍ୟମେବ ନମସ୍ୟେତ ସତ୍ୟଂ ହି ପରମା ଗତିଂ ।**

ସନ୍ଥଜନଙ୍କ ପାଇଁ ସତ୍ୟ ସର୍ବଦା ଧର୍ମ ଅଟେ । ଯେହେତୁ ସତ୍ୟ ହିଁ ସନାତନ ଧର୍ମ ଅଟେ । ସତ୍ୟକୁ ହିଁ ସନ୍ଥଜନ ଗଣ ନମସ୍କାର କରିଥାନ୍ତି । କାରଣ ସତ୍ୟ ପ୍ରତ୍ୟେକଙ୍କ ପାଇଁ ଆଶ୍ରୟ ବା ଗତି ଅଟେ । ଏଥକୁ ଆଧାରିତ ଏହି ଯେ - ସନ୍ଥଙ୍କ ଆଚାର୍ଯ୍ୟ ଅଟନ୍ତି – ଶଙ୍କରାଚାର୍ଯ୍ୟ, କବି ଅଟନ୍ତି, ତୁଳସୀଦାସ । ପରମହଂସ ଅଟନ୍ତି ରାମକୃଷ୍ଣ ପରମହଂସ । ତଥା ସନ୍ଥଙ୍କ ପ୍ରିୟ ମନ୍ତ୍ର ଅଟେ "ମାମେକଂ ଶରଣଂ ବ୍ରଜ" ।
ନିୟମ ସମୁଦାୟକୁ ସନ୍ଥଗଣ ପାଳନ କରିଥାନ୍ତି –
ଭଗବାନଙ୍କ ଭକ୍ତ, ଭଗବାନଙ୍କ ପ୍ରେମିକ, ଭଗବାନଙ୍କ ତତ୍ତ୍ୱ ଯେ ଯଥାର୍ଥରେ ବୁଝି ପାରୁଥାଏ ଏବଂ ଭଗବାନଙ୍କ ସ୍ୱରୂପଭୂତ ପ୍ରାତଃ ସ୍ମରଣୀୟ ସନ୍ଥଙ୍କ ଅନନ୍ତ ଗୁଣ ମହିମାକୁ କିଏ ପ୍ରକାଶ କରି ପାରିବ ? କିନ୍ତୁ ସେମାନଙ୍କ ସ୍ମୃତି, ପ୍ରତ୍ୟେକ ଅନ୍ତଃକରଣକୁ ପବିତ୍ର କରିଦେଇଥାଏ । ସେମାନଙ୍କ ଆଦର୍ଶ, ଚରିତ୍ରର ପ୍ରଭାବ ହୃଦୟକୁ ବିଶୁଦ୍ଧ ଭଗବଦ୍ ଭାବ ଦ୍ୱାରା ପ୍ରଭାବିତ କରିଥାଏ । ସେମାନଙ୍କ ଗୁଣଗାନ କରୁଥିବା ଜିହ୍ୱାକୁ ପବିତ୍ର କରାଇ, ତଦ୍ୱାରା ଭଗବଦ୍ ଗୁଣ ଗାନର ଯୋଗ୍ୟତା ପ୍ରଦାନ କରିଥାଏ । ଇତ୍ୟାଦି ପରମ ଲାଭକୁ ନେଇ ଦୃଷ୍ଟି ଦ୍ୱାରା ଏବଂ ଏହାଙ୍କ ଚର୍ଚ୍ଚା କରିବାକୁ ମନରେ ସାହାସ ଆସିଥାଏ । ଅତଏବ ସନ୍ଥଜନଙ୍କ ଶ୍ରୀଚରଣ ପଦାର ବିନ୍ଦରେ ଏତିକି

ମାତ୍ର ମୋର ପ୍ରାର୍ଥନା, ତୁମକୁ ତୁମର ପରିଚୟ ମାନ ଆସନ୍ତା ପିଢ଼ିକୁ ଜଣାଇବା ପାଇଁ ଯଥାର୍ଥତା ଜଣାଇବାକୁ ଶକ୍ତି ପ୍ରଦାନ କରନ୍ତୁ ।

## ସନ୍ଥ କିଏ ସେ ଏବଂ କାହିଁକି ?

ସନ୍ଥଙ୍କ ବିଚାରରୁ ସମାଜ ପ୍ରଚଳିତ । ସଂସ୍କାରିତ ତଥା ମନ୍ୱନ୍ତର ମନ୍ୱନ୍ତର ଜୀବିତ । ଶ୍ରୀମଦ୍ ଭଗବଦ୍ ଗୀତାରେ ଭଗବାନ ସନ୍ଥଙ୍କ ୪୦ ଲକ୍ଷଣ କହିଛନ୍ତି । ସେପରି ଲକ୍ଷଣ ଯେଉଁ ବ୍ୟକ୍ତିଙ୍କ ଚରିତ୍ରରେ ଦେଖିବାକୁ ମିଳେ, ସେହିଁ ନିଜକୁ ସନ୍ଥ ବୋଲାଏ । ଏହାଙ୍କୁ ନେଇ ଗୀତା ଉଣା ଅଧିକକୁ ନେଇ ଗୁଣାତୀତ ଏବଂ ସ୍ଥିତପ୍ରଜ୍ଞ ଆଦି ନାମରେ ବର୍ଣ୍ଣିତ ଅଟେ ।

୧) କୌଣସି ଜୀବ ପ୍ରତି ଦ୍ୱେଷ ଭାବ ନ ରଖୁଥିବା ।
୨) ସମୁହଙ୍କ ସହ ମିତ୍ର ଭାବ ରଖୁଥିବା ।
୩) ଭେଦଭାବ ବିନା ଦୁଃଖୀ ଜୀବଙ୍କ ପ୍ରତି ଦୟାଭାବ କରିବା ।
୪) ଭଗବାନ ବାତୀତ କୌଣସି ପଦାର୍ଥକୁ ମୋର ନ କହିବା ।
୫) ଶରୀର ମନ ବାଣୀରେ ମୁଁ, ମୋର ନ କହିବା ।
୬) ସୁଖ ଦୁଃଖ କାଳରେ ସମବୁଦ୍ଧି ରଖିବା ।
୭) ଦଣ୍ଡଦେବା ଅଧିକାର ଥିବା ସତ୍ୱେ ଅନିଷ୍ଟକାରୀ ପ୍ରତି ହୃଦୟରେ କ୍ରୋଧ ନ ଧରି ଭଗବାନଙ୍କୁ ଶତ୍ରୁର ମଙ୍ଗଳ ପାଇଁ ପ୍ରାର୍ଥନା କରିବା ।
୮) ଅନୁକୂଳ ପ୍ରତିକୂଳ ସ୍ଥିତିରେ ମଧ ସନ୍ତୁଷ୍ଟ ଯେ ରହେ ।
୯) ଭଗବାନଙ୍କ ସହ ନିରନ୍ତର ଯେ ଯୋଗଯୁକ୍ତ ହୋଇଥାଏ ।
୧୦) ମନ, ଇନ୍ଦ୍ରିୟର ଯେ ଉର୍ଦ୍ଧ୍ୱରେ ଥାଏ ।
୧୧) ପରମାତ୍ମାଙ୍କ ପ୍ରତି ଯେ ଦୃଢ଼ ବିଶ୍ୱାସ ରଖିଥିବ ।
୧୨) ମନ, ବୁଦ୍ଧିକୁ ସର୍ବ ଭାବରେ ଯେ ଭଗବାନଙ୍କୁ ଅର୍ପଣ କରିଥିବ ।
୧୩) ନିଜର କୌଣସି ଆଚରଣ ଦ୍ୱାରା ଯେ କୌଣସି ଜୀବକୁ ଉଦ୍ୱୀଗ୍ନ ନ କରିବା ।
୧୪) କା ଦ୍ୱାରା କୌଣସି ପ୍ରତି ବ୍ୟବହାର ପାଇବା ପରେ କେବେ ଉଦ୍ୱିଗ୍ନ ନ ହେବା ।
୧୫) ସାଂସରିକ ବସ୍ତୁ ପ୍ରତି ଆସକ୍ତି ନ ହେବା ।
୧୬) ଅନ୍ୟର ଉନ୍ନତି ରେ ଅସହ୍ୟ ନହେବା ।
୧୭) ପରମାତ୍ମା ସାଥିରେ ଅଛନ୍ତି କହି ନର୍ଭୟ ରହିବା ।
୧୮) ଯେ କୌଣସି ଅବସ୍ଥାରେ ଅଶାନ୍ତ ନ ହେବା ।
୧୯) କୌଣସି ବସ୍ତୁକୁ ଅପେକ୍ଷା ନ କରିବା ।
୨୦) ମନ ବାଣୀ ଶରୀରକୁ ପବିତ୍ର ରଖିବା ।
୨୧) ଅହିତର ତ୍ୟାଗ ହିତ ଗ୍ରହଣରେ ଯେ ଚତୁର ରହେ ।
୨୨) ସର୍ବଦା ଉଦାସିନ ବା ନିରପେକ୍ଷ ଯେ ରହେ ।
୨୩) ମାନସିର ବ୍ୟଥାକୁ ଯେ ଦୂରେଇ ରଖେ ।
୨୪) ଆସକ୍ତି କର୍ତାପଣର ଅଭିମାନରେ କୌଣସି କାର୍ଯ୍ୟ ଯେ ଆରମ୍ଭ ନ କରେ । ସମସ୍ତ କର୍ମ ପରମାତ୍ମା ଲୀଳାରେ ହେଉଥିବା ଯେ ମାନେ ।

୨୫) ଅନୁକୂଳ ପ୍ରାପ୍ତି, ପ୍ରତିକୂଳ ବିନାସରେ ଯେ ହର୍ଷ ନ ହୁଏ ।
୨୬) ପ୍ରତିକୂଳ ପ୍ରାପ୍ତି ଓ ଅନୁକୂଳ ବିନାଶରେ ଯେ ଦ୍ୱେଷ ନ ରଖେ ।
୨୭) କୌଣସି ସ୍ଥିତିରେ ଶୋକ ଯେ ନ କରେ ।
୨୮) କୌଣସି ବସ୍ତୁ ପ୍ରତି ଯେ ଆସକ୍ତ ନ ହୁଏ ।
୨୯) ଶୁଭ ଅଶୁଭ କର୍ମ ଫଳକୁ ଯେ ତ୍ୟାଗ କରିଥାଏ ।
୩୦) ଶତ୍ରୁ ମିତ୍ର ପ୍ରତି ସମଭାବ ଯେ ରଖେ ।
୩୧) ମାନାପମାନରେ ଯେ ସମଭାବ ରଖେ ।
୩୨) ଥଣ୍ଡା ଗରମରେ ଯେ ସମ ବିଚାର କରେ ।
୩୩) ଯାହା ପାଖରେ ସୁଖ ଦୁଃଖ ଏକ ।
୩୪) କୌଣସି ପ୍ରତି ଆସକ୍ତି ଯେ ନ ହୁଏ ।
୩୫) ନିନ୍ଦା ସ୍ତୁତି କି ଯେ ସମାନ ଭାବେ ।
୩୬) ବାଣୀରୁ ସତ୍ୟ ଚର୍ଚ୍ଚା ବ୍ୟତୀତ ଅନ୍ୟ କିଛି ଯେ ନ କରେ । ମନରେ ସର୍ବଦା ବିଚାର ଯେ ଭଗବାନଙ୍କ କରୁଥାଏ ।
୩୭) ଶରୀର ରକ୍ଷା ପାଇଁ ଯାହା କିଛି ଖାଇ ଯେ ସନ୍ତୋଷ ହୋଇଥାଏ ।
୩୮) ପର ଦ୍ୱାରକୁ ଯେ ନିଜର ନ ଭାବେ ।
୩୯) ପରମାତ୍ମା ପ୍ରତି ସ୍ଥିର ବୁଦ୍ଧି ଯେ ରଖେ ।
୪୦) ଶ୍ରଦ୍ଧା ତତ୍ପରତା ସହିତ ଭଗବଦ୍‌କୁ ଧର୍ମ ରୂପକ ଅମୃତ ସର୍ବଦା ଯେ ପାନ କରେ ।

**ବ୍ରହ୍ମାଙ୍କ ଲୋକରେ ମୂନୀଙ୍କ ପ୍ରକଟ ।**

ମୂନୀ ଶବ୍ଦର ଯଥାର୍ଥତାକୁ ବର୍ଣ୍ଣିତ ଯେ, ଶବ୍ଦ ପଦ ପୁଲିଙ୍ଗ ଅଟେ । ମନ + ଇନ୍, ଉଷ୍ଚେ ମନୁତେ ଜାନାତି ଯଃ । ଋଷି, ମହାତ୍ମା, ସନ୍ଥ, ଭକ୍ତ, ସନ୍ୟାସୀ ଅର୍ଥାତ୍, ପୁଣ୍ୟଃ ଶବ୍ଦୋମୁନିରିତି ମୁର୍ହୁଃ କେବଳଂ ରାଜପୂର୍ବଃ । ଶବ୍ଦଙ୍କ ୨/୨୪ରେ ବର୍ଣ୍ଣିତଃ । କିନ୍ତୁ ଶ୍ରୀମଦ୍ ଭଗବତ୍ ଗୀତାରେ ବର୍ଣ୍ଣିତ – ମୁନୀନାମପ୍ୟହଂ ବ୍ୟାସଃ । ଏପରି ମେଦିନୀରେ ଅଗସ୍ତ୍ୟ, ବ୍ୟାସ, ବୁଦ୍ଧ ତଥା ସପ୍ତର୍ଷିଙ୍କୁ ମଧ୍ୟ ମୁନି କୁହାଯାଇଛି । ପୁନଃ ମୁନିତ୍ରୟ ରୁପେ ମହର୍ଷି ପାଣିନୀ ମହର୍ଷି କାତ୍ୟାୟନ ତଥା ମହର୍ଷି ପାତଞ୍ଜଳିଙ୍କୁ କୁହାଯାଇଛି ।

ଶ୍ରୀମଦ୍ ଭାଗବତ ୩/୧୨/୪ ଶ୍ଳୋକରେ ବର୍ଣ୍ଣ ସୃଷ୍ଟି ରଚନା ସକାଶେ ବ୍ରହ୍ମଦେବ ସନକ, ସନନ୍ଦନ, ସନାତନ ଏବଂ ସନତକୁମାର ଏପରି ମୋକ୍ଷମାର୍ଗୀ ବା ନିବୃତ ପରାୟାଣ ଉର୍ଦ୍ଧରେତା ମୁନି ମନରୁ, ବ୍ରହ୍ମ ଲୋକରେ ପ୍ରକଟ କରାଇଥିଲେ । ଏହି ଉର୍ଦ୍ଧରେତା ସନ୍ତାନ ଚାରି ସୃଷ୍ଟି ରଚନା ପରିବର୍ତେ ତପସ୍ୟା କରିବାରୁ ଚାଲିଗଲେ । ଏତଦ୍ ପରେ ବ୍ରହ୍ମଦେବ ଭଗନାନଙ୍କ ଶକ୍ତିରେ ସମ୍ପନ୍ନ ହୋଇ, ସୃଷ୍ଟି ସକାଶେ ସଂକଳ୍ପ କରି, ମାନସରୁ ପୁଣି ଦଶ ପୁତ୍ର ଉତ୍ପନ୍ନ କରିଥିଲେ । ଏମାନଙ୍କ ଦ୍ୱାରା ମେଦିନୀରେ ଲୋକ ବୃଦ୍ଧି ହୋଇଥିଲେ ଯଥା – ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ, ଭୃଗୁ, ବସିଷ୍ଠ, ଦକ୍ଷ ନାରଦ ଓ ଅଥର୍ବଣ ଇତ୍ୟାଦି ବ୍ରହ୍ମର୍ଷିଗଣମାନଙ୍କ ଉତ୍ପତି ପରେ ବ୍ରହ୍ମଲୋକରେ ହିଁ ଶରଣାଗତ ହୋଇଥିଲେ । ଏହି ବ୍ରହ୍ମର୍ଷିମାନେ ବ୍ରହ୍ମଦେବଙ୍କ କୋଳ କ୍ଷେତ୍ରରୁ ଦେବର୍ଷି ନାରଦ, ଅଙ୍ଗୁଳି ମଧ୍ୟରୁ ଦକ୍ଷ ପ୍ରଜାପତି, ପ୍ରାଣ କ୍ଷେତ୍ରରୁ ବ୍ରହ୍ମର୍ଷି ବଶିଷ୍ଠ, ଚର୍ମ ମଧ୍ୟରୁ ବ୍ରହ୍ମର୍ଷି ଭୃଗୁ, ହସ୍ତରୁ ବ୍ରହ୍ମର୍ଷି କ୍ରତୁ, ନାଭିରୁ ବ୍ରହ୍ମର୍ଷି ପୁଲହ, କର୍ଣ୍ଣରୁ ବ୍ରହ୍ମର୍ଷି ପୌଲସ୍ତ୍ୟ, ମୁଖ ମଧ୍ୟରୁ ବ୍ରହ୍ମର୍ଷି ଅଙ୍ଗିରା, ନେତ୍ର ମଧ୍ୟରୁ ବ୍ରହ୍ମର୍ଷି ଅତ୍ରି,

ମନ ମଧ୍ୟରୁ ବ୍ରହ୍ମର୍ଷି ମରିଚୀ ତଥା ଧ୍ୟାନ ମଧ୍ୟରୁ ବ୍ରହ୍ମର୍ଷି ଅଥର୍ବଣ ପ୍ରକାଶିତ ହୋଇଥିଲେ । ବ୍ରହ୍ମଦେବଙ୍କ ମାନସରୁ ଉତ୍ପତ୍ତି ହୋଇଥିବା ଋଷିଗଣ ବ୍ରହ୍ମର୍ଷି ବା ପ୍ରଜାପତି ବୋଲାଇ ଆସୁଛନ୍ତି । ବ୍ରହ୍ମର୍ଷିଗଣ ବ୍ରହ୍ମଲୋକଗତ ଥିବାବେଳେ, ମଧୁକୈଟଭ ଦୈତ୍ୟଙ୍କ ମେଦରୁ ସୃଷ୍ଟି ମେଦିନୀକୁ ଚାହିଁବାକାଳେ ତାଙ୍କରି ଛାୟା ମେଦିନୀରେ ପ୍ରତିଫଳିତ ହୋଇଥିଲା । ଏବଂ ସେହି ପ୍ରତିଫଳିତ ଛାୟାରୁ ଜନ୍ମିଥିଲେ ମହର୍ଷି କର୍ଦମ । ଏଥକୁ ନେଇ ଶ୍ରୀମଦ୍ ଭାଗବତ ଗ୍ରନ୍ଥର ସ୍କନ୍ଦ ୩ ଅଧ୍ୟାୟ ୧୨ ଶ୍ଳୋକ ୨୭ କହେ –

**ଛାୟାୟାଃ କର୍ଦମୋ ଜଜ୍ଞେ ଦେବହୁତ୍ୟାଃ ପତିଃ ପ୍ରଭୁଃ ।**
**ମନସୋ ଦେହତଶ୍ଚେଦଂ ଜଜ୍ଞେ ବିଶ୍ୱକୃତୋ ଜଗତ୍ ॥**

ଅର୍ଥାତ୍ ଛାୟାରୁ ପ୍ରକଟିତ ଦେବହୁତୀଙ୍କ ପତି ମହିଯାତ ମହର୍ଷି କର୍ଦମ ଅଟନ୍ତି । ଏପରି ସାରା ଜଗତକୁ ବ୍ରହ୍ମଦେବଙ୍କ ଶରୀର ତଥା ମନରୁ ଉତ୍ପତ୍ତି ହୋଇଥିଲେ । ବ୍ରହ୍ମଦେବ ନିଜ ଇଚ୍ଛାରୁ ମହିରେ ୧୦ହଜାର ବର୍ଷ ତପସ୍ୟା କରି ତଥା ସେହି ତପସାାରେ, ତପସ୍ୟାର କ୍ଷେତ୍ରାଞ୍ଚଳ ପରିବେଶ ନିର୍ମଳ କ୍ରମେ ସୁଭ୍ରତା ହେବା କାରଣରୁ ସେଠାରେ ସ୍ମରଣୀୟ ରୂପେ ତାମାଙ୍ଗୀ ନାମରେ ଜନପଦ ଆଜି ସୁଦ୍ଧା ରହିଆସିଛି । ମହର୍ଷି କର୍ଦମଙ୍କ ପ୍ରକଟ ସ୍ଥଳି ପଦ୍ମନାଭଗିରି ପାଦଦେଶ ତଥା ତପସ୍ୟା କ୍ଷେତ୍ର ଅଟେ । ବୈଜ୍ଞାନିକମାନେ ସେ କାଳ ପରିବେଶକୁ ବାୟୁମୟ ବା ପ୍ରିକେମ୍ବ୍ରିୟନ ପିରିୟଡ ବୋଲି କହନ୍ତି ।

ଏହି ପ୍ରିକେମ୍ବ୍ରିୟନ ପିରିୟଡର ପ୍ରାରମ୍ଭ କାଳରେ ବ୍ରହ୍ମଲୋକରୁ ବ୍ରହ୍ମର୍ଷିମାନେ ପ୍ରଜାପତି ରୂପେ ମହର୍ଷି କର୍ଦମଙ୍କ ସମିପକୁ ଅବତରଣ କରିଥିଲେ । ପରିବେଶ ମଧ୍ୟରେ ପଞ୍ଚଭୂତ ପ୍ରକ୍ରିୟାକୁ କାର୍ଯ୍ୟକାରି କରିବା ପାଇଁ ମଧୁକୃଷ୍ଣ ତ୍ରୟୋଦଶ୍ୟାଂ ଶନୌ ଶତଭିଷା ଶୁଭେ ଯୋଗକୁ ଆଦରି ପ୍ରଥମ ବରୁଣ ଯଜ୍ଞ କରି କୁଲ୍ୟା ପ୍ରକ୍ରିୟକୁ ପ୍ରତିପାଳନ କରିଥିଲେ । ଏହି ବାରୁଣୀ ଯଜ୍ଞରେ ବ୍ରହ୍ମର୍ଷିଗଣ ମହର୍ଷି କର୍ଦମଙ୍କୁ କର୍ତ୍ତା ରୂପେ ବସାଇଥିଲେ । ଏତଦ୍ୱାରା କ୍ଷେତ୍ରସ୍ଥ ଯଜ୍ଞ କୁଣ୍ଡରେ ବିନ୍ଦୁ ବିନ୍ଦୁ ଜଳ ନିର୍ଗତ ହେଲା । ଯଜ୍ଞକୁଣ୍ଡ ନିର୍ଗତ ଜଳରେ ପୂର୍ଣ୍ଣ ହେବାକୁ ଯାଉଛି, ହଠାତ୍ ସ୍ୱୟମ୍ଭୁ ରୂପେ ଏକ ଲିଙ୍ଗ ପ୍ରକଟ ହୋଇଥିଲା । ଯଦ୍ୱାରା କୁଣ୍ଡସ୍ଥ ବିନ୍ଦୁସର ଜଳ ପ୍ରଥମେ ନିମ୍ନ କ୍ଷେତ୍ରକୁ ନେଇ ପ୍ରତିକ୍ରିୟା କୁଲ୍ୟା (ସରସ ସକାଶେ ମୁହାଁଇବା)କୁ ଧାରଣ କରିଥିଲା । ପରବର୍ତ୍ତୀ କାଳରେ ଧାରାବାହିକ ପ୍ରବାହିତ ହୋଇ ସ୍ରୋତ ଧାରା ନିଜକୁ ସରସ୍ୱତୀ ବୋଲାଇ ଥିଲା ।

ସରସ୍ୱତୀ ନଦୀର ଧାରେ ଧାରେ ତଥା ଏହାର ଉତ୍ତର ପାର୍ଶ୍ୱରେ ବ୍ରହ୍ମର୍ଷିଗଣ ଆଶ୍ରମମାନ କରି ତପ କରିବାକୁ ଲାଗିଲେ । ଇତ୍ୟବସର ମଧ୍ୟରେ ସ୍ୱାୟଂମ୍ଭୁବ ମନୁ ନିଜର ମଧ୍ୟମ କନ୍ୟା ଦେବହୁତୀଙ୍କୁ ଧରି ଆସି ମହର୍ଷି କର୍ଦମଙ୍କୁ ବ୍ରାହ୍ମ ନିୟମ କ୍ରମେ ବ୍ରାହ୍ମ ବିବାହର ଆରମ୍ଭ ହୋଇଥିଲା । ମହର୍ଷି କର୍ଦମଙ୍କ ଔରଷ ତଥା ଦେବହୁତୀଙ୍କ ଗର୍ଭରୁ ଏଠାରେ ନବକନ୍ୟା ଯାତ ହୋଇ, ନବ ବ୍ରହ୍ମର୍ଷିଙ୍କୁ ବିବାହ କରିଥିଲେ । ନବ ବ୍ରହ୍ମର୍ଷି ନବ କନ୍ୟାଙ୍କୁ ବିବାହ କରି ଯେ ଯାହାର ଆଶ୍ରମକୁ ଗଲାପରେ ଭଗବାନ୍ ବିଷ୍ଣୁ କପିଳ ନାମରେ ଜନ୍ମ ହୋଇ, ମାତାଙ୍କୁ ଏଠାରେ ସାଂଖ୍ୟ ଦର୍ଶନ ଶୁଣାଇ ମାତାଙ୍କ ମନରେ ଥିବା ଜାଗତୀକ ମୈଳାକୁ ଦୂରେଇ ଦେଇଥିଲେ ।

ମାତା ଦେବହୂତୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିବା କ୍ଷେତ୍ରକୁ ଆଧାର କରି ସ୍ମରଣୀୟ ହୋଇ ପିଣ୍ଡିକାରିପି (ପିଡିକାରିପି) ଏକ ଜନପଦ ଏଠାରେ ରହିଛି । ପଦ୍ମନାଭଗିରି କ୍ଷେତ୍ରରେ ମହଦାବି ଭିନ୍ନ ଭିନ୍ନ ତତ୍ତ୍ୱର ଉତ୍ପତ୍ତି, ପ୍ରକୃତି ପୁରୁଷର ଉତ୍ପତ୍ତିରୁ ମୋହର କିପରି ପ୍ରକଟ, ଅଷ୍ଟାଙ୍ଗ ଯୋଗର ବିଧି, ଭକ୍ତିର ମର୍ମ କାଳର ମହିମା, ଦେହଗେହର ଆସକ୍ତ ପୁରୁଷଙ୍କ ଅଧୋଗତୀ, ମନୁଷ୍ୟ ଯୋନି ପ୍ରାପ୍ତ ଜୀବଙ୍କର ଗତି, ଧୂମମାର୍ଗ ତଥା ଅର୍କରାଦି ମାର୍ଗ ଦ୍ୱାରା ପ୍ରଚଳିତର ଗତି ତଥା ଭକ୍ତି ମାର୍ଗର ଉତ୍କୃଷ୍ଟତା ଶୁଣି ମାତା ଦେବହୁତୀ ମୋକ୍ଷ ଜ୍ଞାନକୁ ପ୍ରାପ୍ତ ହୋଇପାରିଥିଲେ । ପ୍ରାୟ ୧୯୭ କୋଟି ବର୍ଷ ତଳେ ଏହି ପ୍ରଚଳିତ ଗିରି ପାଦ ଦେଶରେ ତତ୍ତ୍ୱର ଉତ୍ପତ୍ତି ହୋଇଥିଲା । ଭଗବାନ କପିଳ ନିଜର ବ୍ରହ୍ମବାଦିନୀ ମାତାଙ୍କ ଅନୁମତୀ ନେଇ ପିତାଙ୍କ ଆଶ୍ରମଠାରୁ ଐଶାନ୍ୟ କୋଣକୁ ଯାତ୍ରା କରିଥିଲେ । କଲିକତା ସହର ସମିପରେ ଥିବା ଗଙ୍ଗା ସାଗରର ମିଳନ ସ୍ଥଳିରେ ଆଜି ମଧ ତଙ୍କ ଆଶ୍ରମ ଥିବା ସ୍ମରଣୀୟ । କାରଣ ସେଠାରେ ଧୁମଧାମରେ ଯାତ୍ରା ହେଉଛି, କିନ୍ତୁ ମାତା ଦେବହୁତୀ ପୁତ୍ର କପିଳ ଯିବା ପରେ ସରସ୍ୱତୀଙ୍କ ମକୁଟ ସଦୃଶ ନିଜ ଆଶ୍ରମରେ ଉପଦେଶକୁ ପାଇ ଯୋଗସାଧନ ଦ୍ୱାରା ଯୋଗନ୍ୟାସ କରି ସମାଧିତ୍ୱ ପ୍ରାପ୍ତ ହୋଇଥିଲେ । ପତିଙ୍କ ବନଗମନ ପରେ ପରେ ପୁତ୍ର ବିୟୋଗରେ ବ୍ରତି ହୋଇ ତଥା ତାଙ୍କରି ଚରଣକୁ ଧାନ କରି କରି ପୂର୍ବେ କହିଥିବା ପ୍ରକାରେ ନିଜ ଶରୀରରୁ ନିର୍ଗତ ଜଳ ପ୍ରବାହିତ ହୋଇ ସରସ୍ୱତୀ ନଦୀରେ ମିଶିଲେ ମୁକ୍ତି ପାଇଯିବା । କରଡା ଜନପଦରୁ ନିର୍ଗତ ଶରୀରରୁ ଜଳ ଦେବହୁତୀ ନଦୀ (କରଡାନାଳ) ପ୍ରବାହିତ ଥିବା ସ୍ଥଳେ କ୍ଷେତ୍ର ଅବହେଳିତ ।

**ବ୍ରହ୍ମର୍ଷି ବଶିଷ୍ଠ –**

ବଶିଷ୍ଠଙ୍କ ଉତ୍ପତ୍ତିକୁ ନେଇ ଭିନ୍ନ ଭିନ୍ନ ପ୍ରମାଣ ପୁରାଣମାନଙ୍କରୁ ମିଳୁଛି । ତାଙ୍କର ପ୍ରଥମ ଉତ୍ପତ୍ତି ବ୍ରହ୍ମାଙ୍କ ପ୍ରାଣରୁ ମାନଷ ପୁତ୍ର ରୂପେ ବ୍ରହ୍ମଲୋକରେ ହୋଇଥିଲା । ବ୍ରହ୍ମଲୋକରୁ ଭୂଲୋକ ଅବତରି ମେଦିନୀଗତ ଥିବା ଆଜିର ଜନପଦ ଆଡିପଙ୍କା (ଆଦିପଙ୍କା)ଠାରେ ଥିବା ମୁଣ୍ଡେଶ୍ୱର ଗରିର ମଧ କ୍ଷେତ୍ରରେ ଆଶ୍ରମ କରି ତପସ୍ୟା କରୁଥିଲେ । ଏହି ତପସ୍ୟାର ଦିର୍ଘତା ଯଥେଷ୍ଟ ଥିଲା । ତପସ୍ୟାର ପ୍ରାଥମିକତା କାଳରେ ବା ସ୍ୱୟଂଭୁବ ମନୁଙ୍କ ମନ୍ୱନ୍ତର ପ୍ରାରମ୍ଭରେ କର୍ଦ୍ଦମ କନ୍ୟା ଅନୁନ୍ଧତୀଙ୍କ ପାଣି ଗ୍ରହଣ କରି ତପସ୍ୟା କ୍ରମରେ ପରିବେଶ ସଜାଡ଼ିଥିଲେ । ଏପରି ମନ୍ୱନ୍ତର ପରେ ମନ୍ୱନ୍ତର ଅତିକ୍ରମ କରି ବୈବସତ୍ୱ ମନ୍ୱନ୍ତରକୁ ପାଦ ବଢ଼ାଇ ଥିଲେ ।

ଏହି ମନ୍ୱନ୍ତର ପ୍ରାରମ୍ଭରୁ ସେ ସୂର୍ଯ୍ୟବଂଶି ବୈବସତ୍ୱ ମନୁଙ୍କ ରାଜ ପୁରୋହିତ ରୂପେ କାର୍ଯ୍ୟ କରୁଥିଲେ । ସୂର୍ଯ୍ୟବଂଶ ସମ୍ରାଟ ନିମିଙ୍କ ରାଜତ୍ୱ କାଳରେ ଯଜ୍ଞକୁ ନେଇ ମନାନ୍ତର ଉଭୟଙ୍କ ମଧରେ ହୋଇଥିଲା । ରାଜଗୁରୁ ବଶିଷ୍ଠ ତଥା ମହାବିଷ୍ଣୁ ଭକ୍ତ ନିମି ପରସ୍ପର ଶାପ ଦେବା ନେବା ହୋଇଥିଲେ । ଯଦ୍ୱାରା ସମ୍ରାଟ ନିମି ଅଶରିରୀ ହୋଇ ମଧ ପ୍ରକୃତ ବିଷୟ ବୁଝିବା ପାଇଁ ଚକ୍ଷୁ ପତାରେ ରହିଲେ ଏବଂ ବ୍ରହ୍ମର୍ଷି ବଶିଷ୍ଠ ବ୍ରହ୍ମଦେବଙ୍କ ଆଦେଶ ପ୍ରକାରେ ପ୍ରଥମ ଶରୀର ତ୍ୟାଗ କରି ମିତ୍ରାବରୁଣଙ୍କ ଶରୀରଗତ ହୋଇଥିଲେ । ଏହାଙ୍କ ଆଶ୍ରମ ଥିଲା ଆଜିର ଜନପଦ ନାମ କୁମ୍ଭିକେତାଠାରେ । ଅକସ୍ମାତ୍ ଉତ୍ପତ୍ତି ମିତ୍ରାବରୁଣଙ୍କ ନିଜ ତେଜକୁ ଏକ କୁମ୍ଭିନରେ ସାଇତି ଥିଲେ । ସମୟକୁ ନେଇ ସେହି କୁମ୍ଭିନ ମଧରୁ ଉତ୍ପତ୍ତି ବାକ୍ତି ମହର୍ଷି ଆଗସ୍ତି ମୂନୀ ବୋଲାଇ ଥିଲେ । ଦ୍ୱିତୀୟ ବାକ୍ତିଙ୍କ ସ୍ୱରୂପ ବ୍ରହ୍ମର୍ଷି ବଶିଷ୍ଠ ବୋଲାଇଥିଲେ ।

ଏହି ପ୍ରଚଳିତ ମନ୍ୱନ୍ତରର ପ୍ରାରମ୍ଭ କାଳରେ ଏହି ମୁଣ୍ଡେଶ୍ୱରଗିରି ଅଞ୍ଚଳରେ ଋଷିକୂଲ୍ୟା ସରସ୍ୱତୀ ତଥା ଦୁଲୁରୀ ସ୍ରୋତର ମିଳନ କ୍ଷେତ୍ରରେ ବ୍ରହ୍ମତ୍ୱର ସୁରକ୍ଷାକୁ ନେଇ ତପସ୍ୟାରତ ବଶିଷ୍ଠ ଥିଲେ । ଏପରି କାଳେ ଗାଧି ପୁତ୍ର

ବିଶ୍ୱାମିତ୍ର ବ୍ରହ୍ମର୍ଷିଙ୍କ ଅତିଥି ରୂପେ ବିଶେଷ ସେବା ସୈନ୍ୟ ସାମନ୍ତଙ୍କ ସହ ପାଇଥିଲେ । ସେ ସେବାର ଅପୂର୍ବତା ଦେଖି ବିଶ୍ୱାମିତ୍ର ଅନୁସନ୍ଧାନରୁ ଜାଣିପାରିଥିଲେ, ସେବା ମୂଳେ ଗୋ ମାତା କାମଧେନୁ ରହିଛନ୍ତି । ଏଥକୁ ନେଇ ବିଶ୍ୱମିତ୍ର ସମ୍ରାଟଙ୍କ ବିଚାର ଥିଲା, ଏପରି ଗୋ ମାତା କେବଳ ରାଜଦ୍ୱାରେ ତିଷ୍ଠି ରହିବା ଆବଶ୍ୟକ କହି ବଳାତ୍କାରରେ ଗୋମାତାଙ୍କୁ ନେବାକୁ ଚେଷ୍ଟା କରିଥିଲେ । ଏଥକୁ ନେଇ ବ୍ରହ୍ମଶକ୍ତି ବଶିଷ୍ଠ ତଥା କ୍ଷତ୍ରିୟ ଶକ୍ତି ଆସ୍ତ୍ର ପ୍ରଚଳନ କରି ବିଶ୍ୱାମିତ୍ର କହିଥିଲେ –

**ଦିଗ୍‌ବଳଂ କ୍ଷତ୍ରିୟବଙ୍କ ବ୍ରହ୍ମତେଜୋବଳଂ ବଳମ୍ ।**
**ଏକେନ ବ୍ରହ୍ମଦଣ୍ଡେନ ସର୍ବସ୍ତ୍ରାଣି ହତାନି ମେ ॥**

କହି ସମସ୍ତ କିଛି ତ୍ୟାଗ କରି ହଜାର ହଜାର ବର୍ଷ ତପସ୍ୟା କରି ବ୍ରହ୍ମ ଶକ୍ତିରେ ଶକ୍ତିବାନ ହୋଇ ବଶିଷ୍ଠଙ୍କ ଦ୍ୱାରା ବ୍ରହ୍ମର୍ଷି ବୋଲାଇଥିଲେ ।

ବ୍ରହ୍ମର୍ଷି ବଶିଷ୍ଠ  ମତେ ବ୍ରହ୍ମର୍ଷି ଉଚ୍ଚାରଣ ସମ୍ବୋଧନରେ ଆହ୍ୱାନ କରନ୍ତୁ କହି ବଶିଷ୍ଠଙ୍କ ଏକ ସତ ପୁତ୍ରଙ୍କୁ ଜେଷ୍ଠ ପୁତ୍ର, ମହର୍ଷି ଶକ୍ତିଙ୍କ ସହ ହତ୍ୟା କରିଥିଲେ । ଏକଶତ ପୁତ୍ର ହତ୍ୟାକୁ ବଶିଷ୍ଠ ସମ୍ଭାଳି ନେଇଥିଲେ କାରଣ ବିଶ୍ୱାମିତ୍ରଙ୍କ ଉଗ୍ର ତପସ୍ୟାରେ ପ୍ରସନ୍ନ ହୋଇ ଶେଷରେ ବ୍ରହ୍ମର୍ଷି କହି ଆହ୍ୱାନ କରିଥିଲେ ।

ମହର୍ଷି ପରାସର ବଶିଷ୍ଠଙ୍କ ନାତୀ, ଶକ୍ତି ପୁତ୍ର ଅତୀତ ଘଟଣା ଜାଣିବା ପରେ ପିତୃପ୍ରତିଶୋଧ ନେବାପାଇଁ ବ୍ରହ୍ମର୍ଷି  ପୌଲସ୍ତ୍ୟଙ୍କୁ ଗୁରୁ କରି ଶିକ୍ଷା ଲାଭ କରିଥିଲେ । କିନ୍ତୁ ପ୍ରତିଶୋଧ ନେବା ଠିକ୍ ନୁହେଁ କହି ବଶିଷ୍ଠ ବାରଣ କରିଥିଲେ । ବ୍ରହ୍ମର୍ଷି ସମ୍ବୋଧିତ ବିଶ୍ୱାମିତ୍ର ଦିନେ କଥା କଥାରେ ବଶିଷ୍ଠଙ୍କ ସହ ମଜ୍ଜି ଯାଇଥିଲେ । ଉଭୟଙ୍କ ମଧ୍ୟେ ସତ୍‌ସଙ୍ଗ ବଡ଼ ନା ତପସ୍ୟା ବଡ଼ କୁ ନେଇ ବିବାଦ ଉଠିଥିଲା । ସମାଧାନ ନହେବା କାରଣରୁ ଉଭୟେ ଅନନ୍ତଙ୍କ ସମିପ ହୋଇଥିଲେ । ଏଠାରେ ପ୍ରକାଶ ଥାଉକି (କ୍ଷେତ୍ର ସୋରଡ଼ା ବ୍ଲକ୍ ଅନ୍ତର୍ଗତଥିବା ଗୋଚ୍ଛା ସମିପ ତଥା ରଜନୀମେଙ୍କା ଗିରି ନିମ୍ନରେ । ଏଥକୁ ପଥ ମଧ୍ୟ ପରିଷ୍କାର ରହିଛି) ଶେଷରେ ବ୍ରହ୍ମର୍ଷି ଦ୍ୱୟ ନିଜ ନିଜ ବିଚାରକୁ ସମ୍ମୁଖରେ ରଖିଥିଲେ । ବିଶିଷ୍ଠଙ୍କ ଉକ୍ତି ଥିଲା ସତସଙ୍ଗ, ବିଶ୍ୱାମିତ୍ରଙ୍କ ଉକ୍ତି ଥିଲା ତପସ୍ୟା ।

ପୃଥିବୀ ଧାରଣ କରିଥିବା ଅନନ୍ତ କହିଲେ ବର୍ତ୍ତମାନ ମୁଁ ପୃଥିବୀକୁ ଧାରଣ କରିଛି । ଯଦି ଏହାକୁ କିଏ ଧାରଣ କଲେ କହିବି । ଏପରି ଶୁଣିବା ପରେ ବିଶ୍ୱାମିତ୍ର ନିଜ ତପସ୍ୟା କାଳକୁ ସଂକଳ୍ପ କରି ପୃଥିବୀକୁ ଧରିଥିଲେ । କିନ୍ତୁ ମନର ଘମଣ୍ଡ ଥିବା କାରଣରୁ ପୃଥିବୀରେ ଭୂକମ୍ପ ହେବାକୁ ଲାଗିଲା । ଏଥକୁ ଦେଖି ସତସଙ୍ଗର ଅଧକ୍ଷଣକୁ ବଶିଷ୍ଠଙ୍କ ସଂକଳ୍ପ କରି ପୃଥିବୀକୁ ଅତି ଜାଗ୍ରତରେ ବହୁ ସମୟ ଧରି ରଖିଥିଲେ । ଶେଷନାଗ ନିଜର ମତ୍ତ ଦେଇ କହିଥିଲେ- ଅଧା କ୍ଷଣ ସତ୍‌ସଙ୍ଗ ସଂକଳ୍ପ ସହିତ ହଜାର ହଜାର ବର୍ଷର ତପସ୍ୟା ସମାନ ନୁହେଁ ।

**ବ୍ରହ୍ମର୍ଷି ପୌଲସ୍ତ୍ୟ**

ବ୍ରହ୍ମଦେବଙ୍କ ମାନସ ସନ୍ତାନ ରୂପେ ବ୍ରହ୍ମର୍ଷି ପୌଲସ୍ତ୍ୟ ବ୍ରହ୍ମଦେବଙ୍କ କର୍ଣ୍ଣରୁ ଉତ୍ପତି ହୋଇଥିଲେ । ପଦ୍ମନାଭଗିରିକୁ ଅବତରଣ କରି କର୍ଦମ କନ୍ୟା ହବିର୍ଭୁଙ୍କ ପାଣି ଗ୍ରହଣ କରି ଆଜି ରାମନାମବାଡ଼ି ବୋଲାଉଥିବା ଯଜ୍ଞେଶ୍ୱର କ୍ଷେତ୍ରକୁ ଆସି ଆଶ୍ରମ କରିଥିଲେ । ଏଠାରେ ସେ ତପସ୍ୟା କରି ଥିଲେ । ସନ୍ଧ୍ୟା ପ୍ରତିତୀ ପ୍ରିତି ଆଦି ଅନେକ ସ୍ତ୍ରୀ ଥିଲେ । ଦନ୍ତୋଲି ନାମକ ପୁତ୍ର ସହିତ ମହର୍ଷି ବିଶ୍ରବା ମଧ ଏହି ରାମନାମ ବାଡିଠାରେ ଜନ୍ମିଥିଲେ । ଶୁଣାଯାଏ ମହର୍ଷି ଦଭୋଳି ହିଁ ମନ୍ୱନ୍ତର ଆରମ୍ଭରେ ଅଗସ୍ତି ମୁନୀ ରୂପେ ପ୍ରକଟ ହୋଇଥିଲେ । କର୍ଦମ କନ୍ୟା ହବିର୍ଭୁଙ୍କ ଗର୍ଭରୁ ମହର୍ଷି ବିଶ୍ରବା ଜନ୍ମିଥିଲେ ।

ପ୍ରଚଳିତ ମନ୍ୱନ୍ତରରେ ଏଠାରେ ମହର୍ଷି ବିଶ୍ରବାଙ୍କ ଔରଷରୁ କୁବେର, ରାବଣ, କୁମ୍ଭକର୍ଣ୍ଣ, ବିଭିଷଣ, ଖର ଦୂଷଣ ଆଦି ଜନ୍ମିଥିଲେ । ଦେବର୍ଷି ନାରଦ ଏଠାରେ ବ୍ରହ୍ମର୍ଷି ପୌଲସ୍ତ୍ୟଙ୍କଠାରୁ ବାମନ ପୁରାଣ ଶୁଣିଥିଲେ । ମହର୍ଷି ପରାଶରଙ୍କ ସେ ଥିଲେ ଜଣେ ଉତ୍ତମ ଗୁରୁ । ଏଣୁ ମହର୍ଷି ପରାଶର ପୁଲସ୍ତ୍ୟ ପ୍ରେରଣାରେ ସମସ୍ତ ଜ୍ଞାନର ଅଧିକାରୀ ହେବା ସହିତ ଅନ୍ତରିକ୍ଷ ଜ୍ଞାନ ପ୍ରାପ୍ତ ହୋଇଥିଲେ । ବ୍ରହ୍ମର୍ଷି ପୌଲସ୍ତ୍ୟ ଜଣେ ମାନ୍ୟତା ପ୍ରାପ୍ତ ତପସ୍ୱୀ ଥିଲେ । ଏହି କାରଣରୁ ମହିଷ୍ମତିପୁରୀ ଆଜିର ଛତ୍ରପୁର ବ୍ଲକ ମଧରେ ଥିବା ବୀରସିଂହ ବା ବିରିସିଂହ ପାହାଡ଼) ଠାରେ ସହସ୍ରାର୍ଜୁନ ବନ୍ଦିକରି ରଖିଥିଲେ । ପୌଲସ୍ତ୍ୟ ବ୍ରହ୍ମର୍ଷିଙ୍କ ଅନୁରୋଧରେ ରାବଣ ଏଠାରୁ ଛାଡ଼ ପାଇଥିଲେ ।

ବ୍ରହ୍ମଦେବଙ୍କ ସର୍ବତତ୍ତ୍ୱଜ୍ଞ ପୁତ୍ର ବ୍ରହ୍ମର୍ଷି ଭାଭୁଙ୍କଠାରୁ ତତ୍ତ୍ୱଜ୍ଞାନ ପ୍ରାପ୍ତ କରିଥିବା ମହର୍ଷି ନିଦାଘ ବ୍ରହ୍ମର୍ଷି ପୌଲସ୍ତ୍ୟଙ୍କ ପୁତ୍ର ଥିଲେ । ବର୍ତ୍ତମାନ ମଧ ବ୍ରହ୍ମର୍ଷି ଅଦୃଶ୍ୟରେ ରହି ଜଗତର ରକ୍ଷଣାବେକ୍ଷଣ କରି ଚାଲିଛନ୍ତି । ଏବଂ ସେ ନଦୀ ପୁଷ୍ପ ଲୁଫବହା କ୍ଷେତ୍ରରେ ପୋତି ହୋଇ ରହିଥିବା ବ୍ରହ୍ମେଶ୍ୱର ଲିଙ୍ଗ, ୧୯୮୪ରେ ଉଦ୍ଧାର ପାଇ ଆଜି ଜଜ୍ଞେଶ୍ୱର ନାମେ ଆରାଧ ଅଟନ୍ତି । ପ୍ରଚଳିତ ମନ୍ୱନ୍ତରରେ ବିଭିନ୍ନ କାଳରେ ବିଭିନ୍ନ ମହର୍ଷିଙ୍କ ଆଶ୍ରୟସ୍ଥଳି କ୍ଷେତ୍ରଟି ଥିଲା ।

**ବ୍ରହ୍ମର୍ଷି ଅଥର୍ବଣ**

ବ୍ରହ୍ମଦେବଙ୍କ ମାନସ ସନ୍ତାନ ରୁପେ ତାଙ୍କ ଧାନରୁ ବ୍ରହ୍ମଲୋକରେ ହିଁ ପ୍ରକଟ ହୋଇ ପଦ୍ମନାଭଗିରି ପୀଠକୁ ଅବତରଣ କରିଥିଲେ । ତଥାପି ଆଜିର ପିପଲପଙ୍କା ଜନପଦ କ୍ଷେତ୍ରରେ ଥିବା ରଜନୀମେକାଂଗିରି ବା ଅତୀତର ଶତଶୃଙ୍ଗ ପାହାଡର ଉତ୍ତର ପାର୍ଶ୍ୱରେ ଆଶ୍ରମ କରି ତପସ୍ୟା କରୁଥିଲେ । ସପସ୍ୟାର ଆରାଧ ଦେବତା ଥିଲେ ଅଥର୍ବେଶ୍ୱର । ଋଷି ପାହାଡ଼ର ପାର୍ଶ୍ୱରେ କର୍ଦମ କନ୍ୟା ଶାନ୍ତିଙ୍କ ପାଣି ଗ୍ରହଣ କରି ଏଠାରେ ଘୋର ତପସ୍ୟରେ ମଗ୍ନ ରହୁଥିଲେ । ମହର୍ଷି ଦଧିଚିଙ୍କ ଏଠାରେ ଜନ୍ମ କିନ୍ତୁ ବଜ୍ରକୂଟ ଗିରିରେ ତପସ୍ୟାର ଆଶ୍ରମ ତାଙ୍କର ଥିଲା ।

ବ୍ରହ୍ମର୍ଷି ଅଥର୍ବଣ ଏଠାରେ ପରମାଣୁକୁ ନେଇ ଗବେଷଣା କରିଥିବା ଏକ କିମ୍ବଦନ୍ତି ରୂପକ କଥା ରହି ଆସିଛି । ସେ ତପସ୍ୟାରେ ଏପରି ମଗ୍ନ ରହୁଥିଲେ ଯଦ୍ୱାରା ତାଙ୍କର ଲକ୍ଷ ଥିଲା ଉର୍ଦ୍ଧ୍ୱସ୍ଥ ଏମାମିରେ । ଏପରି କାଳରେ ଗୋଟିଏ ଜନ୍ଦା (ପିପଲ) ପଙ୍କରୁ ବାହାରି ବ୍ରହ୍ମର୍ଷିଙ୍କୁ କାମୁଡିଦେଲା । ଯଦ୍ୱାରା ତପସ୍ୱୀ ଅଥର୍ବଣଙ୍କ ଲକ୍ଷ ଅଗ୍ରରେ ଥିବା ଧାନରୁ ଅବତରୀ ନିମ୍ନକୁ ଆସି ଯାଇଥିଲା । ଏପରି ଅବସ୍ଥାର ସମ୍ମୁଖୀନ ହୋଇ ବ୍ରହ୍ମର୍ଷି ବିଚାର

କରିଥିଲେ- ମୋ ଲକ୍ଷ ଧାନକୁ ଯଦି ସାମାନ୍ୟ ଜନ୍ଦାଟିଏ ନିମ୍ନକୁ ଅବତରଣ କରାଇ ପାରେ ତେବେ ସେ ଜନ୍ଦା ମଧରେ କି ଶକ୍ତି ଅଛି ଜାଣିବା ନିହାତି ଆବଶ୍ୟକ ।

ସ୍ୱୟମ୍ଭୁବ ମନୁଙ୍କ ମନ୍ୱନ୍ତରରୁ ଗବେଷଣା ପୂର୍ବକ ନାମ ପରମାଣୁ ରହି ଆସିଛି । ବ୍ରହ୍ମର୍ଷି ପଙ୍କ ମଧରୁ ଜନ୍ଦା ସମୁଦାୟଙ୍କୁ ସଂଗ୍ରହ କରି, ତାର ସହୁପଯୋଗ ବ୍ୟବହାରରେ ପରମାଣୁ ଜଣ ସ୍ଥିର କରିଥିଲେ । ଏବଂ ପରମାଣୁ ଶକ୍ତି ବ୍ରହ୍ମଶକ୍ତି ତୁଲ୍ୟ ପ୍ରାୟ ସମାନ କହି ଅଥର୍ବ ବେଦରେ ବର୍ଣ୍ଣିତ । ଅତୀତରୁ ପ୍ରଚଳିତ ହୋଇ ରହିଆସିଥିବା ପରମାଣୁ ଶକ୍ତି, ଆଜି ବିରଳ ମୃତ୍ତିକାରେ ଦେଖିବାକୁ ମିଳୁଛି । କେନ୍ଦ୍ର ସରକାର ଯେତେସ୍ୱା ସଂଗ୍ରହ କରି ନେଲେ ସୁଦ୍ଧା ରାଜ୍ୟ ସରକାରଙ୍କ ପଦୁଟିଏ ମଧ ଅବିଭକ୍ତି ଗଂଜାମ ସପକ୍ଷକୁ  ନେଇ ଅର୍ଥଦେୟ କଥା କହୁନି ।

## ବ୍ରହ୍ମର୍ଷି ଅଙ୍ଗିରା

ବ୍ରହ୍ମଦେବଙ୍କ ମାନସ ସନ୍ତାନ ରୂପେ ତାଙ୍କରି ମୁଖରୁ ବ୍ରହ୍ମଲୋକରେ ଯାତହୋଇ ପଦ୍ମନାଭଗିରିକୁ ଅବତରଣ କରିଥିଲେ । ସମୟାମୁକ୍ରମେ କର୍ଦମ କନ୍ୟା ଶ୍ରଦ୍ଧାଙ୍କୁ ବିବାହ କରି ସୋରଡ଼ା ଜନପଦ କ୍ଷେତ୍ରରେ ଥିବା ବୁଦ୍ଧଲିଙ୍ଗେଶ୍ୱର ପୀଠରେ ଆଶ୍ରମ କରି ତପସ୍ୟାରତ ଥିଲେ ।

ବ୍ରହ୍ମର୍ଷି ଅଙ୍ଗିରା ଜଳ ମଧରେ ରହି ତପସ୍ୟା କଲାବେଳେ ଅଗ୍ନିଦେବ ମଧ ତପସ୍ୟା କରୁଥିଲେ । ଅଙ୍ଗିରା ବ୍ରହ୍ମର୍ଷିଙ୍କ ତିବ୍ର ତପସ୍ୟା ଆଗରେ ଅଗ୍ନି ନିଜକୁ ତୁଚ୍ଛ ବୋଧ କରି ସନ୍ତାପ ତଥା ଗ୍ଲାନି ବୋଧ କରିଥିଲେ । ବ୍ରହ୍ମର୍ଷି ଅଙ୍ଗିରା ଅଗ୍ନିଙ୍କ ହାବ ଭାବ ଦେଖି କହିଥିଲେ- ହେ ଅଗ୍ନି ! ଆପଣ ସନ୍ତାପ ହେବା କୌଣସି କାରଣ ନାହିଁ । ନିଜକୁ ନିଜେ ସନ୍ତୋଷ ଅନୁଭବ କରି ଜନ କଲ୍ୟାଣ କର । ଅଗ୍ନି କିନ୍ତୁ ହଇଚଇ ହୋଇ କହିଥିଲେ- ମୋର କିର୍ତ୍ତି ନଷ୍ଟ ହେବାକୁ ଯାଉଛି, ମତେ କିଏ ଆଉ ଅଗ୍ନି କହି ସମ୍ମାନ ଦେବେନାହିଁ । କିନ୍ତୁ ଆପଣ ଯଦି ଅଗ୍ନି ରୂପରେ ଦେବ ସମୁଦାୟଙ୍କୁ ଖାଦ୍ୟ ଯୋଗାଉଥିବେ, ସ୍ୱର୍ଗ ଯାତ୍ରାକାରୀଙ୍କୁ ମାର୍ଗ ଦର୍ଶନ କରାଉଥିବା ନିଜର ଦିବ୍ୟଜ୍ୟୋତି ଦ୍ୱାରା ମୁମୁକ୍ଷୁ ମାନଙ୍କ ଅନ୍ତଃକରଣ ଶୁଦ୍ଧ କରୁଥିବେ । ଇତ୍ୟାଦି କାରଣକୁ ଆଧାର କରି ତୁମକୁ ପୁତ୍ର ରୂପରେ ଗ୍ରହଣ କରିବି । ଅଗ୍ନିଦେବ ଏପରି ଶୁଣି ପ୍ରସନ୍ନ ହେଲେ । ତଥା ବୃହସ୍ପତି ରୂପରେ ଜନ୍ମିଥିଲେ ।

ବ୍ରହ୍ମର୍ଷିଙ୍କ ଆରାଧ ଲିଙ୍ଗଙ୍କ ନାମ ବୁଦ୍ଧଲିଙ୍ଗେଶ୍ୱର । ଅଗ୍ନିଦେବ ବୃହସ୍ପତି ରୂପେ ଜନ୍ମ ପୂର୍ବରୁ ଏହାଙ୍କ ପ୍ରଥମ ପୁତ୍ର ଉତଥ୍ୟ । ମହର୍ଷି ଉତଥ୍ୟ ମଧ ଜଣେ ଉଗ୍ର ତପସ୍ୱୀ ଥିଲେ । ତାଙ୍କ ତପସ୍ୟାରେ ପରିବେଶ ସ୍ୱୟଂ ମହର୍ଷିଙ୍କ ଭରଦ୍ୱାଜ ପୁତ୍ର ରୂପେ ପ୍ରକଟ ହୋଇଥିଲେ । ଇତ୍ୟାଦିକୁ ନେଇ କ୍ଷେତ୍ର ଅଗ୍ନିତୀର୍ଥ ରୂପେ ପରିଚିତ । ଭକ୍ତ ପ୍ରହ୍ଲାଦଙ୍କ ଦ୍ୱାରା ଉତ୍ପତି ଜଳଧାର ହିରନ୍ମୟୀ ଚନ୍ଦ୍ରା ପଦ୍ମାଳୟା ବା ପଦ୍ମାବତୀ ଆସି ଏଠାରେ ସରସ୍ୱତୀରେ ମିଳନ ହୋଇ ଏକ ବ୍ରହ୍ମର ( ବୁଦ୍ଧ) ଉଦୟ ହୋଇ ବିଷୟ ବହୁ ସ୍ଥାନରେ ଆସୁଛି । ସେ ନିଜେ ତପସ୍ୟା ବ୍ରତି ହୋଇ ଜଳ ମଧରେ ମଧ ଅଗ୍ନିଠାରୁ ତିବ୍ର ହୋଇଉଠିଥିଲେ । ବ୍ରହ୍ମର୍ଷିଙ୍କ ତପ ଅଗ୍ନି ଏଠାରେ ବ୍ରହ୍ମ ସ୍ୱରୂପ ପ୍ରକଟ ହୋଇପାରିଥିଲେ ।

## ବ୍ରହ୍ମର୍ଷି ଅତ୍ରି

ବ୍ରହ୍ମର୍ଷି ଅତ୍ରି ମଧ୍ୟ ଜଣେ ବ୍ରହ୍ମଦେବଙ୍କ ମାନସ ସନ୍ତାନ ରୂପେ, ତାଙ୍କର ନେତ୍ର ପ୍ରକଟିକ ଅଟନ୍ତି । ବ୍ରହ୍ମର୍ଷି ବ୍ରହ୍ମଲୋକଠାରୁ ପଦ୍ମନାଭଗିରିକୁ ଅବତରଣ କରି ସରସ୍ୱତୀଙ୍କ ଉତ୍ତର ପାର୍ଶ୍ୱରେ ଆଜିର ସୋରଡ଼ାଠାରେ ଆଶ୍ରମ କରି ତପରତ ଥିଲେ । ସେ କର୍ଦ୍ଦମ କନ୍ୟା ଅନସୂୟାଙ୍କ ପାଣି ଗ୍ରହଣ କରି, ମେଦିନୀ ମଧ୍ୟରେ ଥିବା ଆସୁରିକ ପ୍ରବୃତ୍ତିକୁ ଦୂରେଇଦେବା ପାଇଁ ଘୋର ତପସ୍ୟା ଭୂ ମଧ୍ୟରେ କରିଥିଲେ । ତପସ୍ୟାର ତିର୍ଯ୍ୟକତା ଏପରି ସ୍ଥିତିରେ ପହଞ୍ଚି ଥିଲା ଯଦ୍ୱାରା ପଞ୍ଚଭୂତ ପଞ୍ଚ ଲିଙ୍ଗ ରୂପ ଧାରଣ କରି ଅତ୍ରି ବ୍ରହ୍ମର୍ଷିଙ୍କୁ ସଫଳତା ଜଣାଇବାକୁ ଭୂ ମଧ୍ୟରେ ତାଙ୍କରି ସମିପସ୍ଥ ହୋଇଥିଲେ । ଏଥକୁ ନେଇ ପଞ୍ଚାନନ ମହାଦେବଙ୍କ ଏଠାରେ ଓଲଟ ସ୍ଥିତି ରହିଛି ।

ଅନସୂୟା ମଧ୍ୟ ଅସୂୟା ଭାବକୁ ତ୍ୟାଗ କରି ତପସ୍ୟାବ୍ରତି ଥିଲେ । ସୂର୍ଯ୍ୟବଂଶୀ ରାଜା ଦଣ୍ଡଙ୍କୁ ଅଭିଶାପ "ବାରବର୍ଷ ଧରି ରାଜ୍ୟରେ ବର୍ଷା ନ ହେଉ" କହିଦେବା ପରେ, ଅନସୂୟା ନିଜ ଯୋଗବଳରେ ଏକ ସରୋବର ସୃଷ୍ଟି କରି ସେଥିରେ ଜଳ ଧାରଣକୁ ସଂରକ୍ଷଣ କରିବା ପାଇଁ 'କାନୁସ' ନାମରେ ଏକ ପ୍ରକାର ମାଛ ସୃଷ୍ଟି କରିଥିଲେ । ତାହା ଆଜି ବାସ୍ତବତା ସହ ସୋରଡ଼ା ଘାଇ ରୂପେ ଦେଖିବାକୁ ମିଳେ । ଯୋଗ ମଧ୍ୟରେ ସରୋବର ସୃଷ୍ଟି କରିବା ବ୍ରହ୍ମ ତାତ୍ପର୍ଯ୍ୟ ନୁହେଁ କି ?

ଏକ ବ୍ରହ୍ମ ଦ୍ୱିତୀୟ ନାସ୍ତିର ଅଂଶ ସ୍ୱରୂପ ତ୍ରୟରୂପ ବ୍ରହ୍ମା ବିଷ୍ଣୁ ମହେଶ୍ୱର ଅନସୂୟାଙ୍କ ସତୀତ୍ୱ ପରିକ୍ଷା କରିବାକୁ ଆସି ମାତାଙ୍କ ଯୋଗବ୍ରହ୍ମରେ ପ୍ରଭାବିତ ହୋଇ ଶିଶୁତ୍ୱ ରୂପକୁ ଧାରଣ କରିଥିଲେ । ପରେ ପରେ ତ୍ରୟଦେବ ଚନ୍ଦ୍ର, ଦତ୍ତାତ୍ରେୟ ତଥା ଦୁର୍ବାଷା ରୂପେ ମାତାଙ୍କଠାରୁ ଜନ୍ମ ଏଠାରେ ହୋଇଥିଲେ । ବ୍ରହ୍ମକ୍ଷେତ୍ର ନିର୍ମିତ ଅମ୍ଳାନ ବସ୍ତ୍ର ମାତା ଦେବୀ ସୀତାଙ୍କୁ ଏଠାରେ ପ୍ରଦାନ କରି ମାଟିର ଗୌରବ ଅର୍ଜନ କରିଥିଲେ । ଏଠାରେ ଅନସୂୟା ଜଗତମାତା ସୀତାଙ୍କୁ ଉପଦେଶ କରିବା ସୁଯୋଗ ମିଳିଥିଲା ।

ବ୍ରହ୍ମର୍ଷି ଅତ୍ରି ଏଠାରେ ଅନେକ ଗ୍ରନ୍ଥ ରଚନା କରିବା ସହିତ, ଅତ୍ରି ସଂହିତା ନାମରେ ଏକ ମୂଲ୍ୟବାନ୍ ଗ୍ରନ୍ଥ ଲେଖିଥିଲେ । ପୁରାଣ କଥା ରହି ଏପରି ଆସିଛି ଯେ ଦିନେ ପୂର୍ବ ଶତ୍ରୁତାକୁ ଆଧାର କରି ସୂର୍ଯ୍ୟଦେବଙ୍କୁ ଦୈତ୍ୟ ରାହୁ ଆକ୍ରମଣ କରିଥିଲେ । ଯଦ୍ୱାରା ସୂର୍ଯ୍ୟ ସ୍ୱ ସ୍ଥାନରୁ ଚ୍ୟୁତ ହୋଇ ଧରାସାୟୀ ହେବାକୁ ଲାଗିଥିଲେ । କିନ୍ତୁ ଅତ୍ରି ବ୍ରହ୍ମର୍ଷି ସେ କାଳେ ନିଜର ତପସ୍ୟାବଳ, ଶୁଭ ସଂକଳ୍ପ ବା ବ୍ରହ୍ମବଳ ଦ୍ୱାରା ସୂର୍ଯ୍ୟଙ୍କୁ ରକ୍ଷା କରିଥିଲେ । ଯଦ୍ୱାରା ଜଗତ ସହିତ ବ୍ରହ୍ମାଣ୍ଡ ପ୍ରକାଶହୀନ ହେବା ପୂର୍ବରୁ ଉଦ୍ଧାର ପାଇଯାଇଥିଲା । ଏଥକୁ ନେଇ ବ୍ରହ୍ମର୍ଷି ଅତ୍ରି ନାମ ପ୍ରଭାକର ରୂପେ ରହି ଆସିଛି । ଏପରି ଅତ୍ରିବ୍ରହ୍ମର୍ଷିଙ୍କୁ ଆଧାର କରି ବେଦ, ପୁରାଣ ମାନଙ୍କରୁ ଅନେକ ଘଟଣା ଜାଣିବାକୁ ମିଳେ ।

**ମହର୍ଷି ରଚି-**

ସ୍ୱ.ମ୍ଭୁବ ମନୁଙ୍କ ତିନି କନ୍ୟା ମଧ୍ୟରୁ ପ୍ରଥମ କନ୍ୟା ଆକୂତୀଙ୍କ ସହ ବିବାହ କରି ଆଜିର ସୋରଡ଼ା ଜନପଦ ମଧ୍ୟରେ ଥିବା ଲିଙ୍ଗ ପୁଡ୍ ବା ପୁଡୁଗେଶ୍ୱର କ୍ଷେତ୍ରରେ ମହର୍ଷି ରଚି ଆଶ୍ରମ କରି ରହିଥିଲେ । ମହର୍ଷି ରଚି ବେଦୋକ୍ତ ପୁରୁଷ କାରଣରୁ ପୁରାଣରେ ପିତାମାତା, ଜନ୍ମସ୍ଥାନାଦି ଅଲଭ୍ୟ ଅଟେ । କିନ୍ତୁ ସେ ପୁଡ୍ ଲିଙ୍ଗଙ୍କୁ ଆରାଧନା ପୂର୍ବକ ଏଠାରେ ଘୋର ତପସ୍ୟା କରିଥିଲେ । ବ୍ରହ୍ମର୍ଷି ଋଭୁଙ୍କ ଉତ୍ପତି କାଳରୁ ମହର୍ଷି ରଚିଙ୍କ ଉତ୍ପତି ଏହି ପରିବେଶ ମଧ୍ୟରେ ହୋଇ ଥାଇ ପାରେ । କାରଣ ଋଷି ମୁନୀଗଣ ସେ ସମୟରେ ସ୍ୱତଃ ଉତ୍ପତି

ହୋଇ ପାରୁଥିଲେ କେବଳ ପରିବେଶ ଆଧାର ରୂପେ । ଏଣୁ ଏଠାରେ ଏଥକୁ ନେଇ ବର୍ଣ୍ଣିତ ଯେ, ପରିବେଶ ଯଦି ଆକୂତୀଙ୍କ ଭାଇ ରୂପରେ ରଚିର ପରିବେଶ ହେଲେ ମଧ, ମହାରାଣୀ ଶତରୂପାଙ୍କ ଅନୁମତି କ୍ରମେ ପ୍ରଜାପତି ରଚିଙ୍କ ସହିତ ପୁତ୍ରକା ଧର୍ମ ଅନୁସାରେ ବିବାହ କରାଯାଇଥିଲା । ଏଣୁ ଭାଗବତରେ କଥା ରହିଛି ଭଗବାନଙ୍କୁ ରଚିପୂର୍ଣ୍ଣ ଚିନ୍ତନ କରି ବ୍ରହ୍ମତେଜରୁ ସେ ପ୍ରକଟ ହୋଇ ପାରିଥିଲେ ।

ପୁତ୍ରିକା ଧର୍ମର ବିଶେଷ ଅର୍ଥ ଏହି ଯେ, ବିବାହ ମଧ ଏକ ପ୍ରକାର ଶର୍ତ ନିମ୍ନ ମତେ ରହିଥାଏ । କନ୍ୟାଦାନ ପରେ କନ୍ୟା ଗର୍ଭରୁ ଯଦି ପ୍ରଥମରେ ପୁତ୍ର ଯାତ ହୁଏ ସେ ପୁତ୍ର କନ୍ୟା ପିତା ନେଇ ଲାଳନ ପାଳନ କରିବେ ।

**ବ୍ରହ୍ମର୍ଷି ରଭୁ**

ରଭୁଃ ଶବ୍ଦଟି ପୁଲିଙ୍ଗ ବୋଲାଇବା ସଙ୍ଗେ, ଅଭିସର୍ଗ ଅଦିତୌବା ଭବଦି ଇତି କିମ୍ବା ଦିବ୍ୟତାକୁ ସୂଚାଏ । ଏଠାରେ କହିବା ଉଚିତ୍ ହେବ, ସ୍ୱର୍ଗର ବୈଭବ ଆନନ୍ଦ ଭୋଗକୁ ବିରୋଧ କରି ଆନନ୍ଦ ପ୍ରାପ୍ତ ପାଇଁ ଯେ ଶୁଦ୍ଧ ପରିବେଶରେ ପ୍ରକଟ ହୋଇ ଶୁଦ୍ଧ ଆତ୍ମା ଗୁଡ଼ିକୁ ବିଶୁଦ୍ଧ କରାଇଥାଏ ତାଙ୍କୁ ରଭୁ କୁହାଯାଇଥାଏ ।

ଅତୀତରେ ଏହି ଶୁଦ୍ଧ ପଞ୍ଚଭୁତାକାର ପରିବେଶରେ ବ୍ରହ୍ମାଙ୍କ ମାନସ ସନ୍ତାନ ରୂପେ ପ୍ରକଟିତ ବ୍ରହ୍ମର୍ଷି ରଭୁ ଅନେକ ଶୁଦ୍ଧକୁ ବିଶୁଦ୍ଧ କରିଥିଲେ । ଉଦାହରଣ – ସେ ସଦ୍‌ଗୁରୁ ମର୍ଯ୍ୟାଦା ରକ୍ଷା ସକାଶେ ନିଜର ବଡ଼ ଭାଇ ସନସ୍ୟଜାତଙ୍କଠାରୁ ଶିକ୍ଷା ଲଭିଥିଲେ । ତାଙ୍କଠାରୁ ସେ ସାମ୍ପ୍ରଦାୟାଗତ ମନ୍ତ୍ର, ଯୋଗ, ଜ୍ଞାନ ପ୍ରାପ୍ତ ହୋଇଥିଲେ ତଥା ସ୍ଥିତିକୁ ସଜହରେ ପାଳନ କରୁଥିଲେ । ମଳ ବିଶେଷ ଆବରଣ ରହିତ ହୋଇ ଏଣେ ତେଣେ ସମୟ କାଟୁଥିଲେ । ଶରୀର ବିନା କୌଣସି ତ୍ରୁଟି ତାଙ୍କର ନଥିଲା ।

ଆଶ୍ରମ ବିହିନ ବ୍ରହ୍ମର୍ଷି ଏପରି ଘୁରି ବୁଲୁ ବୁଲୁ ଦିନେ ପୌଲସ୍ତ୍ୟ (ରାମନାମବାଡ଼ି) ଆଶ୍ରମରେ ପହଞ୍ଚିଥିଲେ । ସେଠାରେ ପୌଲସ୍ତ୍ୟ କୁମାର ମହର୍ଷି ନିଦାଘ ବେଦପାଠ କରୁଥିଲେ । ମାନ୍ୟତା ଦୃଷ୍ଟିରୁ ନମସ୍କାର ପରେ ରଭୁ କହିଥିଲେ, ନିଦାଘ, ଜୀବନର ପ୍ରକୃତ ଲାଭ ଆତ୍ମଜ୍ଞାନ ପାଇବା । କିନ୍ତୁ ବେଦକୁ ସମ୍ପୂର୍ଣ୍ଣ ଜ୍ଞାନ ପ୍ରାପ୍ତକରି ମଧ ବସ୍ତୁତତ୍ତ୍ୱର ଜ୍ଞାନ ଯଦି ନ ପାଇ ପାରିବ, ତେବେ ସେ ଜ୍ଞାନ କି ଜ୍ଞାନ ଅଟେ ? କୌଣସି କାର୍ଯ୍ୟ ପାଇଁ ପ୍ରଯୁଜ୍ୟ ? ଏଣୁ ଆତ୍ମଜ୍ଞାନ ସମ୍ପାଦନ କର ।

ଇହ୍ମର୍ଷି ରଭୁଙ୍କୁ ଗୁରୁବୋଧ କରି ମହର୍ଷି ନିଦାଘ ପ୍ରତ୍ୟେକ ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରି ଆସିଥିଲେ । ଶେଷରେ ସେ ନିଦାଘ ମହର୍ଷିଙ୍କୁ ପ୍ରଶ୍ନ କରିଥିଲେ – କିଏ କାହାର ଅପରାଧି ? ଯଦି ଗୋଟିଏ ବୃକ୍ଷର ଦୁଇଟି ଶାଖା ପରସ୍ପର ମଧରେ ଘର୍ଷଣ ହେଲେ, ସେ ଉଭୟଙ୍କ ଶାଖା ମଧରେ ଅପରାଧି କିଏ ? ପ୍ରଥମରୁ ବ୍ୟତିରେକ ମାର୍ଗରେ ଉପଦେଶ କରିଥିଲେ । ମହର୍ଷି ନିଦାଘ ତାହା ଭୁଲି ଯାଇଥିଲେ । ଏଣୁ ସେ ଅନ୍ୱୟ ମାର୍ଗରେ ପ୍ରଶ୍ନ କରିଥିଲେ ଏବଂ ଏଥିରେ ପରିନିଷ୍ଠିତ ହୋଇ ଯିବାକୁ କହିଥିଲେ । ପୁଣି କହିଥିଲେ – ଏହି ଉଭୟ ମାର୍ଗର ଯାତ୍ରାକୁ ନେଇ ଯଦି ବିଚାର କରିବ, ତେବେ ସଂସାରରେ ରହି ମଧ ଅଲିପ୍ତ ରହି ପାରିବ ।

ବ୍ରହ୍ମର୍ଷି ରଭୁଙ୍କ ଏପରି କ୍ଷମାଶିଳତା ବଚନ ଶୁଣି ସନକାଦି ଗୁରୁଗଣ ମଧ ଆଶ୍ଚର୍ଯ୍ୟ ହୋଇଥିଲେ । ବ୍ରହ୍ମାଙ୍କ ସମ୍ମୁଖରେ ରଭୁଙ୍କ ମହିମା ଗାନ କରିଥିଲେ । ଏବଂ ଏହାଙ୍କ ନାମ କ୍ଷମାର ଏକ ଅକ୍ଷରକୁ ନେଇ 'ରଭୂକ୍ଷ'

ରଖିଥିଲେ । ସେହି ଦିନଠାରୁ ସାମ୍ପ୍ରଦାୟୀକ ଜନ ରଭୁକ୍ଷଙ୍କୁ ରଭୁକ୍ଷାନନ୍ଦ ନାମରେ ସ୍ମରଣ କରି ଆସନ୍ତି । ଆଜି ମଧ ବ୍ରହ୍ମର୍ଷି ରଭୁ କେଉଁ ଅବସ୍ଥାକୁ ନେଇ ଚଳପ୍ରଚଳ ହେଉଛନ୍ତି କିଏ ଜାଣେ ।

## ବ୍ରହ୍ମାଙ୍କ ମାନସ ପୁତ୍ର ଦକ୍ଷ ପ୍ରଜାପତି

ମହର୍ଷି ମନୁଙ୍କ ତୃତୀୟ କନ୍ୟା ପ୍ରସୂତୀଙ୍କୁ ଦକ୍ଷ ପ୍ରଜାପତିଙ୍କୁ ବିବାହ ଦେଇଥିଲେ । ବର୍ତ୍ତମାନର ପୁଡ଼୍‌ଗେଶ୍ୱର ପଲ୍ଲିଠାରେ ତାଙ୍କର (ଆସ୍କା ନିକଟ) ଆଶ୍ରମ ଥିଲା । ଏଠାରେ ସେ ପ୍ରସୂତୀଙ୍କ ଗର୍ଭରୁ ଷୋହଳ କନ୍ୟା ପ୍ରାପ୍ତ ହୋଇଥିଲେ । ସେ ଷୋହଳ କନ୍ୟା ମଧରୁ ପ୍ରଥମ କନ୍ୟା ସତୀଦେବୀଙ୍କୁ ମହାଦେବ, ୧୩ କନ୍ୟା ଧର୍ମ, ଅଗ୍ନିଙ୍କୁ ଜଣେ ତଥା ଅନ୍ୟଜଣକୁ ସମସ୍ତ ପିତୃଗଣଙ୍କୁ ବିବାହ ଦେଇଥିଲେ । ପୁନଃ ବ୍ରହ୍ମାଙ୍କ ଆଦେଶ କ୍ରମେ ଦକ୍ଷ, ଅସ୍କିନୀ ଗର୍ଭରୁ ୬୦ କନ୍ୟା ଉତ୍ପନ୍ନ କରିଥିଲେ । ସେଥି ମଧରୁ ଧର୍ମଙ୍କୁ ଦଶ କନ୍ୟା, ମହର୍ଷି କଶ୍ୟପଙ୍କୁ ୧୩ କନ୍ୟା, ଚନ୍ଦ୍ରମାଙ୍କୁ ୨୭ କନ୍ୟା, ଭୂତଙ୍କୁ ଦୁଇ, ଅଙ୍ଗିରାଙ୍କୁ ଦୁଇ, କୃଶାଶ୍ୱଙ୍କୁ ଦୁଇ ଏବଂ ତାର୍ଯ୍ୟକ ନାମଧାରୀ କଶ୍ୟପଙ୍କୁ ଚାରି କନ୍ୟା ବିବାହ ଦେଇଥିଲେ ।

ଦକ୍ଷଙ୍କ କନ୍ୟା ମଧରେ ଜ୍ୟେଷ୍ଠାକନ୍ୟା ଥିଲେ ସତୀ । ପିତା ଦକ୍ଷ, ସ୍ୱାମୀ ଶିବଙ୍କ ମଧରେ ମନମାଳିନ୍ୟ ହେବା ନ ଜାଣି, କନ୍ୟା ହେବା ଅଧିକାର ବଳରେ ପିତାଙ୍କ ଯଜ୍ଞଶାଳାରେ ପ୍ରବେଶ କରି ଜାଣି ପାରିଥିଲେ ଯେ ଏହି ମହାନ ଯଜ୍ଞରେ ସ୍ୱାମୀ ଶଙ୍କରଙ୍କ ସକାଶେ ଯଜ୍ଞଭାଗ ନାହିଁ । ଏହି ଅଭିମାନରେ ସେଠାରେ ଦେବୀ ସତୀ ଆସନ ପ୍ରକାଇ ବସି ଅଗ୍ନିଙ୍କି ଆହ୍ୱାନ କରି ନିଜକୁ ଜିବନ୍ତ ଭଷ୍ମିଭୂତ କରି, ସେହି ଭଷ୍ମକୁ ଆସ୍କା ତଥା ନିଜ ଆତ୍ମାଙ୍କୁ "ଖଂ ଅମ୍ବେଶ୍ୱରୀ" ବୋଲାଇ ଥିଲେ ।

## ଗୁପ୍ତେଶ୍ୱରଠାରେ ବ୍ରହ୍ମ ଦର୍ଶନ

ଚାରିବର୍ଷ ବାଳକ ଉପମନ୍ୟୁ ଯେ କି ମହର୍ଷି ବ୍ୟାଘ୍ରପାଦଙ୍କ ପୁତ୍ର ମାତାଙ୍କୁ ଖିରପାନ ସକାଶେ ମାଗିଥିଲେ । ମାତା, ପୁତ୍ର ଶ୍ରଦ୍ଧା ନ ଭାଙ୍ଗିପାରି ଚାଉଳ ବାଟି ଚାଉଳ ପାଣି କରି ଦେଇଦେଲେ । ଉପମନ୍ୟୁ କିନ୍ତୁ ଏହା ଖିର ହୋଇ ନଥିବା ମାଁଙ୍କୁ କହିବା ପରେ ସତ ସତ କଥା ମା କହିବା ପରେ ପୁଣି କହିଥିଲେ ଶିବ ଆରାଧନା କଲେ ପ୍ରକୃତ ଖିର ସେ ତତେ ଦେଇ ପାରିବେ । ଏବଂ ଏହାଙ୍କ ପ୍ରସନ୍ନ ହେବା ମନ୍ତ୍ର 'ନମଃ ଶିବାୟ' ଅଟେ ।

ମାତା ଉପଦେଶ ପାଇ ଉପମନ୍ୟୁ ଶିବ ପ୍ରାପ୍ତ ପାଇଁ ଘର ତ୍ୟାଗ କରିଦେଲେ । ବନ ମଧରେ ନଦୀ ସ୍ରୋତ ତଟରେ ନମଃ ଶିବାୟ ମନ୍ତ୍ର ଉଚ୍ଚାରଣ କରୁଥିଲେ । ଉପମନ୍ୟୁ ବିଭିନ୍ନ ଅସୁବିଧାର ସମ୍ମୁଖିନ ହୋଇ ମଧ ନିର୍ଭୟ ଥିଲେ । ମନ୍ତ୍ର ଉଚ୍ଚାରଣରେ ଅନେକ ଆତ୍ମା ଅଭିଶାପରୁ ମୁକ୍ତ ହୋଇ ଉପମନ୍ୟୁ ସେବାରେ ଲାଗିଥିଲେ । ଦେବତାଙ୍କ ଦ୍ୱାରା ସେବା ତଥା ଶିବଙ୍କ ଦ୍ୱାରା ବିଭିନ୍ନ ପରିକ୍ଷା କରିଥିଲେ । ଇନ୍ଦ୍ରଦେବଙ୍କ ରୂପରେ ଶଙ୍କର ପ୍ରକଟ ହେବା । ଇନ୍ଦ୍ର ବର ଯାଚିବା । ଉପମନ୍ୟୁ ଶଙ୍କର ବ୍ୟତୀତ ବର ଅନ୍ୟଠୁ ବର ନ ଗ୍ରହଣ କରିବା । ଇନ୍ଦ୍ର ରୂପରେ ଶଙ୍କର ନିଜକୁ ନିଜେ ନିନ୍ଦା ଶୁଣି ମଧ ତ୍ରିଭୁବନ ସାର ଆଦିପୁରୁଷ ଅଦ୍ୱିତୀୟ ଅବିନାସୀ ଭଗବାନ ଶିବଙ୍କୁ ପ୍ରସନ୍ନ କରିଥିଲେ । ଇନ୍ଦ୍ରଙ୍କୁ ବଧ କରିବା ଇଛାରେ ମନ୍ତ୍ର ଭସ୍ମକୁ ଫୋପାଡ଼ିଥିଲେ । କାରଣ ତାଙ୍କ ପ୍ରତି ଶିବ ନିନ୍ଦା ଅସହ୍ୟ ଥିଲା ।

ଉପମନ୍ୟୁଙ୍କ ଏପରି ସ୍ଥିତି ଦେଖି ଶଙ୍କର ଉମାଙ୍କ ସହ ଦିବ୍ୟ ରୂପଧରି ପ୍ରକଟ ହୋଇଥିଲେ । ବିଭିନ୍ନ ଗୁପ୍ତ ରୂପ ଦେଖେଇବା ସହ କେବଳ ବାରମ୍ବାର ବର ମାଗ ମାଗ କହିବା ଦ୍ୱାରା ସେଠାରେ ରାଉଳ ପଲ୍ଲି ନାମରେ ଏକ ଜନପଦ ସ୍ମରଣୀୟ ହୋଇ ରହି ଆସିଛି । ଜନପଦଟି କୌଣସି ସମ୍ପ୍ରଦାୟ ଭିତ୍ତିକ ନୁହେଁ ଅର୍ଥ ଭିତ୍ତିକ ନାମକରଣ ହୋଇ ରହି ଆସିଛି ।

**ଭଗବାନ ନରନାରାୟଣ ଓ ଗନ୍ଧମାଦନ ଗିରି –**

ଧର୍ମ ତଥା ମୂର୍ତ୍ତିଙ୍କଠାରୁ ଉତ୍ପତି ନରନାରାୟଣ କୃଷ୍ଣ ଏବଂ ହରିଙ୍କ ମଧ୍ୟରୁ ନରନାରାୟଣ ଗନ୍ଧମାଦନଗିରିଠାକୁ ତପସ୍ୟାକୁ ଆସି ଯାଇଥିଲେ । କାରଣ ଏହି ଗିରିର ଅନ୍ୟନାମ ଜଉଗଡ଼ ଅଟେ । 'ଜ' ର ଅର୍ଥ ବ୍ୟାପ୍ତ ଏବଂ 'ଉ' ର ଅର୍ଥ ସତ୍ୟ । ଗଡ଼ର ଅର୍ଥ କ୍ଷେତ୍ର । ଅର୍ଥାତ୍ ଯେଉଁ କ୍ଷେତ୍ରରେ ସତ୍ୟର ବ୍ୟାପ୍ତ ହୋଇ ପାରିଥିଲା । ସ୍ୱୟଂ ହରିଙ୍କ ପ୍ରାଦୁର୍ଭାବ ଏହି ମେରୁ କ୍ଷେତ୍ରରୁ ପ୍ରତ୍ୟେକ ଲତା, ଗୁଳ୍ମ, ବୃକ୍ଷାଦିକୁ ପ୍ରଭାବିତ କରି ପାରିଥିଲା । କିନ୍ତୁ ଏଠାରେ କୃଷ୍ଣ (ଶ୍ରୀକୃଷ୍ଣ ନୁହଁନ୍ତି) ଅଲାରନାଥ ରୂପେ ଆରାଧ ହୋଇ ଆସୁଛନ୍ତି ।

ଏହି ଜଉଗଡ଼ କ୍ଷେତ୍ରରେ ନରନାରାୟଣଙ୍କ ସହ ଭକ୍ତ ପ୍ରହ୍ଲାଦଙ୍କ ସହ ପ୍ରାୟ ପାଞ୍ଚ ହଜାର ବର୍ଷ ସଂଗ୍ରାମ ହୋଇଥିଲା । ଏଠାରୁ ଧ୍ରୁବ, ଧ୍ରୁବଲୋକ ଯାତ୍ରା କରିଥିଲେ । ରାଜା ମୁଚୁକୁନ୍ଦ କେବଳ ଶୋଇବା ପାଇଁ ଇନ୍ଦ୍ରଦେବଙ୍କୁ ବର ମାଗି ଆସି ଏଠାରେ ଶୋଇ ରହିଥିଲେ  ଏବଂ ଶ୍ରାକୃଷ୍ଣ କାଳ ଯବନକୁ ଏଠାକୁ ଅଣାଇ ମରାଇ ଥିଲେ । ଶ୍ରୀକୃଷ୍ଣ ଏବଂ ଜାମ୍ବବାନଙ୍କ ଏଠାରେ ସମନ୍ତକ ମଣି ସକାଶେ ଗଦା ଯୁଦ୍ଧ ହୋଇଥିଲା । ଶ୍ରୀକୃଷ୍ଣ ଏଠାରେ ଜାମ୍ବବତୀଙ୍କୁ ପ୍ରାପ୍ତ ହୋଇଥିଲେ । ଇନ୍ଦ୍ରପୁରୀରୁ ଅର୍ଜୁନ ଏଠାକୁ ଫେରିଥିଲେ । କାରଣ ଅନ୍ୟ ଚାରିଭାଇ ଏଠାରେ ଅର୍ଜୁନଙ୍କୁ ଅପେକ୍ଷା କରିଥିଲେ । ମହର୍ଷି ଲୋମଷଙ୍କ ସମ୍ପର୍କ ଏହି କ୍ଷେତ୍ର ପ୍ରତି ଯଥେଷ୍ଟ ଥିଲା ।

କ୍ଷେତ୍ର, ବ୍ୟାସଦେବଙ୍କ ତପସ୍ଥଳି ସଙ୍ଗେ ଆଶ୍ରମ ମଧ୍ୟ ଥିଲା । ଅଷ୍ଟାଦଶ ପୁରାଣ ଅଷ୍ଟାଦଶ ଉପପୁରାଣ ସହିତ ଅଗ୍ରପୂଜ୍ୟ ଗଣେଶଙ୍କ ସହଯୋଗରେ ମହାଭାରତ ଗ୍ରନ୍ଥ ତଥା ଶ୍ରୀମଦ୍‌ଭାଗବତ ଏଠାରେ ରଚନା କରିଥିଲେ । କ୍ଷେତ୍ରଟି ଅତି ପୁରାତନ । ଏଣୁ ନରନାରାୟଣଙ୍କ ତପସ୍ୟା କାଳରେ ଶିବଙ୍କ ତ୍ରିଶୁଳ ଆସି ନାରାୟଣଙ୍କୁ ସ୍ପର୍ଶ କରିଥିଲା । ଏହି କାରଣକୁ ନେଇ ନରନାରାୟଣଙ୍କ ସହ ମହାଦେବଙ୍କ ଘୋର ସଂଗ୍ରାମ ହେବାକୁ ଯାଉଥିବା କାଳେ ବ୍ରହ୍ମଦେବ ଆସି ଉଭୟଙ୍କୁ ଉଭୟଙ୍କ ପରିଚୟ କରାଇଥିଲେ । ଏଣୁ ଏଠା କ୍ଷେତ୍ରରେ ନରନାରାୟଣେଶ୍ୱର ପ୍ରତିବଦଳରେ, କାଳେଶ୍ୱର ରାମେଶ୍ୱର ନାମରେ ଏକ ଶକ୍ତି ବିଶିଷ୍ଟ ଦୁଇ ଲିଙ୍ଗ ମହାଦେବ ଏଠାରେ ସ୍ମରଣୀୟ ଅଟେ ।

ଚଣ୍ଡାଶୋକ କଳିଙ୍ଗ ରାଜଧାନୀ ଆକ୍ରମଣ କାଳେ ରାଜଧାନୀ ଏହି ଜଉଗଡ଼ କ୍ଷେତ୍ରରେ ଥିଲା । ମହାତ୍ମା ଅଧିଦୁହା କଳିଙ୍ଗ ଅଧିପତି ଥିଲେ । ମହାତ୍ମା ଅଧିଦୁହାଙ୍କ ଆଧାତ୍ମିକ ପ୍ରଭାବରେ ରାଜଧାନୀ ପ୍ରବେଶ ପାଇଁ ମନରେ ସାହାସ ନଥିଲା । ସମିପରେ ସ୍ମରଣୀୟ ଜନପଦ ଥିବା ଭୂତସରସିଙ୍ଗି କ୍ଷେତ୍ରରେ, ଅଶୋକ ଭୁତପରି ଛିଡ଼ା ହୋଇ ପ୍ରଭାବିତ ଆଧାତ୍ମିକ ଦୃଶ୍ୟର କା ଛାୟାରୁ ପୃଷ୍ଠଘା ପାଇ ଜୀବନର ବାକି ସମୟ କଟାଇଥିଲେ । ଜଉଗଡ଼ରେ ଥିବା ଶିଳାଲେଖାରୁ ଗୃହିତ ।

**ମହର୍ଷି ଲୋମଶ –**

ଏକ ପ୍ରକାର ପକ୍ଷୀ ଓ ପଶୁ ଜାତୀୟ ବା ଗିଧଡ଼ ଶୃଗାଳ ଆତ୍ମା, ମହର୍ଷି ରୂପରେ ପ୍ରତିଷ୍ଠା ଲାଭକରି ଆସିଥିଲେ । ବ୍ରହ୍ମର୍ଷି ଋଭୁ ପରିବେଶ ତୁଲ୍ୟ ମହର୍ଷି ଲୋମଶ ମଧ ଯେପରି ପ୍ରକୃତି ତୁଲ୍ୟ । ତାଙ୍କର ଆଶ୍ରୟ ଆଶ୍ରମ କାମ୍ପିଲ୍ୟଗିରିର ସେପରି ନିମ୍ନଭାଗ ଥିଲା । ଗିରିଟି ବର୍ତ୍ତମାନ ତାରାତାରିଣୀ ପାହାଡ଼ ରୂପେ ପରିଚିତ । କିନ୍ତୁ ଏଥି ପୂର୍ବରୁ ପାହାଡ଼ଟି ଅପରାଜିତା ନାମ ପ୍ରଭାବରେ ଥିଲା । ଅପରାଜିତାଙ୍କ ଅନୁଗ୍ରହରୁ ଏକ ଲୋମଶ ଶୃଗାଳ ମହର୍ଷିରେ ପରିଣତ ହୋଇଥିଲେ ।

**ମହାତ୍ମା ମଦ୍ଗଳ**

ଋଷିକୁଲ୍ୟା ସରସ୍ୱତୀ ଜଳସ୍ରୋତର ଉତ୍ତର ପାର୍ଶ୍ୱରେ ଥିବା ଜନପଦ ନାମ ଅଟେ କହକ ପୁର । କ ର ଗୋଟିଏ ନାମ ଅଟେ ମନ । ମନ ଉପରେ ହକ୍ ରଖି ଆତ୍ମାର ଚଳପ୍ରଚଳକୁ କୁହାଯାଏ କହକପୁର । ଏହି ଜବପଦବାସୀ ସ୍ୱାଭିମାନୀ, ଇଚ୍ଛାକୃତ ହୋଇଥିବା ସ୍ୱାଭାବିକ । ଏଥକୁ ନେଇ ମୁଦ୍ଗଳ ନାମେ ଜଣେ ପ୍ରତିଭାବାନ୍ ମହାତ୍ମା ଏଠାରେ ଜନ୍ମିଥିଲେ । ସେ କୁଟୁମ୍ବି ଥିଲେ । ଘରେ ଯାହାକିଛି ଥାଉ, ଦାନରେ ଦୀନ ଦୁଃଖିଙ୍କୁ ଦିଅନ୍ତି । ଯେପରି ସ୍ୱାମି ସେପରି ପତ୍ନୀ ମଧ ଥିଲେ । ମାସକୁ ଦୁଇଥର ଆମାବାସ୍ୟା ପୂର୍ଣ୍ଣମୀରେ ଭୋଜନ କରୁଥାନ୍ତି ।

ମହାତ୍ମା ମୁଦ୍ଗଳଙ୍କ କିର୍ତ୍ତି ବ୍ୟାପିବା ପରେ ମହର୍ଷି ଦୁର୍ବାଷା ଶୁଣି ପରିକ୍ଷା କରିବାକୁ ମହାତ୍ମା ନିକଟ ହେଲେ । ସେ ଦିନ ପୂର୍ଣ୍ଣିମା ଥିଲା । ଭୋଜନ ସକାଶେ ଅତିଥି ଦୁର୍ବାଶାଙ୍କୁ ଆଦର ଯତ୍ନରେ ବସାଇ ଥିଲେ । ଦୁର୍ବାସାଙ୍କ ପକ୍ଷେ ମହାତ୍ମାଙ୍କ ଅନ୍ନ କେତେ ? କଥା କଥାକେ ସମସ୍ତ ଖାଦ୍ୟ ମହର୍ଷି ଦୁର୍ବାଶା ଆସି ଖାଇ ଚାଲି ଯାଆନ୍ତି । ଏପରି ଛଅ ଥର ଆସି ଖାଇବା ପରେ ମଧ କୁଟୁମ୍ବ ମନରେ ଦୁଃଖୀ କ୍ରୋଧ କ୍ଷୋଭ ଆଦିରେ ମହର୍ଷି ଅପମାନ ପାଇ ନଥିଲେ । ବ୍ରାହ୍ମଣ ଉତିର୍ଣ୍ଣ ପରୀକ୍ଷାରେ ଦେଖି ଦୁର୍ବାଶା କହିଥିଲେ –

ହେ ମହାତ୍ମା ! ତୁମପରି ଏହି ଲୋକରେ ଆଉ କିଏ ଦାତା ହେବ ନାହିଁ, କାରଣ ଭୋକ ଏପରି ଏକ କ୍ରିୟା ଅଟେ ଯେ ଚମକ୍ ହେଉଥିବା ଧର୍ମ, ଜ୍ଞାନ, ଧର୍ଯ୍ୟଙ୍କୁ ମଧ ନାଶ କରି ଦେଇଥାଏ । ରସ ଲମ୍ପଟ ଜିହ୍ୱା ମନୁଷ୍ୟକୁ ରସ ପ୍ରତି ଟାଣି ନେଇଥାଏ । ତୁମେ କିନ୍ତୁ ରସ ଏବଂ ଭୋକ ଉଭୟଙ୍କୁ ଜିତି ଯାଇଛ । ପ୍ରାଣ ଭୋଜନର ଅଧିକ ଏଣୁ ଆହାର ଅଭାବରେ ପ୍ରାଣ ନଷ୍ଟ ହୋଇଯାଇଥାଏ । ମନ ଅତି ଦୁର୍ନିଗ୍ରହ ଅଟେ । ଏପରି ଚଞ୍ଚଳ ମନ ଏବଂ ଇନ୍ଦ୍ରିୟଙ୍କୁ ବଶରେ ରଖିବାକୁ ତପ କହନ୍ତି । ପୁଣି କଷ୍ଟ ପ୍ରାପ୍ତ ବସ୍ତୁକୁ ନିଷ୍କାମରେ ଦାନ କରିବା ଅତି କଷ୍ଟ । କିନ୍ତୁ ହେ ସାଧୁ ତୁମେ ସମସ୍ତ ସିଦ୍ଧ କରି ସାରିଛ । ତୁମ ମନ ଶରୀର ମଧରେ ଥିବା ଇନ୍ଦ୍ରିୟଙ୍କୁ ବିଜୟ କରିବା ପରେ ଧର୍ଯ୍ୟ, ଉଦାରତା, ଦକ୍ଷ, କ୍ଷମା, ଦୟା, ସତ୍ୟ ଧର୍ମାଦିରେ ପୂର୍ଣ୍ଣ ବିକାଶ ହୋଇ ସାରିଛି । ତୁମେ ତୁମର ଗୁଣ କର୍ମରେ ଲୋକତ୍ରୟଙ୍କୁ ବିଜୟ କରି ସାରିଛ ।

ଦୁର୍ବାଶା ଏପରି କହୁଥିବା କାଳେ, ସ୍ୱର୍ଗରୁ ଦେବଦୂତ ବିମାନରେ ନେବାକୁ ଅବତରଣ କରିଥିଲେ । ସ୍ୱର୍ଗ ଯିବାକୁ କହିଥିଲେ, କିନ୍ତୁ ମୁଦ୍ଗଳ କହିଥିଲେ ହେ ଦେବଦୁତ ତୁମେ ଫେରିଯାଅ । ମତେ ଏପରି ଦୁଃଖପୂର୍ଣ୍ଣ ଏବଂ ପୁନରପି ସ୍ୱର୍ଗଲୋକ କିମ୍ବା ବ୍ରହ୍ମଲୋକର ଆବଶ୍ୟକତା ନାହିଁ ।

ଯତ୍ରଗତ୍ୱା ନ ସୋଚନ୍ତି ନ ବ୍ୟଥନ୍ତି ଚରନ୍ତି ବା
ଦେହଂ ସ୍ଥାନମତ୍ୟନ୍ତଂ ମାର୍ଗୟିଷ୍ୟାମି କେବଳମ୍ ॥

ମହା.ବନପର୍ବ ୨୬୨/୪୪

ମୁ ସେହି ଅବିନାଶି ପରମ ଧାମକୁ ପ୍ରାପ୍ତ ହେବି । ପ୍ରାପ୍ତ ପରେ ଯେଉଁଠାରେ ଶୋକ, ଦୁଃଖର ଆତ୍ୟନ୍ତିକ ନିବୃତ୍ତି ଓ ପରମାନନ୍ଦଙ୍କୁ ପ୍ରାପ୍ତି ହୋଇ ପାରିବି । ଏପରି କହି ମୁଦ୍ଗଲ ଦେବଦୂତଙ୍କୁ ଫେରାଇ ଦେଇଥିଲେ । ସ୍ୱର୍ଣ୍ଣ, ମାଟିକୁ ଏକା ବିଚାର କରୁଥିବା ତଥା ଜ୍ଞାନ ବୈରାଗ୍ୟ ସାଧନରୁ ସେ ଅବିନାଶୀ ନିର୍ବାଣ ପଦକୁ ପ୍ରାପ୍ତ ହୋଇଥିଲେ ।

## ବ୍ରହ୍ମର୍ଷି କ୍ରତୁ

ବ୍ରହ୍ମଲୋକରେ ବ୍ରହ୍ମଦେବଙ୍କ ମାନସ ସନ୍ତାନ ରୂପେ ବ୍ରହ୍ମାଙ୍କ ହସ୍ତରୁ ଉତ୍ପତି । କାଳକ୍ରମେ ମେଦିନୀ ଅବତରଣ କରି ଋଷିକୂଲ୍ୟା ସରସ୍ୱତୀଙ୍କ ଉତ୍ତର ପାର୍ଶ୍ୱରେ ରହି ଆସିଥିବା କୁମାରୀ ଜନପଦଠାରେ ଆଶ୍ରମ କରିଥିଲେ । ଆରାଧ ଦେବତା କୁମାରେଶ୍ୱର  ପ୍ରକଟ ହୋଇଥିଲେ କର୍ଦ୍ଦମ କନ୍ୟା କ୍ରିୟାଙ୍କ ପାଣି ଗ୍ରହଣ କରି ଘୋର ତପସ୍ୟା ଏଠାରେ କରିଥିଲେ ।

ପରବର୍ତୀ କାଳରେ ଦକ୍ଷ ପ୍ରଜାପତି କନ୍ୟା ସନ୍ନତିଙ୍କୁ ବିବାହ କରି ୬୦ ହଜାର ବାଳଖିଲ୍ୟଙ୍କୁ ଜନ୍ମ ଦେଇଥିଲେ । ବିଶାଳକାୟ ବଟ ବୃକ୍ଷରେ ଓଲଟ ରହି ସନ୍ତାନଗଣ ତପସ୍ୟା କରିଥିଲେ । ଏବି ଋଷିଗଣ ଭଗବାନ ସୂର୍ଯ୍ୟଙ୍କ ରଥ ଆଗେ ଆଗେ ଏବଂ ତାଙ୍କରି ଆଡକୁ ମୁହଁ କରି ସ୍ତୁତି କରି ପଛେଇ ପଛେଇ ଚାଲିଥିଲେ । ବାଳଖିଲ୍ୟ ମହର୍ଷି ସମୁଦାୟଙ୍କ ମହାନତା ଆଜି ସୂର୍ଯ୍ୟଙ୍କ ବିଷାକ୍ତ ରଶ୍ମିକୁ ଧାରଣ କରି ଶୁକ୍ଳ ଆଲୋକ ରଶ୍ମି ଜଗତକୁ ଦେଇ ଆସୁଛନ୍ତି ।  ମହର୍ଷିଗଣଙ୍କ ଏହା ନିରନ୍ତର ତାଙ୍କ ଉପାସନା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବ୍ରହ୍ମର୍ଷି କ୍ରତୁ ହିଁ ପ୍ରଚଳିତ କଳ୍ପରେ ବ୍ୟାସ ରୂପରେ ପ୍ରକଟ ହୋଇ ବେଦ ବିଭାଜନ, ପୁରାଣ ପ୍ରଦର୍ଶନ, ଜ୍ଞାନ ଉପଦେଶର ପ୍ରବର୍ତକ ଅଟନ୍ତି । ପ୍ରତ୍ୟେକ କ୍ଷେତ୍ରରେ ବ୍ରହ୍ମର୍ଷିଙ୍କ ଚର୍ଚ୍ଚା ପୁରାଣମାନଙ୍କରେ ଦେଖିବାକୁ ମିଳେ । ଆଜି ମଧ ଧ୍ରୁବ ଲୋକରେ ଧ୍ରୁବଙ୍କ ପ୍ରଦକ୍ଷିଣ କରି ଆସୁଥିବା ଜଣାଯାଏ ।

## ବ୍ରହ୍ମର୍ଷି ପୁଲହ

ବ୍ରହ୍ମଲୋକରେ ବ୍ରହ୍ମଦେବଙ୍କ ନାଭି କ୍ଷେତ୍ରରୁ ବ୍ରହ୍ମର୍ଷି ପୁଲହ ଜନ୍ମି ମେଦିନୀ କ୍ଷେତ୍ରକୁ ତଥା ପଦ୍ମନାଭଗିରି କ୍ଷେତ୍ରକୁ ଅବତରଣ କରି, ସରସ୍ୱତୀ ଜଳଧାରର ଉତ୍ତର ପାର୍ଶ୍ୱରେ ଥିବା ଜନପଦ ପ୍ରତାପପୁରଠାରେ ଆଶ୍ରମ କରିଥିଲେ । ବ୍ରହ୍ମର୍ଷି ଏଠାରେ ତୁଙ୍ଗବନର ଅଧିଶ୍ୱର ତୁଙ୍ଗେଶ୍ୱର ମହାଦେବଙ୍କୁ ସ୍ଥାପନା କରି ଆରାଧନା କରୁଥିଲେ । ସେ ଅନ୍ୟାନ୍ୟ ଋଷିମାନଙ୍କ ପରି ବ୍ରହ୍ମାଣ୍ଡ ସହିତ ଜଗତର ହିତ ସାଧନ ଚିନ୍ତା କରୁଥିଲେ । ମହର୍ଷି କର୍ଦ୍ଦମ କନ୍ୟା ଗତୀଙ୍କ ପାଣିଗ୍ରହଣ ପରେ, ତାଙ୍କରି ସେବା ସେଠାରେ ପ୍ରାପ୍ତ ହେଉଥିଲା ।

ବ୍ରହ୍ମର୍ଷି ସନନ୍ଦନ ମୂନୀଙ୍କ ଶରଣାଗତ ହୋଇଥିଲେ । ସେ ସମ୍ପ୍ରଦାୟିକତା ରକ୍ଷା କରିବା ପାଇଁ ଏଠାରେ ତତ୍ତ୍ୱଜ୍ଞାନ ସମ୍ପାଦନ କରିଥିଲେ । ଶରଣାଗତ ଗୌତମଙ୍କୁ ବ୍ରହ୍ମାଣ୍ଡର ଆଧାତ୍ମିକ, ଆଧୀଦୈବିକ ଏବଂ ଆଧିଭୌତିକତାକୁ ଏଠାରେ ଦାନକରି ବିସ୍ତାର କରାଇଥିଲେ । ଏହି ଆଶ୍ରମକୁ ରାଜା, ମହାରାଜ ଓ ମହାନ ମହାନ୍ ସମ୍ରାଟମାନେ ବାନପ୍ରସ୍ଥକୁ ଆସି ଶେଷ ଜୀବନ ବିତାଉଥିଲେ । ଯେପରି ଭଗବାନ ଋଷଭ ଦେବ ଜ୍ୟେଷ୍ଠ ପୁତ୍ର ଭରତଙ୍କୁ ଏଠାରେ ସଂକଳ୍ପ ମାତ୍ରକେ ଅଜନାଭ ବର୍ଷ ନାମ ଧାରି ରାଷ୍ଟ୍ରକୁ ଭାରତ ଭାରତବର୍ଷ କହି କହିଥିଲେ ( ଭା.ପୁ. ୫/୭/୩) ।

ବି.ଦ୍ର – ରାଷ୍ଟ୍ର ନାମ ଭାରତ ବର୍ଷ ଏହି ମେଦିନୀରେ ହୋଇଥିବା କାରଣରୁ ଦକ୍ଷିଣ ଓଡିଶାବାସୀ ଗର୍ବ କରିବା ଆବଶ୍ୟକ ।

**ମହର୍ଷି ଦଧିଚୀ ତଥା ବଜ୍ରକୂଟ ଗିରି –**

ନୈମିଷ୍ୟାରଣ୍ୟ ଅନ୍ତର୍ଗତ ଋଷିକୂଲ୍ୟା ସରସ୍ୱତୀ ଉତ୍ତର ପାର୍ଶ୍ୱରେ ମହର୍ଶୀ ଦଧିଚୀ ଆଶ୍ରମ ବର୍ତ୍ତମାନର ବଜ୍ରକୂଟ ଗିରି ମଥାରେ ଥିଲା । ଆଜିମଧ ସେଠାରେ ଥିବା ଚିହ୍ନ ଗୁଡିକରୁ ଅନେକ ସ୍ମରଣୀୟ ହୋଇ ରହିଛି ।

ଇନ୍ଦ୍ରଦେବ ନିଜ ସ୍ୱାର୍ଥ ଅହଂକାର ପ୍ରକାଶ କରାଇବା କାରଣରୁ ଗୁରୁ ବୃହସ୍ପତିଙ୍କ ପରିବର୍ତ୍ତେ ମହର୍ଷି ତ୍ୱଷ୍ଟା ପୁତ୍ର ବିଶ୍ୱରୂପଙ୍କୁ ପୁରୋହିତ କରିଥିଲେ । ବିଶ୍ୱରୂପଙ୍କ ମାତା ଥିଲେ ଅସୁର କୂଳ କନ୍ୟା । ବିଶ୍ୱରୂପ ବିଦ୍ୱାନ, ବେଦଜ୍ଞ, ସଦାଚାରି ହେଲେ ମଧ ଲୁଚେଇ ଛପେଇ କେତେ ଦେବତାଙ୍କ ଖାଦ୍ୟ ଅସୁରଙ୍କୁ ଦେଉଥିଲେ । ଏପରି କ୍ରିୟା ଇନ୍ଦ୍ର ଜାଣିବା ପରେ ଇଦ୍ରଦେବ ବିଶ୍ୱରୂପଙ୍କୁ ହତ୍ୟା କରିଥିଲେ । ପୁତ୍ରହତ୍ୟା ହେବା ମହର୍ଷି ତ୍ୱଷ୍ଟା ଜାଣିବା ପରେ ଇନ୍ଦ୍ରଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟକୁ ନେଇ ବୃତ୍ତାସୁରକୁ ଉତ୍ପନ୍ନ କରିଥିଲେ । ଏବଂ ତା ଭୟରେ ଦେବଲୋକ ଥରହର ହୋଇଥିଲା । ବୃତ୍ତାସୁର ଅତ୍ୟନ୍ତ ବଳଶାଳୀ, ତପସ୍ୱୀ ତଥା ଭଗବତ୍ ପ୍ରେମୀ କହି ବ୍ରହ୍ମଦେବ କହିଲେ । ଏହାର ଏକମାତ୍ର ସମାଧାନ ଏହି ଯେ ନୈମିଶାରଣ୍ୟ କ୍ଷେତ୍ରରେ ଦଧିଚୀ ନାମକ ମହର୍ଷି ଯେଉଁ ତପସ୍ୟା କରୁଛନ୍ତି ସେଥିରେ ତାଙ୍କ ଅସ୍ଥି ବଜ୍ରଠାରୁ ମଧ କଠିନ ହୋଇସାରିଛି । ସେ ପରୋପକାରକୁ ନେଇ ଅସ୍ଥି ପ୍ରଦାନ କରିଦେବେ । ସେ ଅସ୍ଥି ଦ୍ୱାରା ବଜ୍ର ନିର୍ମାଣ କଲେ ବୃତ୍ତାସୁର ମରିବ ।

ବ୍ରହ୍ମଦେବଙ୍କ ବିଚାରରେ ଇନ୍ଦ୍ରଦେବ ସମସ୍ତ ବିଷୟ ଶୁଣିବା ପରେ ଦଧିଚିଙ୍କୁ ଯାଇ କହିଥିଲେ, ତିନି ଲୋକର କଲ୍ୟାଣ ସକାଶେ ନିଶ୍ଚୟ ଅସ୍ଥି ଦେବି କିନ୍ତୁ ସମସ୍ତ ତୀର୍ଥ ଦର୍ଶନ ପରେ । ସମସ୍ତ ତୀର୍ଥଙ୍କୁ ଇନ୍ଦ୍ରଦେବ ନୈମିଷାରଣ୍ୟକୁ ଡକାଇ ଏକତ୍ରିତ କରାଇଥିଲେ । ତୀର୍ଥଗଣ ଏକତ୍ରିତ ହୋଇଥିବା କ୍ଷେତ୍ରରେ ସ୍ମରଣୀୟ ହୋଇ ରହୁ ବୋଲି ଖଠିଆ ରାମଚନ୍ଦ୍ରପୁରନାମରେ ଏକ ଜନପଦ ଏଠାରେ ରହିଛି । ଯଥା ଶୂନ୍ୟରେ ପ୍ରତିଷ୍ଠିତ ହୋଇଥିବା କଲ୍ୟାଣୀୟ ଚଳଚଂଚଳ କ୍ଷେତ୍ରକୁ ଦେଖିବା ପରେ ମହର୍ଷି ଅସ୍ଥି ଦାନ କରିଥିଲେ ।

ବ୍ରହ୍ମାଣ୍ଡ ସଂସାର ମଧରେ ଇତିହାସର ଉଦାହରଣ ଅନେକ ମିଳିବ, କିନ୍ତୁ ସ୍ୱେଚ୍ଛାରେ କେବଳ ପରୋପକାର ପାଇଁ ମାନ, ପ୍ରତିଷ୍ଠା ଆଦି ନିଜ ସ୍ୱାର୍ଥ ନଥାଇ ନିଜ ଶରୀରକୁ ହସି ହସି ଜଣେ ଯାଚକ ବା ଭିକ୍ଷାର୍ଥୀକୁ ସମର୍ପିଦେବା ଆଶ୍ଚର୍ଯ୍ୟ ନୁହେ କି ? ଏଣୁ ଦଧିଚିଙ୍କ ଏହି ତ୍ୟାଗ ପରୋପକାରୀ ସନ୍ଥଙ୍କ ପାଇଁ ଉତ୍ତମ ଆଦର୍ଶ ଅଟେ ।

**ରାଉରି ବନ୍ଧ - ମହର୍ଷି ଭରଦ୍ୱାଜ**

'ରା' ର ଅର୍ଥ ଅନୁଦାନ ଦେବା ବା କେବଳ ଦେବା ଉରିର ଏଠାରେ ଅର୍ଥ ଅଟେ ଦେବାକୁ ଅନୁମତି ଦେବା, ଅନୁଜ୍ଞା ବା ସ୍ୱୀକୃତି ଦେବା । ବନ୍ଧର ଏଠାରେ ରଚନା କରି ରଖିବା ଅର୍ଥାତ୍ ଜୀବନର ସମସ୍ତ ତପସ୍ୟା ଫଳକୁ ରଖି ଅନୁଦାନ ସ୍ୱରୂପ ହୋଇ କିମ୍ବା ସେପରି ଦେବାକୁ ରାଉରି ବନ୍ଧ କୁହାଯାଏ । ଯାହାକି ମହର୍ଷି ଭରଦ୍ୱାଜଙ୍କ

ତପରୁ ଅର୍ଜନ କରି ରଖିଥିବା ସମସ୍ତ କିଛି ଏଠାରେ ବିତରଣ କରିଥିଲେ । ଏଠାରେ ଦ୍ରୋଣ ତଥା ଅଶ୍ୱସ୍ଥାମାଙ୍କ ଜନ୍ମ ଅଟେ ।

ବସବାସ ସକାଶେ ଯେତେସବୁ ଋଷି ଆସୁଥିଲେ ଭରଦ୍ୱାଜଙ୍କ ଆଶ୍ରମରେ ରହି ସରସ୍ୱତୀରେ ସ୍ନାନ କରୁଥିଲେ । ମକର ମାସରେ ଏପରି ଥରେ ମହର୍ଷି ଯଜ୍ଞବଳ୍କ୍ୟ ଆସି ଏହି ଆଶ୍ରମରେ ରହି ଭରଦ୍ୱାଜଙ୍କୁ ରାମାୟଣ ବାରମ୍ବାର ଶୁଣାଉଥିଲେ ।

ଶ୍ରୀରାମ ବନବାସ କାଳରେ ଏହି ଆଶ୍ରମରେ ରହି ପର୍ବତ ଚିତ୍ରକୂଟ ଦର୍ଶନ କରିଥିଲେ । ଶ୍ରୀରାମଙ୍କୁ ଭରତ ଖୋଜିବାକୁ ଆସି ଏହି ଆଶ୍ରମରେ ଚମତ୍‌କାର ସତ୍କାର ପାଇଥିଲେ । ସେ ସ୍ରୋତିୟ ବ୍ରାହ୍ମନିଷ୍ଠ ଋଷି ଥିଲେ । ଯାଜ୍ଞବଳ୍କ୍ୟ ମହର୍ଷିଙ୍କୁ କନ୍ୟାଟିଏ ତଥା ବିଶ୍ରବାଙ୍କୁ ଗୋଟିଏ କନ୍ୟା ବିବାହ ଦେଇଥିଲେ । ଯାହାଙ୍କ ଗର୍ଭରୁ କୁବେରଙ୍କ ଜନ୍ମ ।

**ମହର୍ଷି ସାରସ୍ୱତ**

ସରସ୍ୱତୀ ତଥା ଦଧିଚିଙ୍କ ପୁତ୍ର ରୂପେ ମହର୍ଷି ସାରସ୍ୱତଙ୍କ ପରିଚୟ । ରାଜା ଦଣ୍ଡଙ୍କୁ ଶୁକ୍ରାଚାର୍ଯ୍ୟ ଦଣ୍ଡଦେବା ଆଳରେ ଏବଂ ଅଭିଶାପ ଦେବା ପରେ ସମସ୍ତ ତପସ୍ୱୀ ଅନ୍ୟତ୍ର ଯିବା କାଳେ ସାରସ୍ୱତ ମଧ୍ୟ ଅନ୍ୟତ୍ର ଯିବାକୁ ତତ୍ପର ସମୟେ, ସରସ୍ୱତୀ ପ୍ରକଟ ହୋଇ ଆଶ୍ୱାସନା ଦେଇ ସାରସ୍ୱତା ମୁନୀଙ୍କୁ କହିଥିଲେ – ତୁମେ କେଉଁଆଡ଼େ ଯିବା ଆବଶ୍ୟକ ନାହିଁ । ଏହି ଦୂର୍ଦ୍ଦିନ କାଳରେ ଏଠାରେ ବେଦକୁ ସୁରକ୍ଷିତ କରି ରଖ । ତମ ଭୋଜନ ସକାଶେ ମୋ ଜଳ (ସରସ୍ୱତୀ) ଗଣ୍ଡରୁ ଗୋଟିଏ ମାଛ ଖାଦ୍ୟ ରୂପେ ସ୍ୱାଧ୍ୟାୟ କୁଣ୍ଡ ମଧ୍ୟକୁ ଆସିବ । ସେ ସୁସ୍ୱାଦ ମାଛକୁ ଖାଇ ବେଦ ରକ୍ଷା କରିବ । ମହା.ଗଦା.୫୧/୩୯/୧-୨ ।

ଏଠାରେ ଏହି ପ୍ରସାଦ ସାରସ୍ୱତ ମୁନି ପାଇଥିବା କାରଣରୁ ବରଦା ନାମରେ ଜନପଦ ଏଠାରେ ରହିଛି । ଏବଂ ଜନପଦର ଅଗ୍ନିକୋଣ ଭୂଗର୍ଭରୁ ଯେଉଁ ଶିବଲିଙ୍ଗ ବାହାରିଛି ସେ ଲିଙ୍ଗ ହିଁ ମୁନୀ ଆଶ୍ରମର ସ୍ୱାଧ୍ୟାୟ ଲିଙ୍ଗ । ସାରସ୍ୱତ ମୁନୀଙ୍କ ଖାଦ୍ୟ ମାଛ ନାମ 'ଜଳଙ୍ଗ' । ଅତୀତରେ ଏହି ସରସ୍ୱତୀ ଗଣ୍ଡର ବିଶାଳତା ଯଥେଷ୍ଟ ଥିଲା, କିନ୍ତୁ କଂସାରୀ ବା ବିସ୍ତାରିତ ରୂପରେ ପକ୍ଷୀଟିଏ ଆସି ପ୍ରଭାବ ସୃଷ୍ଟି କାରଣରୁ ଗଣ୍ଡ ନାମ କଂସାରୀ ରହିଛି । ସେ ପକ୍ଷୀ ନାମ ସୁକୁଆ ଖାଇ । ଅର୍ଥାତ୍ ଉତମ କୂଆର ସୁନାମ ଖ୍ୟାତ କାମଦେବ ବା 'ଅଇ' ।

**ବ୍ରହ୍ମର୍ଷି ମରିଚି –**

ବ୍ରହ୍ମଲୋକରେ ବ୍ରହ୍ମଦେବଙ୍କ ମନରୁ ଯାତ ବ୍ରହ୍ମର୍ଷି ମରିଚି । ପଦ୍ମନାଭ ଗିରିକୁ ସିଧା ଅବତରଣ କରି ସରସ୍ୱତୀଙ୍କ ଉତ୍ତର ପାର୍ଶ୍ୱରେ ଆଶ୍ରମ କରିବା ପରେ କର୍ଦ୍ଦମ କନ୍ୟା କଳାଙ୍କ ପାଣିଗ୍ରହଣ କଲାପରେ ଆଜିର ଜନପଦ ମାଳିଜଗନ୍ନାଥପୁରୀରେ ଥିବା ବାଲି ଲୋକନାଥଙ୍କ କ୍ଷେତ୍ରରେ ଆଶ୍ରମ କରିଥିଲେ ।

ମାଳି ଜଗନ୍ନାଥପୁରୀସ୍ଥ ଏହି କ୍ଷେତ୍ରର ଲିଙ୍ଗ ପ୍ରଥମେ ମରିଚେଶ୍ୱର ନାମ ବହନ କରି ଆସିଥିଲା । କଳାଙ୍କ ଗର୍ଭରୁ କଶ୍ୟପ ନାମକ ପୁତ୍ର ପାଇଥିଲେ ବିଭିନ୍ନ ପତ୍ନୀଙ୍କଠାରୁ ଏକଶତ ପୁତ୍ର ପାଇଥିଲେ । କଶ୍ୟପ ଥିଲେ ଜ୍ୟେଷ୍ଠ ପୁତ୍ର

। ମାତା ଅଦିତୀ ପଦ୍ମନାଭଗିରିଠାରେ ପୟୋବ୍ରତ ବିଧି ପାଳନ କରିବା ପରେ, ଭଗବାନ ବାମନ ବଳିଙ୍କ ଯଜ୍ଞକୁ ଯାଇ ତିନି ପାଦ ଜମି ମାଗି ଆକାଶ, ମର୍ତ୍ତ ମାପି ତୃତୀୟ ପାଦରେ ବଳିଙ୍କୁ ପାତାଳକୁ ଚାପି ଦେଇଥିଲେ ।

**ମହର୍ଷି କଶ୍ୟପ**

ବ୍ରହ୍ମର୍ଷି ମରିଚିଙ୍କ ପୁତ୍ର ରୂପେ ଜନ୍ମ ହୋଇ ଏଠାରେ ଘୋର ତପସ୍ୟା କରି ମହାନତା ଅର୍ଜନ କଲାପରେ, ଦକ୍ଷପ୍ରଜାପତିଙ୍କ କନ୍ୟା ତେରଜଣଙ୍କୁ ବିବାହ କରିଥିଲେ । ୧) ଅଦିତୀ, ଦିତୀ, ଦନୁ, କପିଳା, କଳା, ଦନାୟୁ, ସିଂହିକା, କ୍ରୋଧା, ପ୍ରାଧା, ବିଶ୍ୱା, ବିନିତା, ମୁନୀ ଏବଂ କଦ୍ରୁ । ସମୁହଙ୍କ ଏପରି ସନ୍ତାନ ହୋଇଥିଲେ ଯଦ୍ୱାରା ସମୁଦାୟ ସୃଷ୍ଟି ଭରି ଯାଇଥିଲା । ସମସ୍ତ ଦୈତ୍ୟ ଦିତୀ ଗର୍ଭରୁ, ଦନୁଙ୍କ ଗର୍ଭରୁ ଦାନବ, କାଲା ଓ ଦନାୟୁଙ୍କ ସନ୍ତାନ ମଧ ଦାନବ, ସିଂହକା ଗର୍ଭରୁ ସିଂହ, ବ୍ୟାଘ୍ର ଆଦି, କ୍ରୋଧାଠାରୁ କ୍ରୋଧିତ ଅସୁର, ବିନତାଠାରୁ ବରୁଣ, ଅରୁଣାଦି ଛ ପୁଅ, କଦ୍ରୁଙ୍କ ନାଗାଦି ସର୍ପ, ମନୁଙ୍କଠାରୁ ସମ୍ପୂର୍ଣ୍ଣ ମନୁଷ୍ୟ ଉତ୍ପନ୍ନ ହୋଇଥିଲେ । ଏପରି ସମୁହ ସ୍ଥାବର ଜଙ୍ଗମ, ପଶୁ ପକ୍ଷୀ, ଦୈତ୍ୟ, ଦେବତା, ମନୁଷ୍ୟ ସମୁହ ଭାଇ ଭାଇ ଅଟନ୍ତି । ସମସ୍ତେ ଆମେ କଶ୍ୟପ ଭଗବାନଙ୍କ ସନ୍ତାନ । ବୃକ୍ଷ, ପଶୁ ପକ୍ଷୀ, ମନୁଷ୍ୟ ସମୁହେ କଶ୍ୟପ ଗୋତ୍ରି । ଏହି କନ୍ୟା ତେରଜଣଙ୍କ ମଧରେ ଅଦିତୀ କଶ୍ୟପଙ୍କ ଅତି ପ୍ରିୟ ଥିଲେ । ଯେହେତୁ ଇନ୍ଦ୍ରାଦି ଦେବତା ଭଗବାନ ବାମନ ତାଙ୍କରି ଗର୍ଭରୁ ଯାତ । ଏହାଙ୍କ ତପ ଅନନ୍ତ ଅଟେ । ଏବଂ ଭଗବତ୍ ଭକ୍ତି ମଧ ଅତୁଟ । କାରଣ ଏ ଦମ୍ପତି ଭଗବାନଙ୍କ ଅତି ପ୍ରିୟ । ଭଗବାନ୍ ତିନିଥର ଏହି ଦମ୍ପତି ଘରେ ଜନ୍ମ ନେଇଥିଲେ । ଦେବୀ ଅଦିତୀ ଓ ମହର୍ଷି କଶ୍ୟପଙ୍କ ମହାତପ ପ୍ରଭାବରେ ହିଁ ଜୀବ ସଗୁଣ ଭଗବାନଙ୍କୁ ଦର୍ଶନ ମିଳିଥାଏ । ସ୍ୱୟଂ ଭଗବାନ୍ ଯାହାଙ୍କ ଗର୍ଭରୁ ଯାତ ତାଙ୍କ ବିଷୟକୁ ନେଇ ବିଶେଷ କିଛି କହି ହେବ କି ? ପୁରାଣ ମାନଙ୍କରେ କଶ୍ୟପଙ୍କ ଅନେକ କଥା ଆସୁଛି । ସେଥିରେ ବଳି ବାମନ ଅଦିତୀ ଆଦିଙ୍କ ପ୍ରସଙ୍ଗମାନ ରହିଛି । ଏଥିରେ ଆମେ ଭଗବାନ କଶ୍ୟପଙ୍କୁ ଜୀବଙ୍କ ଆଦି ପିତା କହି କହିପାରିବା ।

**ଭୃଗୁବଂଶି ଶୁକ୍ରାଚାର୍ଯ୍ୟ**

ଶୁକ୍ରାଚାର୍ଯ୍ୟଙ୍କ ଆଶ୍ରମ ବିଭିନ୍ନ କ୍ଷେତ୍ରରେ ଥିଲା । ମହେନ୍ଦ୍ରଗିରି, ଦାରିଙ୍ଗିବାଡ଼ି ସମିପସ୍ଥ ସୋନପୁର୍, ସମୁଦ୍ର ଉପକୂଳସ୍ଥ କଂଟିଆଗଡରେ ଥିବା ବଟେଶ୍ୱର ତଥା ଚିଲିକା ଉପକୂଳରେ ଥିବା ଅଳେଶ୍ୱର ପୀଠ । ବ୍ରହ୍ମଦେବଙ୍କ ମାନସ ପୁତ୍ର ବ୍ରହ୍ମର୍ଷି ଭୃଗୁ ସେ ବଂଶଜ ଥିଲେ । ଭୃଗୁଙ୍କ ପୁତ୍ର ଥିଲେ କବି ତଥା କବିଙ୍କ ପୁତ୍ର ଶୁକ୍ରାଚାର୍ଯ୍ୟ ଥିଲେ । ତପସ୍ୟା କ୍ଷେତ୍ର ତଥା ଅନେକ ଆଶ୍ରମ କ୍ଷେତ୍ର ଥିଲା । ଭକ୍ତ ପ୍ରହ୍ଲାଦଙ୍କ ସେ ଶିକ୍ଷା ଗୁରୁ ଥିଲେ । ଅସୁର ଗୁରୁ ହେବା ସତ୍ୱେ ମଧ ସତମାର୍ଗି ଥିଲେ । ତାଙ୍କରି ପ୍ରଭାବରୁ ପ୍ରହ୍ଲାଦ, ବିରୋଚନ, ବଳି ଆଦି ଭଗବାନଙ୍କ ଭକ୍ତ ହୋଇପାରିଥିଲେ । ଶ୍ରୀ ବିଷ୍ଣୁ ବା ପରିବେଶ ସକାଶେ ନାନା ଯଜ୍ଞ ଯଜ୍ଞାଦି କରୁଥିଲେ ।

ଶୁକ୍ରାଚାର୍ଯ୍ୟ ବିଭିନ୍ନ ଯାଗାରେ ତପସ୍ୟା କରି ବଟୁକ ଭୈରବ ମନ୍ତ୍ର, ମୃତସଂଜୀବନୀ ବିଦ୍ୟା, ନିଜ କନ୍ୟା ଅରଜାକୁ ଦେବୀ ବିରଜା ତଥା ଅଭିଶାପ ଉଚ୍ଚାରଣରୁ ରାଜା ଦଣ୍ଡଙ୍କ ରାଜ୍ୟ ଦଣ୍ଡକାରଣ୍ୟରେ ପରିଣତ ହୋଇ ଯାଇଥିଲା । ଏହାର ପ୍ରମାଣ ସ୍ୱରୂପ ପ୍ରବାହିତ ଖଡଗ ନଦୀ ଏବଂ ଏହି ନଦୀ ଗର୍ଭରେ ଥିବା ପୁରାତନ ନଅରର ପୁନାଦି ସ୍ମରଣୀୟ ।

ଦେବଗୁରୁ ବୃହସ୍ପତିଙ୍କ ପାଖେ ଯେଉଁ ମୃତସଂଜୀବନୀ ବିଦ୍ୟା ନଥିବା ବେଳେ ଶୁକ୍ରାଚାର୍ଯ୍ୟଙ୍କ ପାଖେ ଥିଲା । ଏଣୁ ବୃହସ୍ପତି ନିଜ ପୁତ୍ର କଚଙ୍କୁ ସେହି ବିଦ୍ୟା ଶିକ୍ଷା ପାଇଁ ପଠାଇଥିଲେ । ବୃହସ୍ପତି ପୁତ୍ର କଚ ବୋଲି ଜାଣିବା ପରେ ଆନନ୍ଦରେ ଶୁକ୍ରାଚାର୍ଯ୍ୟ ଶିଶ୍ୱତ୍ୱ ରୂପେ ଗ୍ରହଣ କରି ଶିକ୍ଷା ଦେବାରେ ଲାଗିଥିଲେ । ଅସୁରମାନେ ଜାଣିବା ପରେ କଚଙ୍କୁ ଜୀବନରେ ମାରିଦେଲେ ମଧ ବିଦ୍ୟା ଦ୍ୱାରା ବଂଚାଇ ଦେଉଥିଲେ । ଶେଷରେ ଅସୁରଗଣ କଚଙ୍କୁ ହତ୍ୟା କରି ତାଙ୍କରି ଶବ ଭଷ୍ମଙ୍କୁ ଧୋଖାରେ ଶୁକ୍ରାଚାର୍ଯ୍ୟଙ୍କୁ ସୁରା ସହିତ ପିଆଇ ଦେଇଥିଲେ । ଶୁକ୍ରାଚାର୍ଯ୍ୟ ଧ୍ୟାନରେ ବିଷୟ ଜାଣିବା ପରେ, କଚଙ୍କୁ ଗର୍ଭରେ ରଖି ହିଁ ସଂଜିବନୀ ବିଦ୍ୟା ଶିକ୍ଷା ଦେଇଥିଲେ । କଚ ଶୁକ୍ରାଚାର୍ଯ୍ୟଙ୍କ ଗର୍ଭରେ ରହି ଶିକ୍ଷା ସିଦ୍ଧ ପରେ ବାହାରକୁ ଆସିଥିଲେ ଶୁକ୍ରାଚାର୍ଯ୍ୟଙ୍କ ପେଟ ଫାଡ଼ି । ପରେ ଶୁକ୍ରାଚାର୍ଯ୍ୟଙ୍କୁ କଚ ଜୀବିତ କରିଦେଇଥିଲେ, ନିଜ ଆଶ୍ରମରେ । ଶୁକ୍ରାଚାର୍ଯ୍ୟ ଜୀବିତ ହେବା ପରେ ଘୋଷଣାରେ କହିଥିଲେ- ମୁଁ ଆଜିଠାରୁ ମର୍ଯ୍ୟଦା ସ୍ୱରୂପ କହୁଛି ଯେ ମୋ ମର୍ଯ୍ୟଦାକୁ ଦେବତା ତଥା ସମସ୍ତ ପ୍ରାଣୀ ଶୁଣନ୍ତୁ । ଯେଉଁ ମନ୍ଦବୁଦ୍ଧି ବ୍ରାହ୍ମଣ ଭୁଲରେ ମଧ ଆଜିଠାରୁ ମଦ୍ୟପାନ ଯଦି କରିବ ତାର ସମସ୍ତ ଅର୍ଜିଥିବା ଧର୍ମ ନାଶ ହୋଇଯିବ, ପୁନଃ ତାକୁ ବ୍ରହ୍ମହତ୍ୟା ଦୋଷ ଲାଗିବ ।

ବଳି ରାଜା ଶୁକ୍ରାଚାର୍ଯ୍ୟଙ୍କ କଥା ନ ଶୁଣି ସମସ୍ତ କିଛି ହରାଇଥିଲେ । ଶୁକ୍ରାଚାର୍ଯ୍ୟଙ୍କ ଦ୍ୱିତୀୟ କନ୍ୟା ଦେବଯାନୀ ମହାରାଜା ଯଯାତିଙ୍କୁ ବିବାହ କରି ଆଜସୁଦ୍ଧା ସ୍ୱର୍ଗ କ୍ଷେତ୍ରସ୍ଥ ।

**ମହର୍ଷି ମକଣଙ୍କ**

ଏକ ସମୟର ଘଟଣା ଜଣେ ମହାନ ସୁନ୍ଦରୀ ଅପ୍ସରା କାଳିଯାଇ ବା କାଳଜୟୀ ବା ସପ୍ତସାରସ୍ୱତ ତୀର୍ଥ କ୍ଷେତ୍ରରେ ଉଲଗ୍ନ ଅବସ୍ଥାରେ ସ୍ନାନ କରୁଥିବା କାଳେ ମହର୍ଷି ମକଣଙ୍କଙ୍କ ଦୃଷ୍ଟି ପଡ଼ି ବୀର୍ଯ୍ୟ ସ୍ଖଳିତ ହୋଇ ପଡ଼ିଥିଲା । ଉକ୍ତ ବୀର୍ଯ୍ୟକୁ ଉଦ୍ଧାର କରି ଗୋଟିଏ କଳସୀରେ ସାଇତି ରଖିଥିଲେ । ସ୍ୱତଃ ସେ ବୀର୍ଯ୍ୟ ସାତ ଭାଗରେ ବିଭକ୍ତ ହୋଇ ଯାଇଥିଲା । ସେ ସାତ ଭାଗରୁ ସାତ ଋଷି ପ୍ରକଟ ହୋଇଥିଲେ । ସେ ସାତ ଭାଗ ମରୁତର ମୌଳିକ ସ୍ଥର ଥିଲା । ଯଥା – ବାୟୁବେଗ, ବାୟୁବଳ, ବାୟୁହା, ବାୟୁ ମଣ୍ଡଳ, ବାୟୁଜ୍ୱାଳ, ବାୟୁରେତା ଏବଂ ବାୟୁଚକ୍ର । ତପସ୍ୱୀଙ୍କ ମଧରେ ଏହି ସପ୍ତଋଷି ଅତି ପ୍ରଚଣ୍ଡ ଉଗ୍ର ତଥା ତିବ୍ର ଜଣା ଯାଉଥିଲେ । ଏଣୁ ଇନ୍ଦ୍ରଦେବ ବଜ୍ରଦ୍ୱାରା ଏହି ଋଷି ରୁପକ ଏକ ଏକ ମରୁତଙ୍କୁ ପୁଣି ସାତ ସାତ ଖଣ୍ଡ କରି ୪୯ ଖଣ୍ଡରେ ପରିଣତ କରିଥିଲେ । ପ୍ରତ୍ୟେକ ଖଣ୍ଡ ଏକ ଏକ ଅକ୍ଷର ସୃଷ୍ଟି କରିଥିଲେ । ଏଥି ମଧରେ ସ୍ୱରବର୍ଣ୍ଣ ୧୪, ବ୍ୟଞ୍ଜନ ବର୍ଣ୍ଣ ୨୫ ଏବଂ ଅନ୍ତସ୍ଥ ବର୍ଣ୍ଣ ୧୮ ଏପରି ୪୯ ଲିପି ଅଟେ ।

ସୂଚନା ରହିଛି କୁଶ ସଂଗ୍ରହ କରୁ କରୁ, ଆଙ୍ଗୁଠିରେ କୁଶ ପ୍ରବେଶ କରି ରଙ୍ଗ ବର୍ଣ୍ଣ ରକ୍ତ ପରିବର୍ତ୍ତେ ବାହାରିଥିଲା ସବୁଜ ବର୍ଣ୍ଣ ରକ୍ତ । ରକ୍ତର ସବୁଜତା ଦେଖି ମହର୍ଷି ଆନନ୍ଦରେ ନୃତ୍ୟ କରିବାକୁ ଲାଗିଲେ । ମହର୍ଷିଙ୍କ ନୃତ୍ୟରେ ପାଦକୁ ପାଦ ମିଶାଇ ସ୍ଥାବର ଜଙ୍ଗମରେ ପ୍ରାଣୀମଧ ନୃତ୍ୟ କରିଥିଲେ । ନୃତ୍ୟ ନ କରିବାକୁ ଋଷିଙ୍କି କହିବା ପାଇଁ ମହାଦେବଙ୍କୁ ଦେବ ସମୁଦାୟ ସହ ବ୍ରହ୍ମଦେବ ମଧ ଆସି କହିଥିଲେ । ମହାଦେବ ବ୍ରହ୍ମଣ ରୂପରେ ପ୍ରକଟ ହୋଇ ମହର୍ଷିଙ୍କି ପଚାରିଥିଲେ- ହେ ବ୍ରହ୍ମଣ ତୁମେ ଏପରି କେଉଁ ହର୍ଷକୁ ନେଇ ନୃତ୍ୟ କରୁଛ ?

ଦେଖୁ ନାହାଁନ୍ତି ମୋ ଅଙ୍ଗୁଳିକୁ ସବୁଜ ରକ୍ତ କିପରି ବାହାରୁଛି । ସେପରି ମହାଦେବ ଚିପରୁ ଭଷ୍ମ ପ୍ରକଟ କରି କହିଲେ କାହିଁ ମତେ ତ ହର୍ଷ ଲାଗୁନି । ଏପରି କର୍ତ୍ତୁତ୍ୱକୁ ମହାଦେବଙ୍କ ଦେଖି ମୁନୀ ନରମୀ ଯାଇଥିଲେ । ବ୍ରାହ୍ମଣ ହିଁ ମହାଦେବ କହି ବୁଝି ପାରିଥିଲେ । ଏବଂ କହିଥିଲେ ଆପଣ ହିଁ ସମୁଦାୟ ବିଶ୍ୱର ନାମ କହି ସ୍ତୁତି କରିଥିଲେ । ଏବଂ କହିଥିଲେ – ମୋର ଏହି ଅହଂକାରପୂର୍ଣ୍ଣ କର୍ମ ପାଇଁ ମତେ କ୍ଷମା କରିଦିଅନ୍ତୁ । ମହାଦେବ ପ୍ରସନ୍ନ ହୋଇ କହିଥିଲେ ମୋ ପ୍ରସାଦରୁ ତୁମ ତପସ୍ୟା ସହସ୍ର ଗୁଣ ବୃଦ୍ଧି ପାଉ । ବାୟୁ ପୁତ୍ର ମକଣଙ୍କଠାରୁ ମହାଦେବ ଆହ୍ଲାଦନ ପାଇ ତାଙ୍କରି ନିକଟରେ ରହିବାକୁ ଲାଗିଲେ ।

## ମହର୍ଷି ଅଗସ୍ତିଙ୍କ ସପ୍ତସମୁଦ୍ର ପାନ

ଋଷିକୂଲ୍ୟା ସରସ୍ୱତୀଙ୍କ ପ୍ଳକ୍ଷଯାତ ଗଙ୍ଗା ଯମୁନା (ବୈ.ପ. ୧୬୯/୧୯/$^{୧}/_{୨}$) ଶ୍ଳୋକର ଦର୍ଶାଯାଇଥିବା ଯମୁନା ଧାର ଅଗ୍ରରେ ସପ୍ତସାରସ୍ୱତ ତୀର୍ଥ ସହିତ ମହର୍ଷି ମକଣଙ୍କ ଙ୍କ ନୃତ୍ୟକ୍ଷେତ୍ର ହୋଇ ରହିଥିବାବେଳେ (ମେଦିନୀର କେନ୍ଦ୍ରବିନ୍ଦୁ କାଳଜୟୀ) ଗଙ୍ଗାଧାର ପ୍ଳକ୍ଷ ଅଗ୍ରକ୍ଷେତ୍ରରେ କାଳକେୟ ଦୈତ୍ୟଙ୍କୁ ଇନ୍ଦ୍ରଙ୍କ ଦ୍ୱାରା ସଂହାର ପାଇଁ ଏଠାରେ ଅଗସ୍ତି ମୁନୀ ସପ୍ତସମୁଦ୍ରକୁ ପାନ କରିଥିଲେ । ଏହି ଜଳଧାର କୁରୁକ୍ଷେତ୍ର ମଧରେ ପ୍ରବାହିତ ତଥା ଶ୍ରୀକୃଷ୍ଣ ଶରୀର ସହ ସ୍ୱଧାମ ଗମନ ପରେ, ଦ୍ୱାରିକାରେ ସମୁଦ୍ର ପ୍ରଭାବରେ ଆସିଥିଲା ପରି କୁରୁକ୍ଷେତ୍ର ମଧ ପ୍ରଭାବିତ ଏଠାରେ ହୋଇଥିଲା । ଏଣୁ ମହର୍ଷି ଅଗସ୍ତି ଯେଉଁ ଟାପୁପେ ରହି ସମୁଦ୍ରକୁ ଚଉଳି କରିଥିଲେ, ସେହି ଟାପୁ କ୍ଷେତ୍ର ସମୁଦ୍ର ମଝିରେ (ବଙ୍ଗୋପ ସାଗରର) ରହିଛି । କିନ୍ତୁ ଗ୍ରାମ ସ୍ଥାନାନ୍ତର ହୋଇ ଅଗସ୍ତି ନୁଆଗାଁ ନାମରେ ସ୍ମରଣୀୟ ହୋଇ ରହି ଆସିଛି । ଏଠାରେ ପୁଣି କହିବା ଉଚିତେ ହେବ ଯେ ଏଥି ପୂର୍ବରୁ ସମୁଦ୍ର ମଧଗତ ହୋଇଥିବା ଏହି ଟାପୁ କ୍ଷେତ୍ରଟି କୁରୁକ୍ଷେତ୍ର ଅରନ୍ତୁକ ଦ୍ୱାର ରୂପେ ସ୍ମରଣୀୟ । ପୁନଃ ଋଷିକୂଲ୍ୟା ସରସ୍ୱତୀଙ୍କ ଗଙ୍ଗାଧାର ପ୍ଳକ୍ଷ ଏଠାକୁ ପ୍ରବାହିତ ହୋଇ ଆସି ଏଠାରେ ମୁହାଣ ସୃଷ୍ଟି କରିଥିଲା ।

ଗଞ୍ଜ ଭୂମି ସନ୍ତାନ ସୋରଡା ବ୍ଲକ ଅନ୍ତର୍ଗତ କୁମ୍ଭିକେତା ଜନପଦସ୍ଥ ମିତ୍ରାବରୁଣ ଆଶ୍ରମରେ କୁମ୍ଭିନରୁ ଜନ୍ମିତ ମହର୍ଷି ଅଗସ୍ତି କେବଳ ସପ୍ତ ସାଗରକୁ ପାନ କରିଥିବା ପରିବର୍ତ୍ତେ ନିଜକୁ ବୃଦ୍ଧିକରି ସୂର୍ଯ୍ୟଙ୍କ ପଥ ଓଗାଳିବାକୁ ଚେଷ୍ଟିତ ବିନ୍ଧ୍ୟାଚଳ ପର୍ବତକୁ ନୂଆଁଇ ଆଜ ଯାଏ ରଖିଛନ୍ତି । ସରାମୂଳୀ ଯୋଗୀ ମଠରେ, ଇଲ୍ୱଳ ବାତାପି ଯେଉଁ ଉପଦ୍ରବ ରଚନା କରି ରଖିଥିଲେ, ତାହାକୁ ଦମନ କରିଛନ୍ତି ।  ନହୁଷ, ଇନ୍ଦ୍ର ହେବାପରେ ଗର୍ବରେ ତପସ୍ୱୀଙ୍କୁ ସବାରି ବହନ କରେଇବା କଷ୍ଟରୁ ଉଦ୍ଧାର କରେଇବା, ପୁନଃ ଶ୍ରୀରାମ ଏହି ଅରନ୍ତୁକ ଦ୍ୱାରସ୍ଥ ଆଶ୍ରମରେ ଅଗସ୍ତ୍ୟଙ୍କ ସାକ୍ଷାତାଦି ଅନେକ କାର୍ଯ୍ୟ କରିଛନ୍ତି ।

## ବ୍ରହ୍ମର୍ଷି ଭୃଗୁ

ବ୍ରହ୍ମଲୋକରେ ବ୍ରହ୍ମାଙ୍କ ଚର୍ମରୁ ମାନସ ସନ୍ତାନ ରୂପେ ଜନ୍ମି ପଦ୍ମନାଭ ଗିରିକୁ ଅବତରଣ କରିଥିଲେ । ସେ କର୍ଦମ କନ୍ୟା ଖାତିଙ୍କ ପାଣି ଗ୍ରହଣ କରି ମହେନ୍ଦ୍ରଗିରିଠାରେ ଆଶ୍ରମ ଗଠନ କରିଥିଲେ । ଏଠାରେ ଧାତା ବିଧାତା ନାମରେ ସନ୍ତାନ ଦୁଇ ଓ କନ୍ୟା ଶ୍ରୀ ନାମେ ଜନ୍ମି ଭଗବାନ୍ ସହ ବିଷ୍ଣୁଙ୍କ ବିବାହ କରାଇଥିଲେ ।

ପରେ ସରସ୍ୱତୀ ନଦୀ ତଟରେ ଥିବା ବୈଭ୍ରାଜ୍ୟ ବନରେ ତୁପସ୍ୱୀମାନଙ୍କ ସଭା ବସିଥିଲା । ସେହି ସଭାରେ ଦେବତ୍ରାୟ ମଧରୁ କିଏ ସାତ୍ୱୀକ ଦେବତା ସ୍ଥିର ହୋଇ ନ ପାରିବା କାରଣରୁ ବ୍ରହ୍ମର୍ଷି ଭୃଗୁଙ୍କୁ ପରିକ୍ଷକ ରୂପେ ବାଛି କିଏ ସାତ୍ୱିକ ଦେବତା କହିବାକୁ କହିଥିଲେ । ଭୃଗୁ ଦେବତ୍ରୟଙ୍କୁ ପରିକ୍ଷା କରି ସାତ୍ୱୀକ ଦେବତା ବିଷ୍ଣୁଙ୍କୁ

ନିର୍ଣ୍ଣୟ କରି କହିଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ମନ୍ଦିର ନିର୍ମାଣ କରାଗଲା । ମହେନ୍ଦ୍ରଗିରିଗତ ଭୃଗୁ ତୁଙ୍ଗରୁ ପ୍ରଥମ ଦାରୁ ନିଆଗଲା, ସରସ୍ୱତୀ ନଦୀ ଦେଇ ।

ଏଠାରେ ପ୍ରକାଶ ଥାଉ ଯେ ଅବିଭକ୍ତ ଗଞ୍ଜ ଭୂମିରେ ଅବତରଣ କରିଥିବା ବ୍ରହ୍ମର୍ଷି ଭୃଗୁଙ୍କ ପାଦଚିହ୍ନକୁ ଶ୍ରୀବତ୍ସ ପାଦଚିହ୍ନ ରୂପେ ବିଷ୍ଣୁ ସର୍ବଦା ହୃଦୟରେ ଧରି ଆସିଛନ୍ତି ।

**ମହର୍ଷି ଚ୍ୟବନ**

ବ୍ରହ୍ମର୍ଷି ଭୃଗୁଙ୍କ ବିବାହ ପୁନଃ ପୁଲମାନାମଧାରୀ କନ୍ୟା ସହ ହୋଇଥିଲା । ଯେଉଁ କାଳେ ପୁଲୋମା ଗର୍ଭବତୀ ଥିଲେ, ସେ କାଳେ ପ୍ରଲୋମା ନାମଧାରୀ ରାକ୍ଷାସ ସୁକର ରୂପ ଧାରଣ କରି ଧରି ଚାଲି ଯାଇଥିଲା । ଶିଘ୍ର ଦୌଡ କାରଣ ଯୋଗୁଁ ଋଷିପତ୍ନୀଙ୍କ ଗର୍ଭ ବ୍ୟଥିତ ହୋଇ ଯାଇଥିଲା । ସେ କାଳେ ଏକ ମହାତେଜସ୍ୱୀ ପୁତ୍ର ଜନ୍ମ ନେଇଥିଲା । ତଥା ସେ ଶିଶୁକୁ ଦେଖୁ ଦେଖୁ ପ୍ରଲୋମା ରାକ୍ଷାସର ମୃତ୍ୟୁ ହୋଇଥିଲା ।

ଭୃଗୁ ପୁତ୍ର ଚ୍ୟବନ ମହା ସପସ୍ୱୀ ତଥା ବ୍ରହ୍ମନିରତ ଥିଲେ । ସେ ସର୍ବଦା ତପସ୍ୟାରତ ଯୋଗୁଁ ତାଙ୍କ ଉପରେ ମହାରାଜ ଶର୍ଯ୍ୟାଦି ଦିନେ ସୈନ୍ୟ ଓ କନ୍ୟା ସହ ସେ ବନକୁ ଶୀକାର ପାଇଁ ଆସିଥିଲେ । ରାଜକନ୍ୟା ଜଙ୍ଗଲ ବୁଲୁ ବୁଲୁ ଯେଉଁ କ୍ଷେତ୍ରରେ ବସିଥିଲେ ସେ କ୍ଷେତ୍ରରେ ଦୁଇ ଚକ୍ଷୁ ଯୁଗନୁ ସ୍ୱରୂପ ଦେଖାଗଲା । ସୁକନ୍ୟା ପିଲାଳିଆ ରୂପରେ କଂଟାତୁଲ୍ୟ ଡାଙ୍ଗ ଗେଞ୍ଜି ଦେଇଥିଲେ । ରକ୍ତ ଧାରା ବହିବାରେ ଲାଗିଲା । ସୁକନ୍ୟ ଡରି ରହିବା ସ୍ଥାନକୁ ଚାଲି ଯାଇଥିଲା । ବିଭିନ୍ନ ଅସଂକୁନ ଘଟଣା ଘଟିବା ପରେ ସୁକନ୍ୟା ଦ୍ୱାରା ଘଟିଥିବା ଘଟଣା କଥା ରାଜା ଜାଣିପାରିଥିଲେ । ତଥା ଚ୍ୟବନଙ୍କ ନିକଟକୁ ଯାଇ ବିନୟତା ସହ କ୍ଷମା ମାଗିଥିଲେ । ଏବଂ ଆଜ୍ଞା ପାଳନ କରିବାକୁ କହିଥିଲେ ।

ଚ୍ୟବନ କହିଥିଲେ – ମୁଁ ବୃଦ୍ଧ ହୋଇଥିବା ସହ ଚକ୍ଷୁ ମଧ ନଷ୍ଟ ହୋଇଗଲା । ଏଣୁ କନ୍ୟାକୁ ମୋ ସେବା ସକାଶେ ଛାଡି ଚାଲିଯାଅ । ବିଧି ଅନୁସାରେ ବିବାହ କରାଇ ରାଜା ସର୍ଯ୍ୟାତୀ ଯିବା ପରେ ମହର୍ଷିଙ୍କ ସେବାରେ ସୁକନ୍ୟା ମନ ଦେଇଥିଲେ । ଏପରି କାଳେ ସ୍ୱର୍ଗ ବୈଦ୍ୟ ଅଶ୍ୱିନୀକୁମାର ଆଶ୍ରମକୁ ଆସିଥିଲେ । ଯଜ୍ଞମାନଙ୍କରେ ଯଜ୍ଞଭାଗ କରାଇଦେବାକୁ କହି, ସ୍ୱର୍ଗ ବୈଦ୍ୟଙ୍କ ଚିକିତ୍ସାରେ ବୃଦ୍ଧ ଶରୀର ଚକ୍ଷୁ ଆଦି ଚ୍ୟବନ ମୂନୀ ଭଲ ହୋଇଯାଇଥିଲା ।

**ମହର୍ଷି ଶାଣ୍ଡିଲ୍ୟ**

ମହର୍ଷି କଶ୍ୟପ ବଂଶରେ ମହର୍ଷି ଦେବଳଙ୍କ ପୁତ୍ର, ଶାଣ୍ଡିଲ୍ୟ ନାମରେ ପ୍ରସିଦ୍ଧ ମହର୍ଷି ଥିଲେ । ପ୍ରଭାସ ତୀର୍ଥରେ ଶିବଲିଙ୍ଗ ସ୍ଥାପନ କରି ଘୋର ତପସ୍ୟା ସେ କରିଥିଲେ । ପ୍ରସନ୍ନତା ଲାଭ କରି ମହାଦେବ ମହର୍ଷିଙ୍କୁ ତତ୍ତ୍ୱଜ୍ଞାନ, ଭଗବତ୍ ଭକ୍ତି ଏବଂ ଅଷ୍ଟସିଦ୍ଧି ବର ପ୍ରଦାନ କରିଥିଲେ । ରାଜା ତ୍ରିଶଙ୍କୁଙ୍କ ଯଜ୍ଞରେ ବିଶ୍ୱାମିତ୍ର ବ୍ରହ୍ମା ହେଲାବେଳେ ମହର୍ଷି ଶାଣ୍ଡିଲା ହୋତା ହୋଇଥିଲେ । ଶ୍ରୀକୃଷ୍ଣ କହିବା ବିଚାରକୁ ମହର୍ଷି ଦୃଢ଼ ଭାବରେ ଗ୍ରହଣ କରିଥିଲେ । ଯଥା –

ମାଂଚ ଯୋଽବ୍ୟଭିଚାରେଣ ଭକ୍ତି ଯୋଗେନ ସେବତେ ।
ସ ଗୁଣାନ୍ ସମତୀତୈତାନ୍ ବ୍ରହ୍ମ ଭୂୟାୟ କଳ୍ପତେ ॥

ମହର୍ଷି ଶାଣ୍ଡିଲ୍ୟଙ୍କ ଜନ୍ମ ନୈମିଷାରଣ୍ୟ ଅନ୍ତର୍ଗତ ହୋଇଥିବା କାଳେ, ପ୍ରଭାଷ କ୍ଷେତ୍ରରେ ବରପ୍ରାପ୍ତ ତଥା ସତସଙ୍ଗ ସହିତ ପରିବେଶ ସଂସ୍କାର ପାଇଁ ପୃଥକ୍ ପୃଥକ୍ ଧର୍ମ ସ୍ମୃତିମାନ ରଚନା କରିଥିଲେ ।

## ମହର୍ଷି ବୈଶମ୍ପାୟନ ଯାଜ୍ଞବଳ୍କ

ମହର୍ଷି ବୈଶମ୍ପାୟନ ବେଦାଚାର୍ଯ୍ୟ ଥିଲେ । ତାଙ୍କର ବହୁ ଶିଷ୍ୟ ମଧରେ ଯାଜ୍ଞବଳ୍କ୍ୟ ଥିଲେ ଅନ୍ୟତମ । ଯାଜ୍ଞବଳ୍କ୍ୟ, ମହର୍ଷିଙ୍କ ଭଣଜା ଥିଲେ । ମେରୁ (କାଳୀଜାଇ) କ୍ଷେତ୍ରରେ ଏକ ଯଜ୍ଞ ଆୟୋଜନ ହୋଇଥିଲା । ସେ ସଭାରେ ନିୟମ ଥିଲା, ନିଶ୍ଚିତ ତିଥିରେ ଯଦି କୌଣସି ଋଷି ସଭାରେ ଯୋଗ ଦେଇ ନ ପାରେ ତେବେ ତାଙ୍କୁ ୭ ଦିନ ପର୍ଯ୍ୟନ୍ତ ବାଚନିକ ବ୍ରହ୍ମହତ୍ୟା ପାତକ ଲାଗିବ ।

ସଭାର ସେହି ତିଥିରେ ମହର୍ଷି ବୈଶମ୍ପାୟନଙ୍କ ପିତାଙ୍କ ଶ୍ରାଦ୍ଧ ଥିଲା । ବିଚାର ସେ କରିଥିଲେ ଶ୍ରାଦ୍ଧ ନିତାନ୍ତ ହେବା ଆବଶ୍ୟକ । ଏଣୁ ବିଧିର ପ୍ରାୟଶ୍ଚିତ ସମସ୍ତ ଶିଷ୍ୟ ମିଶି କରିଦେବେ  କହି ସମୂହ ଶିଷ୍ୟଙ୍କୁ କହିଥିଲେ । କିନ୍ତୁ ଯଜ୍ଞବଳ୍କ୍ୟ କହିଥିଲେ ବର୍ତ୍ତମାନ ସମସ୍ତ ଛାତ୍ର ସାନ ଅଟନ୍ତି । ଏଣୁ ମୁଁ ଏକଲା ସମସ୍ତଙ୍କ ବଦଳରେ ପ୍ରାୟଶ୍ଚିତ କରିଦେବି । ମହର୍ଷି କିନ୍ତୁ କହିଥିଲେ ସମୂହ ମିଶି ପ୍ରାୟଶ୍ଚିତ କରିବା ଉଚିତ୍ । କିନ୍ତୁ ଯାଜ୍ଞବଳ୍କ୍ୟ ଜିଦ୍ ଧରି ଏକା କରିବାକୁ କହିଥିଲେ । ବୈଶମ୍ପାୟନ ମହର୍ଷି କ୍ଷୁବ୍ଧ ହୋଇ କହିଥିଲେ ତୁ ଅତ୍ୟନ୍ତ ଅଭିମାନୀ ହୋଇଗଲୁ । ଏଣୁ ମୋ ଦ୍ୱାରା ପାଠକରିଥିବା ବିଦ୍ୟାକୁ ବାନ୍ତି କରି ଦେ । ଗୁରୁ ଆଜ୍ଞାକୁ ସମସ୍ତ ଋଚିପୂର୍ଣ୍ଣ ବେଦକୁ ବାନ୍ତିରେ ପ୍ରକାଶ କରି ଥିଲେ । ତାହା କୃଷ୍ଣଯଜୁଃ ବେଦ ରୂପେ ପ୍ରସିଦ୍ଧି ଲାଭ କରି ରହିଛି ।

ଏହି ପରିବେଶରେ ପଢ଼ାଇଥିବା ବିଦ୍ୟାକୁ ପ୍ରତ୍ୟାବର୍ତ୍ତିତ କରିବା ମଧ ସାଧ ରହିଛି । ଏପରିକି ଅପାଠୁଆ ମଧ ବିଦ୍ୱାନ ହୋଇ ପାରିଛି ।

## ମହର୍ଷି ଜମଦଗ୍ନି

ମହର୍ଷି ଋଚିକ ମହାରାଜ ଗାଧିଙ୍କୁ, ତାଙ୍କରି କନ୍ୟା ସତ୍ୟବତୀଙ୍କୁ ମାଗିଥିଲେ । ଏକ ହଜାର ଶ୍ୟାମବର୍ଣ୍ଣ ସଫେଦ ଘୋଡ଼ା, ପ୍ରତିବଦଳରେ ସତ୍ୟବତୀ କନ୍ୟାକୁ ପାଇଥିଲେ । ରାଜାଙ୍କ କୌଣସି ପୁତ୍ର ନଥିଲା । ଏଣୁ ମହାରାଣୀ ପୁତ୍ର ପାଇଁ କନ୍ୟା ଦ୍ୱାରା ମହର୍ଷିଙ୍କୁ ଚରୁ ପାଇଁ କହିଥିଲେ । କନ୍ୟା ସତ୍ୟବତୀ ମା ଙ୍କ କଥା କହି ନିଜପାଇଁ ମଧ ଚରୁ କଥା କହିଥିଲେ । ମା ଏବଂ କନ୍ୟା ପାଇଁ ଭିନ୍ନ ଭିନ୍ନ ଚରୁ ପ୍ରସ୍ତୁତ ହୋଇଥିବା ସତ୍ୱେ ପରିବର୍ତ୍ତନ ହୋଇ ଯାଇଥିଲା । ଏପରି ହୋଇଥିବା ମହର୍ଷି ଜାଣିବା ପରେ ପତ୍ନୀକୁ କହିଥିଲେ- ତୋ ମାତାର ବ୍ରାହ୍ମଣ ତେଜଯୁକ୍ତ ପୁତ୍ର ହେବ । କିନ୍ତୁ ତୋର ଯେଉଁ ପୁତ୍ର କ୍ଷେତ୍ରିୟ ଧର୍ମର ହେବାକୁ ଥିଲା, ତାହା ପୁତ୍ର ନ ହୋଇ ପୌତ୍ର ହେବ । ମାତାଙ୍କ ପୁତ୍ର ବିଶ୍ୱାମିତ୍ର ହେଲେ । ଏବଂ କନ୍ୟା ସତ୍ୟବତୀଙ୍କ ପୁତ୍ର ମହର୍ଷି ଜମଦଗ୍ନି ହେଲେ । ଏହାଙ୍କ ପୁତ୍ର ପରଶୁରାମ ବ୍ରହ୍ମଣ ହୋଇ କ୍ଷତ୍ରିୟ କର୍ମ କରିଥିଲେ ।

ମହର୍ଷି ଜମଦଗ୍ନି ସର୍ବଦା ତପରତ ରହୁଥିଲେ । ତାଙ୍କ ଧର୍ମ ଥିଲା ବୈଦିକ କର୍ମ କରିବା । ଥରେ ପୃଥିବୀ ସମ୍ରାଟ ସହସ୍ରାର୍ଜୁନ ଶୀକାରକୁ ଆସି ମହର୍ଷିଙ୍କ ଅତିଥି ହୋଇଥିଲେ । ଶାସ୍ତ୍ର ବିଧି ପ୍ରକାରେ ମହର୍ଷି ସ୍ୱାଗତ କରିଥିଲେ । ସେନା ସହିତ ସମ୍ରାଟଙ୍କୁ ଭୋଜନ ସତ୍କାର କରାଇଥିଲେ । ଏଥିରେ ସ୍ୱାଧାୟ ଗୋ ମାତା କାମଧେନୁଙ୍କ ବିଶେଷ

ସହଯୋଗ ଥିଲା । ଭୋଜନ ଅତ୍ୟନ୍ତ ସୁସ୍ୱାଦୁ ତଥା କାମଧେନୁଙ୍କ କାରନାମା ଜାଣି ସହସ୍ରାର୍ଜୁନ ପ୍ରଥମେ ଗୋମାତାଙ୍କୁ ମାଗିଲେ, ମହର୍ଷି ଅରାଜି କାରଣରୁ ଜବରଦସ୍ତିରେ ନେଇ ଚାଲିଗଲେ । ପୁତ୍ର ପରଶୁରାମ ଆଶ୍ରମକୁ ଫେରିବା ପରେ ସମସ୍ତ ଘଟଣା ଜାଣିବା ପରେ ସହସ୍ରାର୍ଜୁନ ପଛେ ପଛେ ଯାଇ ରାଜଧାନୀ ମହିଷ୍ମତୀପୁରୀରେ, ସମ୍ରାଟ ସହିତ ସୈନ୍ୟ ବଳକୁ ସଂହାର କରି ଗୋମାତାଙ୍କୁ ମକୁଳାଇ ଆଣିଥିଲେ । ସମୁଦାୟ ଘଟଣା ଜାଣିବା ପରେ ମହର୍ଷି ଜମଦଗ୍ନି ବିଶେଷ ଅନୁତାପ କରିଥିଲେ । ଏବଂ ପରଶୁରାମଙ୍କୁ କହିଥିଲେ ବ୍ରାହ୍ମଣର ଧର୍ମ ହେଲା ଏକମାତ୍ର କ୍ଷମା ।

ସେହି ସମୟରେ ପ୍ରାୟ ସମସ୍ତ ରାଜା ଦୁଷ୍ଟ ହୋଇ ପଡିଥିଲେ । ରାଜା ରୂପରେ ଅସୁରମାନେ ଶାସନ କରୁଥିଲେ । ସହସ୍ରାର୍ଜୁନର ଦୁଷ୍ଟ ପୁତ୍ରଗଣ, ତପସ୍ୟାରତ ଥିବା ମହର୍ଷିଙ୍କ ଶରୀରରୁ ମଥାକୁ ଅଲଗା କରିଦେଇଥିଲେ । କ୍ଷତ୍ରୀୟ କାର୍ଯ୍ୟରେ ଉତକ୍ଷିପ୍ତ ହୋଇ ପରଶୁରାମ କ୍ଷେତ୍ରିୟ ସଂହାର କରିଥିଲେ । ସେଥି ମଧ୍ୟରୁ ସହସ୍ରାର୍ଜୁନର ପାଂଚ ପୁତ୍ର ଯଥା – ଜୟଧ୍ୱଜ, ଶୁରସେନ, ବୃଷଭ, ମଧୁ ଏବଂ ଉର୍ଜିତ ଭୟରେ ଲୁଚି ଯାଇଥିଲେ । କିନ୍ତୁ ପରଶୁରାମ ଏକବିଂଶ ବାର ପୃଥିବୀ ପରିକ୍ରମା କରି ଖୋଜି ଖୋଜି ଧରିଥିଲେ । ଏବଂ ଓଟାରି ନେଇ ଆଜିର ଜନପଦ ତୁମ୍ବାଠାରେ ସେ ପାଂଚଜଣଙ୍କ ରକ୍ତ ପାଂଚ ପାତ୍ରରେ ସଂଗ୍ରହ କରି ପିତୃଜନଙ୍କୁ ତର୍ପଣ କରିଥିଲେ ।

ଘଟଣା ଚିହ୍ନ ଆଜି ମଧ୍ୟ ଚିକଲଖଣ୍ଡି ବିପୁଲିଙ୍ଗି ମଧ୍ୟ କ୍ଷେତ୍ରରେ ବିରିଶିଙ୍ଗି ପାହାଡ଼ ରହିଛି । ଅତୀତର ଅନେକ ରହସ୍ୟ ଏଠାରେ ରହିଛି ।

**ମହର୍ଷି ମାର୍କଣ୍ଡେୟ**

ବ୍ରହ୍ମର୍ଷି ଭୃଗୁ ପରଂପରାଗତ ମହର୍ଷି ମୃକୁଣ୍ଡଙ୍କ ପୁତ୍ର ମାର୍କଣ୍ଡେୟ । ସେ ଗୁରୁ ବଚନ ଗ୍ରହଣକାରୀ, ବ୍ରହ୍ମଚାରୀ ତଥା ଶ୍ରୀହରି ଭକ୍ତ ରୂପେ ପରିଚିତ । ସେ ପ୍ରଭୁ ମାୟା କଣ ଜାଣିବା ପାଇଁ ବ୍ୟଗ୍ର ଥିଲେ । ପ୍ରଭୁଙ୍କ ଆଶିର୍ବାଦ ଥିଲା ହିମାଳୟ (ଶୁକ୍ତିମାନ)ର ଉତ୍ତର ପାର୍ଶ୍ୱରେ ଥିବା ପୁଷ୍ପଭଦ୍ରା (ସରସ୍ୱତୀ) ନଦୀ ତଟରେ ଥିବା ଆଶ୍ରମରେ ଅପେକ୍ଷା କରିଥିଲେ ।

ହଠାତ୍ ପରିବେଶରେ ମାୟା ଆସି ଯାଇଥିଲା । ଯୋର ବର୍ଷା ହୋଇଥିଲା । ଦେଖୁ ଦେଖୁ ଚାରିଦିଗ ଜଳାର୍ଣ୍ଣବ । ମାୟା ମୋହିତ ମହର୍ଷି ସମୁଦ୍ର ମଧ୍ୟରେ (୧୦୦୦୦୦୦୦୦୦୦୦୦୦୦) ଏକ ଶଙ୍ଖ ବର୍ଷ ଘୁରିବା ଅନୁଭବ କରିଥିଲେ । ସେ ଭୟଙ୍କର ଜଳରାଶି ମଧ୍ୟରେ ପୃଥିବୀ ଜଳମଗ୍ନ ଅବସ୍ଥାରେ ଥିଲା କିନ୍ତୁ ଗୋଟିଏ ସ୍ଥାନରେ ବଟ ବୃକ୍ଷ ଏବଂ ଐଶାନ୍ୟ କୋଣକୁ ଲମ୍ବିଥିବା ପୁଆ ଏବଂ ସେଥିରେ ଥିବା ବରପତ୍ରରେ ଖେଳୁଥିବା ଏକ ତେଜସ୍ୱୀ ଶିଶୁକୁ ସେ ଦେଖିବାକୁ ପାଇଥିଲେ । ଏବଂ ସେ ଶିଶୁ ପତ୍ରରେ ଶୋଇ ନିଜ ହସ୍ତରେ ନିଜ ପାଦ ଅଙ୍ଗୁଳିକି ଧରି ଚାପୁଥିଲେ । ମହର୍ଷି, ଶିଶୁର ନିକଟତର ହୋଇ ତାରି ଗର୍ଭରେ ଥିଲା ପରି ବୋଧ କରିଥିଲେ । ଶିଶୁ ଗର୍ଭଗତ ହୋଇ ଯେଉଁ ଦୃଶ୍ୟ ଦେଖିଲେ ସେ ଦୃଶ୍ୟ ଶିଶୁ ଗର୍ଭ ବାହାରେ ମଧ୍ୟ ସେହି ଦୃଶ୍ୟ ଦେଖିଥିଲେ ।

ଏପରି ଅନେକ ଘଟଣା ସହିତ ମାୟାରେ ଦର୍ଶନୀୟ ସେହି ବଟବୃକ୍ଷ ଆଜି ବାସ୍ତବରେ ପୁରୀ ଜଗନ୍ନାଥ ମନ୍ଦିରର ବେଢ଼ା ମଧ୍ୟରେ, ଦକ୍ଷିଣ ପାର୍ଶ୍ୱରେ ଥିବା ଜଣାଯାଏ ।

## ମହର୍ଷି ଶରଭଙ୍ଗ

ଶ୍ରୀରାମ, ଲକ୍ଷଣ, ସୀତା ଦଣ୍ଡକାରଣ୍ୟ ପ୍ରବେଶ ଦ୍ୱାରକୁ ଯାତ୍ରାକାଳେ ଆଜିର ପିପଳପଙ୍କାଠାରୁ ମାତା ସୀତାଙ୍କୁ ବିରାଧ ଅସୁର ଉଠାଇ ନେଇଥିଲା । ଗାଜଲବାଡ଼ି ଡେଇଁ ରାମାନାମବାଡି ରାସ୍ତାରେ ବିରାଧକୁ ହତ୍ୟାକରି ଗାତ ଖୋଳି ଲକ୍ଷ୍ମଣ ପୋତି ଦେଇଥିଲେ । ଆଜି ମଧ ସେଠାରେ ବିରାଧ ଖାଲ ଦେଖିବାକୁ ମିଳେ । ସେଠାରୁ ବାଜିପିଣ୍ଡ ଶରଭଙ୍ଗ ମହର୍ଷିଙ୍କ ଆଶ୍ରମକୁ ଶ୍ରୀରାମ, ଲକ୍ଷବଛ, ସୀତା ଯାତ୍ରା କରିଥିଲେ ।

ମହର୍ଷି ଆଶ୍ରମକୁ ଶ୍ରୀରାମ ସ୍ପର୍ଶ କରିବା ପୂର୍ବରୁ ଇନ୍ଦ୍ରଦେବ ବିମାନ ସହ ଆସି ସ୍ୱର୍ଗଲୋକ ନେବାକୁ ମହର୍ଷିଙ୍କୁ କହିଥିଲେ । ସେଥିପାଇଁ ତପସ୍ୟା ସେ କରିଥିଲେ । ସେଥିରେ ସେ ବ୍ରହ୍ମଲୋକ ଯିବା ସାମର୍ଥ୍ୟ ଥିଲା । ଏଣୁ ସେ ଇନ୍ଦ୍ରଦେବଙ୍କୁ କହୁଥିଲେ – ବହ୍ମଲୋକର ପ୍ରଧାନ ଦେବତା ତ ମୋର ଏଠାକୁ ଆସୁଛନ୍ତି । ତାଙ୍କର ଦର୍ଶନ ବିନା ମୁଁ କୌଣସି ଆଡେ ଯିବିନାହିଁ । ସେ ସମସ୍ତ ଲୋକର ସ୍ୱାମୀ । ଅନ୍ତକାଳେ ତାଙ୍କ ଦର୍ଶନ ଭାଗ୍ୟରେ ଥିଲେ ମିଳିବ । ଏପରି କାଳେ ଆଶ୍ରମରେ ଶ୍ରୀରାମ ପହଂଚି ଥିଲେ ଶ୍ରୀରାମ ଆସିବା ଦେଖି ଇନ୍ଦ୍ର ଚାଲିଯାଇଥିଲେ । ଶ୍ରୀରାମ ଲକ୍ଷ୍ମଣ ସୀତାଙ୍କୁ ମହର୍ଷି ସମ୍ମୁଖରେ ବସାଇ ଯୋଗାଗ୍ନିଙ୍କୁ ଆହ୍ୱାନ ଜଣାଇ ନିଜକୁ ସେ ଅଗ୍ନିରେ ଭସ୍ମ କରିଦେଇଥିଲେ ।

## ମହର୍ଷି ଅକୃତବ୍ରଣ

ପାରଳାଖେମୁଣ୍ଡି କୌଣସି ଅଞ୍ଚଳବାସୀ ଅଟନ୍ତି । ପିତାମାତାଙ୍କ ଠିକଣା ମିଳୁନାହିଁ । କାରଣ ଶିଶୁ ଅବସ୍ଥାରେ ହିଁ ବାଘ ଦ୍ୱାରା ଅପହରଣ, ଲାଳନ ପାଳନ ଆଦି ମହର୍ଷିଙ୍କ ହୋଇଥିଲା । କୌଣସି କାରଣରୁ ସେ ପରଶୁରାମଙ୍କ ଶିଶ୍ୟତ୍ୱ ହୋଇ ପାରିଥିଲେ । ଶ୍ରୀମଦ୍ ଭାଗବତ, ବେଦ ଏବଂ ପୁରାଣରେ ଶିଶ୍ୟ ପରଂପରାକୁ ଆଧାର କରି ପୁରାଣ ସଂହିତାରେ ଲେଖା ଯାଇଥିବା ବେଦବ୍ୟାସଙ୍କ ଦ୍ୱାରା ପୁରାଣ ସଂହିତା ପ୍ରସ୍ତୁତ ହୋଇଥିବା ଲୋମ ହର୍ଷଣକୁ ପଢାଇଥିଲେ । ରୋମହର୍ଷଣ ସୁତଙ୍କୁ ପଢ଼ାଇବାପରେ, ବୟାରିଣି, କଶ୍ୟପ, ସର୍ବଣି, ଅକୃତବଣ, ବୈସଖ୍ୟାୟନ ଏବଂ ହରିତଙ୍କୁ ମଧ ପଢ଼ାଇଥିଲେ । ପରଶୁରାମଙ୍କ ଶିଷ୍ୟ ଅକୃତବଣ ଜଣେ ସାଧୁ ସ୍ୱଭାବର ଥିଲେ । ସେ ଅତ୍ୟନ୍ତ ଗୁରୁ ତଥା ପ୍ରକୃତ ପ୍ରିୟ ଥିଲେ ।

## ମହର୍ଷି ପାତଞ୍ଜଳି

ବ୍ରହ୍ମର୍ଷି ଅଙ୍ଗିରା ବଂଶଜ ମହର୍ଷି ପ୍ରାଚୀନ ଯୋଗୀଙ୍କ ପୁତ୍ର ଥିଲେ । ସେ ନିଜ ପିତାଙ୍କ ଗୁରୁ କୌୟୁମଙ୍କଠାରୁ ବେଦଶିକ୍ଷା କରିଥିଲେ, ସଂହିତା ମଧ ରଚନା କରିଥିଲେ । ବ୍ୟାସଙ୍କ ପରେ ପରେ ପାଣିନିଙ୍କ ଉତ୍ପତି । କିନ୍ତୁ ପାତଞ୍ଜଳି ପାଣିନିଙ୍କ ପରେ ପ୍ରକଟ ହୋଇଥିବା ଜଣାଯାଏ । ପାତଞ୍ଜଳି, ପାଣିନୀ ଆଦି ମହର୍ଷିମାନେ ଖଣ୍ଡପଡ଼ା ଅଞ୍ଚଳର ହୋଇଥିବା ସତ୍ୱେ ବ୍ରହ୍ମର୍ଷି ଅଙ୍ଗିରାଙ୍କ ବୁଦ୍ଧ ଲିଙ୍ଗେଶ୍ୱର କ୍ଷେତ୍ରରେ ଶିକ୍ଷାଲାଭ କରିଥିବା ବିଧେୟ – କ୍ଷେତ୍ରଟି ଶିକ୍ଷାର ଅତି ଉଚ୍ଚକୋଟିର ହୋଇଥିବା କାରଣରୁ ଏଠାରେ ବ୍ୟାକରଣୀୟ ସଂସ୍କୃତର ଅଭିବୃଦ୍ଧି ଘଟିଥିଲା ।

## ମହର୍ଷି କଣାଦ

ରାଷ୍ଟ୍ର ଭାରତରେ ଯେଉଁ ଛଅଗୋଟି ମୂଖ୍ୟ ଦର୍ଶନ ପ୍ରସ୍ତୁତ ସେଥି ମଧରୁ ବୈଶେଷିକ ନାମକ ଦର୍ଶନର ପ୍ରଣେତା ଥିଲେ ମହର୍ଷି କଣାଦ । ତାଙ୍କ ଜୀବନୀ ପିତାମାତା କ୍ଷେତ୍ରକୁ ନେଇ ବିଶେଷ କିଛି ଠିକଣା ମିଳୁନାହିଁ ।

କିନ୍ତୁ ସ୍ପଷ୍ଟ ଏହି ଯେ ସେ କୌଣସି ପ୍ରକାର ପରିଗ୍ରହ ରଖି ନଥିଲେ । ଜମିରୁ କୃଷକ କୃଷି ସାମଗ୍ରୀ ଆଦାୟର ପରେ ଜମିରେ ଯେଉଁ ଖାଦ୍ୟ ରହି ଯାଇଥାଏ, ତାହା ସଂଗ୍ରହ କରି ମହର୍ଷି ଭୋଜନ କରୁଥିଲେ । ଏପରି ବିଚାରକୁ ନେଇ ସମାଜକୁ ଏକ ବିଶିଷ୍ଟ ଦର୍ଶନ ଶାସ୍ତ୍ର ପ୍ରଦାନ କରିଥିଲେ । ଅନେକ ତପସ୍ୱୀଙ୍କୁ ବସ୍ତୁତତ୍ତ୍ୱ ସହିତ ବିଭିନ୍ନ ସାଧକଙ୍କ ପାଇଁ ଅନେକ ଭୂମିକାର ଅନ୍ତଃକରଣ ରୂପ ବିଚାର ପ୍ରଣାଳୀ ଉତ୍ପତି କରିବା ଉଦ୍ଦେଶ୍ୟ ତାଙ୍କର ଥିଲା । ଯେ କି ନ୍ୟାୟଦର୍ଶନ ଅନୁକ୍ରମେ ପଦାର୍ଥର ବିଭାଜନ କରି ପାରିଥିଲେ । କିନ୍ତୁ ସାଂଖ୍ୟ ଅନୁସାରେ ପ୍ରକୃତ ପୁରୁଷର ବିବେକ ସୃଷ୍ଟି କରିବାରେ ହୋଇ ନ ପାରିଥିଲେ ମଧ ସେ ଅନନ୍ତ ପରମାଣୁ ମଧରେ ଥିବା ଅନନ୍ତ ବିଶେଷକୁ ବିଚାରକୁ ଉପସ୍ଥିତ କରାଇ ପାରିଥିଲେ । ସେ ନରନାରାୟଣଙ୍କୁ ଗୁରୁ ରୂପେ ଗ୍ରହଣ କରି ସମସ୍ତ ଜ୍ଞାନକୁ ପ୍ରାପ୍ତ ହୋଇପାରିଥିଲେ । ସେ ଲୋକପୋକାରୀ ଜୀବନର ସାକ୍ଷାତ ପ୍ରତିକ ଥିଲେ ।

**ମହର୍ଷି ଜରତ୍କାରୁ**

ମହର୍ଷି ଯାଯାବରଙ୍କ ପୁତ୍ର ମହର୍ଷି ଜରତ୍କାରୁ । ସେ ସର୍ବଦା ଭଗବତ୍ ବିଚାରରେ ସମୟ ବିତାନ୍ତି । ଅକସ୍ମାତ୍ ଗୋଟିଏ ଜୀର୍ଣ୍ଣ କୂପରେ ପିତୃଜନ ଓହଳି ରହିଥିବା ଦେଖିଲେ । ଏବଂ ପରସ୍ପର ପରିଚୟରୁ ପରସ୍ପର ଜଣା ଯାଇଥିଲେ । ପିତୃଜନଙ୍କ ଅବସ୍ଥା ଦେଖି ଜରତ୍କାରୁ ମୁନି ଭଗବତ୍ ଚିନ୍ତା ଛାଡ଼ି ଦରତ୍କାରୁ ନାମଧାରିଣୀ କନ୍ୟା ଖୋଜି ବିବାହ କରିବାକୁ ବୁଲିଲେ । ଯେହେତୁ ସନ୍ତାନ ପରଂପରା ବୃଦ୍ଧି ପାଇଲେ ପିତୃଜନ ଉଦ୍ଧାର ହେବେ ।

ହଠାତ୍ ନାଗରାଜ ସାକ୍ଷାତ୍ ହୋଇ ନିଜ ଉଭଣୀ ଜରତ୍କାରଙ୍କୁ କେତେକ ଶର୍ତ ନେଇ ବିବାହ ହୋଇ ନାଗଲୋକ (ରଜନୀ ମେକାଂ ଗିରି ନିମ୍ନ) ମହର୍ଷିଙ୍କ ସହ ବିପରିତ ଆଚରଣ ନ କରିବା ଥିଲା ଶର୍ତ ।

ଦିନେ ମହର୍ଷି କନ୍ୟା କୋଳରେ ମଥାରଖି ଶୋଇ ଯାଇଥିଲେ । ସନ୍ଧ୍ୟାକାଳ ପ୍ରକାଶ ହେବାକୁ ଯାଉଛି ଜରତ୍କାରୁ କନ୍ୟା ବିଚାରିଲେ ଯଦି ମହର୍ଷିଙ୍କ ସନ୍ଧ୍ୟା ସକାଶେ ଆଚରଣ ବିପରୀତ କରିବି,ତେବେ ସେ ଛାଡି ଚାଲିଯିବେ । ଏଥକୁ ନେଇ ସେ ଛାଡ଼ି ଚାଲିଯାଇ ପାରନ୍ତି କିନ୍ତୁ ତାଙ୍କର ସନ୍ଧ୍ୟା ଉପାସନା ବାଧା ନ ହେଉ କହି ଉଠାଇ ଦେଇଥିଲେ । ଆଚରଣ ବିପରୀତ ଯୋଗୁଁ ଜରତ୍କାରୁ କନ୍ୟାକୁ ଛାଡ଼ି ମହର୍ଷି ଚାଲି ଯାଇଥିଲେ । ପରବର୍ତି କାଳେ ସର୍ପ କନ୍ୟା ଗର୍ଭରୁ ଜନ୍ମିଥିଲେ ମହର୍ଷି ଆସ୍ତିକ । ଯାହାଙ୍କ ନାମ ଉଚ୍ଚାରଣରେ ସର୍ପ ଆଘାତ ବାଧେ ନାହିଁ ।

**ମହର୍ଷି ମୈତ୍ରେୟ**

ପୁରାଣ ପ୍ରବଚକ ମହର୍ଷି ଥିଲେ ମୈତ୍ରେୟ । ମିତ୍ରଜନଙ୍କ କାରଣକୁ ନେଇ ନିଜକୁ ମୈତ୍ରେୟ ବୋଲାଉଛନ୍ତି । ଶ୍ରୀମଦ୍ ଭାଗବତରୁ ଜାଣିବାକୁ ମିଳେ ମହର୍ଷି ମୈତ୍ରେୟ ମହର୍ଷି ପରାଶରଙ୍କ ଶିଷ୍ୟ ତଥା ମହର୍ଷି ବ୍ୟାସଦେବଙ୍କ ସୁହୃଦ୍ ସଖା ଥିଲେ । ମହର୍ଷି ପରାଶରଙ୍କ ବିଷ୍ଣୁ ପୁରାଣ ବ୍ୟାଖ୍ୟା କାଳେ ମୈତ୍ରେୟ ଶ୍ରୋତା ଥିଲେ । ମୈତ୍ରେୟ ନିଜେ କହିଛନ୍ତି – ହେ ଗୁରୁଦେବ, ଆପଣଙ୍କଠାରୁ ମୁଁ ସମ୍ପୂର୍ଣ୍ଣ ବେଦ, ବେଦାଙ୍ଗ ତଥା ସକଳ ଧର୍ମଶାସ୍ତ୍ର କ୍ରମଶଃ ପାଠ କରିଥିଲି, କିନ୍ତୁ ଅଭ୍ୟାସକୁ ନେଇ ପରିଶ୍ରମ କରି ନଥିଲି ।

ଏଥିରୁ ସ୍ୱଷ୍ଟ ହୁଏ ବ୍ୟାସଦେବଙ୍କ ସୁହୃଦ୍ ସଖା ହେତୁ ପୂର୍ଣ୍ଣ ଜ୍ଞାନୀ, ଶାସ୍ତ୍ର ମର୍ମାଜ୍ଞ ଥିଲେ । ଶ୍ରୀକୃଷ୍ଣଙ୍କ ପୂର୍ଣ୍ଣ ବିଶ୍ୱାସର ପ୍ରାତ୍ର ଥିଲେ, ସେ ସ୍ୱଧାମ ଗମନକାଳେ ମହର୍ଷିଙ୍କୁ ଅଧିକାରୀ ବିଚାର କରି ନିଜର ସମସ୍ତ ଜ୍ଞାନ ଏହାଙ୍କୁ ଦେଇଥିଲେ ।

ଶ୍ରୀକୃଷ୍ଣ ସ୍ୱଧାମ ଗମନ ପୂର୍ବରୁ ଉଦ୍ଧବ ତଥା ମୈତ୍ରେୟ ଥିଲେ ଶେଷ ଦର୍ଶକ । ମୈତ୍ରେୟଙ୍କୁ ଜ୍ଞାନ ଉପଦେଶ ଦେଇ, ବିଦୁରଙ୍କ ଆଗରେ ପ୍ରକାଶ କରିବାକୁ କହିଥିଲେ । ବିଦୁରଙ୍କୁ ମୈତ୍ରେୟ ମିଶି କହିଥିବା ଶ୍ରୀମଦ୍ ଭାଗବତ ୩/୪ ଅଧ୍ୟାୟର ବର୍ଣ୍ଣିତ । ଗୁରୁ ପରାଶର ମୈତ୍ରେୟଙ୍କୁ ଶୁନକଙ୍କୁ ଶୁଣାଇବାକୁ ଭାଗବତ କହିଥିଲେ ।

**ମହର୍ଷି ଶୌନକ**

ନୈମିଷାରଣ୍ୟ ମଧରେ ବାସ କରୁଥିବା ଅଠାସି ହଜାର ବ୍ରହ୍ମବାଦି ଋଷିଙ୍କ ମଧରେ ଥିଲେ ମୁଖ୍ୟ ଭୃଗୁ ବଂଶଜ ତଥା ଶୁନକଙ୍କ ଅପତ୍ୟ କାରଣରୁ ଏହାଙ୍କ ନାମ ଶୌନକ ହୋଇଛି । ସମୁଦାୟ ମହାଭାରତ ତଥା ସମସ୍ତ ପୁରାଣ ସ୍ମୃତି ମହର୍ଷିଙ୍କଠାରୁ ଶୁଣିବା ପରେ ଶୌନକ ଉବାଚ ନାମରେ ପ୍ରଚାର ହୋଇଥିଲା । ପୁରାଣଗତ ବ୍ରତର ମହାତ୍ମ୍ୟ ଓ ତୀର୍ଥ ଗୁଡିକରେ ମହିମା, ମହର୍ଷି ଶୌନକଙ୍କ ସମାଜ ପ୍ରତି କୃପା ଅଟେ । ଏହାଙ୍କ ଏକ ହଜାର ବର୍ଷ କହିବା ସାମର୍ଥ୍ୟ ଅଟେ । ସେ ପଦେ କହିଛନ୍ତି –

କଳିମାଗତମାଜ୍ଞାୟ କ୍ଷେତ୍ରେ ଅସ୍ମିନ୍ ବୈଷ୍ଣବେ ବୟମ୍ ।<br>
ଆସୀନା ଦୀର୍ଘସତ୍ରେଣ କଥାବା ସକ୍ଷଣା ହରେଃ ॥

କଳିଯୁଗଙ୍କ ଆଗମନ କାଳକୁ ଦେଖି ସମୁଦାୟ ଋଷି ଶ୍ରେଣୀ ବୈଷ୍ଣବ କ୍ଷେତ୍ର ଏହି ନୈମିଷାରଣ୍ୟରେ ଭଗବାନଙ୍କ କଥାକୁ ଦୀର୍ଘକାଳିନ ସଭା କରି ଶୁଣାଇବାକୁ ପଡିଥିଲା । ଏହାଙ୍କ ସମସ୍ତକାଳ ଭଗବଦ୍ ଚର୍ଚ୍ଚାରେ ବ୍ୟତୀତ ହୋଇଥିଲା । ଏଣୁ ସେ ତପସ୍ୱୀଙ୍କ ମଧରେ ବିଶୁଦ୍ଧ, ସଂଯମ ଯୁକ୍ତ ଥିଲେ । ଯାହା କି ଅନ୍ୟ ତପସ୍ୱୀମାନଙ୍କଠାରେ ଏପରି ଶୁଦ୍ଧ ଚରିତ୍ର ନଥିଲା । ସେ ସର୍ବଦା ଠିକ୍ ସମୟରେ ନିତ୍ୟକର୍ମ ସାରି କଥା ଶୁଣାଇବାକୁ ଲାଗିଥାନ୍ତି । ପୁରାଣ ଶୁଣିବା ଶୁଣାଇବା, ଆଚରଣ କରିବା କରେଇବା ଇତ୍ୟାଦି ଗୁଡିକର ପଦ୍ଧତି ମହର୍ଷିଙ୍କଠାରୁ ଉତ୍ପତି ହୋଇଥିଲା ।

**ମହର୍ଷି ଉତ୍ତଙ୍କ**

ଆୟୋଦସୌମ୍ୟ ବା ମହର୍ଷି ବେଦଙ୍କ ଅତିପ୍ରିୟ ଶିଷ୍ୟ ଥିଲେ ମହର୍ଷି ଉତ୍ତଂକ । ମହର୍ଷି ଅତ୍ୟନ୍ତ ପ୍ରଭାବଶାଳୀ ତପସ୍ୱୀ ଥିଲେ । ଗୁରୁ ମହର୍ଷି ଆୟୋଦ ଧର୍ମଙ୍କ ଆଶିର୍ବାଦକେ ଅଧ୍ୟୟନପୂର୍ଣ୍ଣ ହୋଇଥିଲା । ସେ ଅମୃତକୁ ଗୋବର ରୂପରେ ଖାଇଥିଲେ । ପ୍ରାପ୍ୟ କୁଣ୍ଡଳ ହରାଇ ପୁଣି ଇନ୍ଦ୍ରଙ୍କ ସହଯୋଗରେ ପୁନଃ ପ୍ରାପ୍ତି ହୋଇ ପାରିଥିଲେ । ସେ ଓଡିଙ୍ଗି ପର୍ବତ ମଧରେ ତପରତ ଥିବା କାଳେ ଶ୍ରୀକୃଷ୍ଣ ସେହି ରାସ୍ତା ଦେଇ ହସ୍ତିନାରୁ ଦ୍ୱାରିକା ଯିବାବେଳେ ମହର୍ଷିଙ୍କ ସାକ୍ଷତ କରିଥିଲେ । ମହର୍ଷିଙ୍କ ଆଦେଶରେ ଶ୍ରୀକୃଷ୍ଣ ଏକ ଜଳ ଉତ୍ସ ପର୍ବତରେ ସୃଷ୍ଟି କରିଥିଲେ । ଏତଦ୍ ପରେ ବିରାଟ ରୂପ ମହର୍ଷିଙ୍କୁ ଏଠାରେ ଦେଖାଇଥିଲେ । ସେ ପ୍ରକୃତରେ ଅବତାର ପୁରୁଷ ଶ୍ରୀକୃଷ୍ଣଙ୍କୁ ବୁଝି ପାରିଥିଲେ । ଏଠାରେ ମହର୍ଷିଙ୍କ ତପସ୍ୟା ଶ୍ରୀକୃଷ୍ଣଙ୍କ ବରଦାନରୁ ହିଁ ଆଜି ସେଠାରେ ଯେ କୌଣସି କାଳରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଫଳ ପାଇ ପାରୁଛେ । ସେ ଜଳ ଉତ୍ସର ପ୍ରଭାବ ଆଜି ମଧ

ସେଠାରେ ପ୍ରବାହିତ ହେଉଥିବା ଦେଖିପାରିବେ । ସେ କାଳରେ ଏହି ପଥ ଦେଇ ରଥ ଯାତାୟାତ ହେଉଥିବା, ସେଠାରେ ଅନେକ ସଂଙ୍କେତ ରହିଛି ।

ମହର୍ଷି ଅଣୀ ମାଣ୍ଡବ -

ଅତ୍ୟନ୍ତ ପ୍ରାଚୀନ କାଳ କଥା । ଖାଣ୍ଡବ ନାମରେ ଜମେ ଧୀର, ସ୍ଥିର, ଶାନ୍ତ, ତେଜସ୍ୱୀ ତଥା ତିତିକ୍ଷୁ ତପସ୍ୱୀ ଥିଲେ । ସେ ନିଜେ ନିଜକୁ ଶମ ଦମ ଦ୍ୱାରା ନିଜ ବଶଙ୍କର ନିଜକୁ ରଖିଥିଲେ । ସେ ନିଜ ଆଶ୍ରମ ଦ୍ୱାର ସମିପରେ ଥିବା ଏକ ବୃକ୍ଷ ମୂଳେ ଗୋଟିଏ ହାତ ଉପରକୁ ଟେକି ତପସ୍ୟା କରୁଥିଲେ । ତପସ୍ୟା ଏପରି ଥିଲା ଯେ ସେ ନିଜକୁ ନିଜେ ଭୁଲି ଯାଉଥିଲେ ।

ଥରେ ଚୋରମାନେ ରାଜମହଲରୁ ଚୋରି କରି ମାଣ୍ଡବ୍ୟ ଆଶ୍ରମରେ ଛପି ରହିଥିଲେ । ସୈନ୍ୟ ସେମାନଙ୍କୁ ଖୋଜି ଧରିବା ପରେ ମାଣ୍ଡବ୍ୟଙ୍କୁ ମଧ ଚୋର ଭାବି ଧରି ନେଇଥିଲେ । ସମୁହ ଶୁଳି ଦଣ୍ଡ ପାଇଥିଲେ । ଶୁଳି ପାଇ ଚୋର ସମୁହଙ୍କ ମୃତ୍ୟୁ ହୋଇଥିଲା । କିନ୍ତୁ ମହର୍ଷି ଜୀବୀତ ଥିଲେ । ରାଜା ମହର୍ଷି କହି ଜାଣିବା ପରେ ଧାଇଁ ଆସି ବିଭିନ୍ନ ସ୍ତୁତି ମାଧମରେ କ୍ଷମା ମାଗିଥିଲେ । ଶୂଳୀରୁ ବାହାର କରିବା ପାଇଁ ଚେଷ୍ଟା କରିବା ସତ୍ୱେ ନ ବହାରିବା ଯୋଗୁଁ ଶୂଳିର ଅଗ୍ରଭାଗ (ଅଣି)ଠାରୁ କାଟି ଦିଆ ଯାଇଥିଲା । ଏଣୁ ସେ ଅଣି ମାଣ୍ଡବ୍ୟ ନାମରେ ପ୍ରକଟ ହୋଇଥିଲା ।

ଶ୍ରୀରାମଙ୍କ ଦଣ୍ଡକାରଣ୍ୟ କାଳର କଥା । ଏହି ଅରଣ୍ୟରେ ଶ୍ରୀରାମ ଅନେକ ଅସୁରକୁ ହତ୍ୟା କରିଥିଲେ । ଏକ ଅସୁରର ମଥା ଆସି ମହର୍ଷି ମହୋଦରଙ୍କ ଜଂଘରେ ଲାଖି ରହିଗଲା । ବହୁ କଷ୍ଟ ସ୍ୱୀକାର ପରେ ଏହି ତୀର୍ଥକୁ ଆସି ସ୍ନାନ କରିବା ପରେ ମଥାଟି ଆପେ ଆପେ ଅଲଗା ହୋଇ ଯାଇଥିଲା । କ୍ଷେତ୍ରଟି ସପ୍ତସାରସ୍ୱତ ତୀର୍ଥର ପୂର୍ବ କ୍ଷେତ୍ର ତଥା ଚିଲିକା ଜଳ ପ୍ରଭାବରେ ରହିଛି । ଏହି ମହର୍ଷିଙ୍କ ପିତାମାତା ତଥା ଗୁରୁଙ୍କ ନାମ ଅଜଣା ଅଛି । ଏହି ତୀର୍ଥ ପରେ ପରେ ଋଷଙ୍ଗ ମୂନୀଙ୍କ ଆଶ୍ରମ ଥିଲା । ଏହି ଆଶ୍ରମରେ ବୃଦ୍ଧ ଋଷଙ୍ଗ ତପସ୍ୟା କରିବା ସଙ୍ଗେ ସଙ୍ଗେ ସନ୍ତାନ ମାନଙ୍କୁ କହିଥିଲେ ମୃତ୍ୟୁ ପରେ ଶବକୁ ନେଇ ପୃଥୁଦକ ତୀର୍ଥରେ ସଂସ୍କାର କରିବା ପାଇଁ ।

ବ୍ରହ୍ମର୍ଷି ବିଶ୍ୱାମିତ୍ର ତୁଲ୍ୟ ଅର୍ଷ୍ଟିଶେଣ ଜଣେ ତୁପସ୍ୱୀ, ବିଶ୍ୱାମିତ୍ର କରିଥିବା ତପସ୍ୟା କ୍ଷେତ୍ରରେ ତପସ୍ୟା କରି ସେ କୃତକାର୍ଯ୍ୟ ହୋଇ ପାରିଥିଲେ ।

**ମହର୍ଷି ବକ –**

ମହର୍ଷି ଦଲ୍ଭଙ୍କ ପୁତ୍ର ମହର୍ଷି ବକ ନୈମିଷାରଣ୍ୟ ଋଷିମାନଙ୍କ ଏକ ବାର ବର୍ଷିୟା ଯଜ୍ଞ ସମାପ୍ତ କରାଉ ପାଞ୍ଚାଳ ଦେଶରେ ବିଶ୍ୱଜିତ୍ ଯଜ୍ଞ କରାଇଥିଲେ । ଦକ୍ଷିଣା ସ୍ୱରୂପ ଏକବିଂଶ ବାଛୁରି ପାଇଥିଲେ । ମହର୍ଷି ବକ, ଅନ୍ୟ ଋଷିଙ୍କୁ ବାଛୁରି ଗୁଡିକ ଦେଇ, ମହାରାଜା ଧୃତରାଷ୍ଟ୍ର ନିକଟକୁ ଯାଇ ପଶୁ ମାଗିଥିଲେ । ଋଷି ମାଗିବା ପରିବର୍ତେ ମୃତ ପଶୁଙ୍କୁ ଧୃତରାଷ୍ଟ୍ର ଦାନରେ ଦେଇଥିଲେ । ଏବଂ ମହର୍ଷି ବକ, ପଶୁଙ୍କୁ ଗ୍ରହଣ କରିବା ପରେ ସରସ୍ୱତୀ ତଟକୁ ମୃତ ପଶୁଙ୍କୁ ଆଣି ଉତମ ନିୟମ ପାଳନ କରି ମାଂସ ଦ୍ୱାରା ଧୃତରାଷ୍ଟ୍ର ରାଷ୍ଟ୍ରକୁ ହବନ କରିଥିଲେ । ତଦ୍ୱାରା ରାଷ୍ଟ୍ର କ୍ଷୀଣ ହେବାରେ ଲାଗିଥିଲା । ରାଜା କୌଣସି ପ୍ରକାରେ ବକମୁନୀଙ୍କ ଦ୍ୱାରା ରାଷ୍ଟ୍ର ହବନ ହେଉଥିବା ଜାଣି ପାରି ତାଙ୍କରି ସମିପ ହୋଇ କହିଥିଲେ ।

ହେ ଭଗବାନ ! ଆପଣଙ୍କୁ ମୁଁ ପ୍ରସନ୍ନ କରିବାକୁ ଚାହୁଁଛି । ଏହି ଦୀନ ଲୋଭି ତଥା ମୁର୍ଖତାଠୁ ହିଁ ହତବୁଦ୍ଧି ହୋଇଥିବା କାରଣରୁ, ଅପରାଧିର ଅପରାଧକୁ କ୍ଷମା କରି ଦିଅନ୍ତୁ । ଆପଣ ହିଁ ମୋର ଗତି, ରକ୍ଷକ ତଥା କୃପାପାତ୍ର । ମହର୍ଷି ବକ କ୍ଷମା କରି ବହୁ ପଶୁ ପାଇ ମହା ଆନନ୍ଦରେ ନିଜ ଆଶ୍ରମ ଥିବା ନୈମିଷାରଣ୍ୟକୁ ଫେରିଥିଲେ ।

### ତୀର୍ଥ ମହିମା ପ୍ରସଙ୍ଗରେ ଶ୍ରୁତାବତୀ, ଅରୁନ୍ଧତୀ ତପ କଥା –

ସରସ୍ୱତୀ ନଦୀ ତଟରେ ପୁଇଁତୋଳା ନାମେ ଏକ ଜନପଦ ରହି ଆସିଛି । ଜନପଦ ନାମକୁ ବିଶ୍ଳେଷଣ କଲେ ହିଁ ନାମଟିର ଯଥାର୍ଥତାକୁ ଧରିହେବ । ମହର୍ଷି ପାଣିନିଙ୍କ ବ୍ୟାକରଣୀୟ ସୁତ୍ର ପ୍ରକାରେ - ପବିତ୍ରତା ସତ୍ୟତାର ଗର୍ଭାଶୟ, ଯେଉଁ କ୍ଷେତ୍ରରେ ପ୍ରକଟ ହୋଇପାରି ବିସ୍ତାର ଲାଭ ଯେଉଁ କ୍ଷେତ୍ରରେ ହୋଇ ପାରିଥିଲା, ପୁନଃ ନୈମିଷାରଣ୍ୟର ଏହି କ୍ଷେତ୍ର ବଦରୀ ପାଚନ ତୀର୍ଥ ରୂପେ ପ୍ରକଟିତ ହୋଇ (ମହା.ଗଦା ପର୍ବ ଅଧ୍ୟାୟ ୪୮ ଶିରୋନାମା ବଦର ପାଚନ ତୀର୍ଥ ମହିମା ପ୍ରସଙ୍ଗରେ ଶ୍ରୁତାବତୀ ଅରୁନ୍ଧତୀଙ୍କ ତପର କଥା) ।

ମହର୍ଷି ଭରଦ୍ୱାଜଙ୍କ କନ୍ୟା ଶ୍ରୁତାବତୀ ଅନେକ ବର୍ଷ ତପ ନିୟମମାନ ପାଳନ କରିଥିଲେ । ଏଠାରେ ସିଦ୍ଧ ପ୍ରାପ୍ତ ହୋଇ ହିମାଳୟ ତଟରେ ଥିବା ଆଜିର ଚିକିଟି କ୍ଷେତ୍ରକୁ ଉଗ୍ର ତପସ୍ୟାକୁ ଯାଇଥିଲେ । ନିଜ ଆଶ୍ରମରେ ଭରଦ୍ୱାଜ ମହର୍ଷି ଦ୍ୱିତୀୟ କନ୍ୟା ଅରୁନ୍ଧତୀଙ୍କୁ ରଖାଇ, ଅତୀତ ହିମାଳୟକୁ (ଫୁଲବାଣୀ) ଯାତ୍ରା, ତପସ୍ୟା ପାଇଁ କରିଥିଲେ । ୪୮ ଅଧ୍ୟାୟ ପାଠ କଲେ ହିଁ ଜାଣିହେବ ।

### ଆଦିତ୍ୟ ତୀର୍ଥ ମହିମାରେ ଜୈଗୀଷବ୍ୟ ମୂନୀ –

କୁରୁକ୍ଷେତ୍ର ଅନ୍ତର୍ଗତ ଆଜିର ଚିକିଟି ଅଞ୍ଚଳ ମଧରେ ଅନେକ ଗୁଡିଏ ଋଷି ଆଶ୍ରମ ବିଭିନ୍ନ କ୍ଷେତ୍ରରେ ଥିଲା । ଅସିତ ଦେବଳ ନାମକ ମୂନୀଙ୍କ ମଧ ଆଶ୍ରମ ଥିଲା । ଦୈବ ବଶତଃ ଏହି ଆଦିତ୍ୟ ତୀର୍ଥକୁ ଯୌଗୀସବ୍ୟ ଆଗମନ ହୋଇଥିଲା । ଅସିତ ଦେବଳଙ୍କ ଆଶ୍ରମରେ ଜୈଗିଷବ୍ୟ ରହୁଥିଲେ । ଏହି କ୍ଷେତ୍ରରୁ ଯୋଗବଳ ଦ୍ୱାରା ଯୌଗୀସବ୍ୟ ଯେପରି ବ୍ରହ୍ମଲୋକ ଯାଇ ପାରିଥିଲେ, ସେହି ମହାଭାଗ ଦେବଳ ସମର୍ଥ ହୋଇନପାରି ଦେବଳ ମୂନୀ ମହାତ୍ମା ଜୈଗୀଷବ୍ୟଙ୍କୁ ଏଠାରେ ଗୁରୁ କରିଥିଲେ ।

ବର୍ଣ୍ଣନା ଅମୂଳକ ହେତୁ ମହା ଗଦାପର୍ବ ୫୦ ଅଧ୍ୟାୟ ପଢ଼ି ଜାଣିବା ଉଚିତ୍ । ଏଥିରେ ଯୋଗର ବିଭିନ୍ନତାକୁ ବର୍ଣ୍ଣନା କରାଯାଇଛି ।

### ବୃଦ୍ଧକନ୍ୟାଙ୍କ ଚରିତ୍ର ତଥା ମହର୍ଷି ଶୃଙ୍ଗବାନ୍ –

ମହା.ଗଦା ପର୍ବ ଅଧ୍ୟାୟ ୫୦ ପାଠକଲେ ଜାଣିହେବ ବୃଦ୍ଧ କନ୍ୟା ଚରିତ୍ର ବା ଆଜିର ଆରାଧ ଦେବୀ ବାଳ କୁମାରୀଙ୍କ ବର୍ଣ୍ଣନା । ଏହି ଅଧ୍ୟାୟରେ ଅତୀତ ଚିକିଟି ଅଞ୍ଚଳର ଆତ୍ମମର୍ଯ୍ୟଦା କିପରି ଥିଲା ଜାଣିହେବ । ଜଣେ ମାନବୀ କିପରି ଜଣେ ଦେବୀ ରୂପେ ପ୍ରକଟ ହୋଇ ଆରାଧତା ପାଇ ରହି ଆସିଛନ୍ତି । ସେ କାଳେ ମହର୍ଷି ଗାଲବଙ୍କ ପୁତ୍ର ମହର୍ଷି ଶୃଙ୍ଗବାନ୍ଙ୍କ ଇଛାରୁ ସେ କିପରି ସ୍ୱର୍ଗ ପ୍ରାପ୍ତ ହୋଇଥିଲେ ବର୍ଣ୍ଣିତ । ପୁଣ ଋଷିମାନଙ୍କ ଦ୍ୱାରା ବର୍ଣ୍ଣନା କରାଯାଇଥିବା କୁରୁକ୍ଷେତ୍ରର ସୀମା ଓ ମହିମା ସହ ପ୍ଲକ୍ଷ ପ୍ରସବଣ ତୀର୍ଥ କ୍ଷେତ୍ର ତଥା ସରସ୍ୱତୀଙ୍କ ମହିମାକୁ ନେଇ ବର୍ଣ୍ଣନା ରହିଛି । ଭଗବାନ୍ ବଳରାମ ଏପରି ତୀର୍ଥ ଦର୍ଶନ କରି ମହେନ୍ଦ୍ରଗିରି ମଥା

କ୍ଷେତ୍ରରେ ଥିବା ଭୃଗତୁଙ୍ଗ ପାଦ ଦେଶରେ ବଶି ସରସ୍ୱତୀ ପ୍ରବାହିତ ଦେଶର ପରିବେଶ ମଧରେ ଥିବା ଆନନ୍ଦର ସୁଖକୁ ବଖାଣି କହୁଥିବା କାଳେ, ଦେବର୍ଷି ନାରଦ ଭଗବାନଙ୍କୁ ଜଣାଇଥିଲେ – ମହାଭୟଙ୍କର ସମର ଅନ୍ତ ହୋଇଛି ।

ଦେବର୍ଷି ନାରଦ ପୂର୍ଣ୍ଣ ବୃତାନ୍ତ ଶୁଣାଇବା ପରେ ଭଗବାନ ବଳରାମ ଶୁଣି ପ୍ରଥମେ କ୍ଷେତ୍ର ପ୍ରବାହିତ ଋଷିକୂଲ୍ୟା ସରସ୍ୱତୀଙ୍କ ସ୍ତୁତି ଗାନ କରିଥିଲେ । ସେ ଏହି ପ୍ଲକ୍ଷ ପ୍ରସବଣ ତୀର୍ଥରେ ନିତ୍ୟ କର୍ମ ସାରିବା ପରେ କହିଥିଲେ-
ସରସ୍ୱତୀବ୍ୟସସମା କୁତୋ ରତିଃ
ସରସ୍ୱତୀବାସସମାଃ କୁତୋ ଗୁଣାଃ ।
ସରସ୍ୱତୀ ପ୍ରାପ୍ୟ ଦିବଂଗତା ଜନାଃ
ସଦାସ୍ମରିଷ୍ୟନ୍ତି ନଦ୍ୟଂ ସରସ୍ୱତୀମ୍ ॥

ସରସ୍ୱତୀ ନଦୀ ତଟରେ ନିବାସ କରିବା ଦ୍ୱାରା ଯେଉଁ ସୁଖ ଏବଂ ଆନନ୍ଦ ପ୍ରାପ୍ତ ହୁଏ,ତାହା ଅନ୍ୟ କୌଣସିଠାରେ ପର୍ଯ୍ୟାପ୍ତ ନୁହେଁ । ନଦୀ ସରସ୍ୱତୀ ତଟରେ ନିବାଷ କରିବା ଦ୍ୱାରା ଯେଉଁ ଗୁଣ ପ୍ରାପ୍ତ ହୁଏ, ଅନ୍ୟ କୌଣସିଠାରେ ତାହା ମିଳେ ନାହିଁ । ସରସ୍ୱତୀଙ୍କୁ ସେବନ କରି ସ୍ୱର୍ଗ ପ୍ରାପ୍ତି ମନୁଷ୍ୟ, ସର୍ବଦା ସରସ୍ୱତୀ ନଦୀକୁ ସ୍ମରଣ କରିଥାନ୍ତି । (ଗଦା, ୫୪.୩୮) ପୁଣି ସେ କହିଛନ୍ତି –
ସରସ୍ୱତୀ ସର୍ବନଦୀଷୁ ପୁଣ୍ୟା
ସରସ୍ୱତୀଂ ଲୋକଶୁଭାବହା ସଦା ॥
ସରସ୍ୱତୀଂ ପ୍ରାପ୍ୟ ଜନାଃ ସୁଦୁଷ୍କୃତଂ ।
ସଦାନି ଶୋଚନ୍ତି ପରିତ୍ର ଚେହ ଚ ॥

ସମସ୍ତ ନଦୀଙ୍କ ମଧରେ ସରସ୍ୱତୀ ଅତି ପବିତ୍ର । ସର୍ବଦା ସରସ୍ୱତୀ ସମ୍ପୂର୍ଣ୍ଣ ଜଗତର କଲ୍ୟାଣକାରୀ ଅଟନ୍ତି । ସରସ୍ୱତୀଙ୍କ ପ୍ରାପ୍ତ ହେବା କାରଣରୁ ମନୁଷ୍ୟ ଇହଲୋକ ତଥା ପରଲୋକରେ ପାପ କରିଥିବାର ଶୋକ ସ୍ମରଣୀୟ ହେବେ ନାହିଁ । (ଗଦା ପର୍ବ ୫୫/୩୯ ଶ୍ଲୋକ) ।

ଋଷିକୂଲ୍ୟା ସରସ୍ୱତୀ ବିଷୟକୁ ନେଇ ଦେବର୍ଷି ନାରଦଙ୍କୁ, ଭଗବାନ ବଳରାମ ଏପରି କହି କହି ଦୁର୍ଯ୍ୟୋଧନ ଏବଂ ଭୀମସେନଙ୍କ ଗଦା ଯୁଦ୍ଧ ଦେଖିବାକୁ ରଥରେ ଚଢ଼ିଥିଲେ ।

### ଦେବର୍ଷି ନାରଦ ତଥା ପର୍ବତ

ଦେବ ଜନଙ୍କ ସକାଶେ ଆବଶ୍ୟକ ନ ହେଲେ ବି ବ୍ରହ୍ମାଣ୍ଡ ପରିବେଶ ସକାଶେ ନାରଦ ତଥା ପର୍ବତଙ୍କ ଗୁଣାବଶେଷକୁ ଆଧାର କରିଥିବା କାରଣକୁ ନେଇ ଉଭୟ ସନ୍ୟାସୀ ଦେବର୍ଷି ରୂପେ ପରିଚିତ ।

### ମହର୍ଷି ମନ୍ଦକର୍ଣ୍ଣ

ଆଜି ଆମେ ଯାହାକୁ ହରଭଙ୍ଗି ଜଳ ଯୋଜନା ବୋଲି କହୁଛେ, ଅତୀତରେ ଏହା ଏକ ବିଶାଳ ସରୋବର ଥିଲା । ମହର୍ଷି ମନ୍ଦକର୍ଣ୍ଣ ଏହି ସରୋବର ମଧରେ ବା ଜଳରାଶି ଭିତରେ ଦଶହଜାର ବର୍ଷ ରହି ତପସ୍ୟା

କରିଥିଲେ । ମହର୍ଷିଙ୍କ ଦୃଢ଼ ତପସ୍ୟା ଦେଖି ଇନ୍ଦ୍ରଦେବ ବିଚଳିତ ହୋଇ, ତପସ୍ୟା ଭଗ୍ନ ସକାଶେ ପଞ୍ଚ ଅପ୍ସରାଙ୍କୁ ପଠାଇଥିଲେ । ମହର୍ଷି ଏହି ଅପ୍ସରାଙ୍କ ସହ ଜୀବନ ବ୍ୟତୀତ କରିବା ପାଇଁ ଯୋଗବଳରେ ଏକ ବିଳାସପୂର୍ଣ୍ଣ ଗୃହ ସେହି ଜଳ ମଧ୍ୟରେ ନିର୍ମାଣ କରି ସେମାନଙ୍କୁ ଆଜିସୁଦ୍ଧା ରଖିଛନ୍ତି ।

ନିଶ୍ଚଳ ନିରବ କାଳରେ ଯଦି ମନୁଷ୍ୟ ସେଠାରେ କାନେଇ ରହିବ ତେବେ ନିଶ୍ଚୟରେ ସଙ୍ଗୀତ ସୁରାଗର ସ୍ୱର ଶୁଣିପାରିବ ।

**ମହର୍ଷି ସୁତୀକ୍ଷ୍ଣ ମୁନୀ –**

ମହର୍ଷି ଅଗସ୍ତିଙ୍କ ଶିଷ୍ୟ ଥିଲେ । ବିଦ୍ୟା ଶିକ୍ଷା ପରେ ଗୁରୁ ଦକ୍ଷିଣା ଦେବା ଆଳରେ ପୌଲସ୍ତ୍ୟ ଆଶ୍ରମଠାରେ ସୀତାରାମଙ୍କୁ ଗୁରୁଙ୍କ ଦର୍ଶନ କରେଇବା ପାଇଁ ତପରତ ଥିଲେ । ତପସ୍ୟା ଭକ୍ତିରେ ମଜ୍ଜି ରହୁଥିଲେ । ସମୟର ଏପରି କାଳରେ ଏହି ରାମାନାମ ବାଡିଠାରେ ତପଯୁକ୍ତ ଥିବା କାଳେ ସୀତାରାମ ଲକ୍ଷ୍ମଣ ସମ୍ମୁଖରେ ଅବଶ୍ୟ ଛିଡା ହୋଇଥିଲେ । ଶ୍ରୀରାମ ତଥା ମହର୍ଷିଙ୍କ ମଧ୍ୟରେ ବାର୍ତାଳାପ ଧ୍ୟାନଶୂନ୍ୟ କ୍ଷେତ୍ର ମଧ୍ୟରେ ଏଠାରେ ହୋଇ ପାରିଥିଲା ।

**ମହର୍ଷି ବ୍ୟାସଦେବ**

ଶ୍ରୀକୃଷ୍ଣ ଦୈପାୟନ ବ୍ୟାସଦେବ ତଥା ମହର୍ଷି ଋଷିକୂଲ୍ୟା ସରସ୍ୱତୀ ଜଳଧାରର ଗର୍ଭ କ୍ଷେତ୍ରରେ ରହିଥିବା ଯମୁନା ଗଣ୍ଡ ମଧ୍ୟରେ (ବାଘୁଆ ଏବଂ ଧନେଇ ଯମଜ ଭାବେ ଗଣ୍ଡସୃଷ୍ଟି ଯୋଗୁଁ, ନାମ ରହିଛି ଯମୁନା ଗଣ୍ଡ) ମହର୍ଷି ପରାସର ତଥା କୈବର୍ତ ରାଜାର ପାଳିତା ତଥା ଉପରଚରବସୁଙ୍କ ଔରସଜ କନ୍ୟା ସତ୍ୟବତୀଙ୍କ ଗର୍ଭଯାତ ସନ୍ତାନ ଥିଲେ ବ୍ୟାସଦେବ । ଜନ୍ମ ପରେ ପରେ ପିତାମାତାଙ୍କ ଆଦେଶ ନେଇ ବର୍ତମାନର କାଞ୍ଚିଆମା ଜନପଦ ସମିପରେ ଥିବା ଯମୁନା ଗଣ୍ଡଠାରୁ ପୂର୍ବରେ ଥିବା ଗନ୍ଧମାଦନ ଗିରି ସମିପରେ ପ୍ରବାହିତ ସରସ୍ୱତୀ ଜଳଧାର ସନ୍ନିକଟରେ ଆଶ୍ରମ କରି ଘୋର ତପସ୍ୟା କରିଥିଲେ ।

ଏହି କ୍ଷେତ୍ରରେ ବ୍ୟାସଦେବ ଅଷ୍ଟାଦଶ ପୁରାଣ, ଅଷ୍ଟାଦଶ ଉପପୁରାଣ ରଚନା କରିବା ପରେ ପରେ ବେଦକୁ ଭାଗ ଭାଗ ତଥା ମହାଭାରତ ଶ୍ରୀଗଣେଶଙ୍କ ସହଯୋଗରେ ରଚନା କରିଥିଲେ । ଶେଷରେ ଶ୍ରୀମଦ୍ ଭାଗବତ ରଚନା କରି ଅମରତ୍ୱ ପ୍ରାପ୍ତ ହୋଇଛନ୍ତି ।

ବ୍ୟାସଦେବ ବାସ୍ତବତାକୁ ଆଧାର କରି ପୁତ୍ର ଧୃତରାଷ୍ଟ୍ରଙ୍କ ଆଶା ଆକାଂକ୍ଷା ପୂର୍ଣ୍ଣ କରିବାକୁ ଯାଇ ଦିବ୍ୟଦୃଷ୍ଟି ପ୍ରଦାନ ପରେ ଦକ୍ଷିଣ ମୁହାଁ ହୋଇ ମୃତ୍ୟୁ ଲଭିଥିବା ମହାଭାରତ ଯୁଦ୍ଧରେ ରଥି, ମହାରଥି, ଅତିରଥି ବୀରଙ୍କ ସହ ନିଜର ଶତପୁତ୍ରଙ୍କୁ ଜୀବନରେ ଦେଖି ଜନ୍ମର ମନସ୍କାମନା ପୂର୍ଣ୍ଣ କରି ପାରିଥିଲେ । ପାରଳାଖେମୁଣ୍ଡି, ଦୁରୁବନ୍ଧ, ଗଣ୍ଡଳା, ଭାବନ୍ଧ, ଭାଇକୁମରଡା, ହଟାପୁର, ସମେତ ଧୋବାଡ଼ି, ରଣଝାଲ୍ଲି ଆଦି ଜନପଦ ନାମ ଗୁଡିକୁ ସମିକ୍ଷା କଲେ ଜାଣିହେବ । (ମହା, ପୁତ୍ର ଦର୍ଶନ ପର୍ବ ଅଧ୍ୟାୟ- ୩୧-୩୫ ପାଠକରିବା ଉଚିତ୍)

**ମହର୍ଷି ଶୁକଦେବ**

ଶୁକଦେବଙ୍କ ଜନ୍ମକୁ ନେଇ ପୁରାଣ ମାନଙ୍କରେ ଅନେକ ଉଦାହରଣ ଦେଖିବାକୁ ମିଳେ । କିନ୍ତୁ ସେ ପ୍ରକୃତରେ ବ୍ୟାସଦେବଙ୍କ ବୀର୍ଯ୍ୟ ଯାତ ସନ୍ତାନ । ଉଲଗ୍ନ ରୂପେ ଯାତ୍ରାକଲେ ମଧ୍ୟ ଯୁବତୀମାନେ ଲଜ୍ଜା ବୋଧ କରୁନଥିଲେ । କାରଣ ସେ ଥିଲେ ନିର୍ବାଣ ପ୍ରକୃତିର । ରାଜର୍ଷି ଜନକଙ୍କଠାରୁ ସେ ଅନେକ ଉପଦେଶ ପାଇ ଅବିକାର ଚରିତ୍ରରେ ଦିକ୍ଷିତ ହୋଇଥିଲେ ।

**ମହର୍ଷି ପାତଞ୍ଜଳି**

ଅଙ୍ଗିରା ବଂଶଜ ତଥା ମହର୍ଷି ପ୍ରାଚୀନ ଯୋଗଙ୍କ ପୁତ୍ର ଥିଲେ । ମତ୍ସ୍ୟ ବାୟୁ ଏବଂ ସ୍କାନ ପୁରାଣ ମାନଙ୍କରେ ପାଣିନି ଓ ପତଞ୍ଜଳିଙ୍କ ମଧରେ ଚର୍ଚ୍ଚା ଆସୁଛି । ଏହା ପୁଣି ବ୍ୟାସଦେବଙ୍କ ସମୟରେ ହୋଇଥିଲା ।

ସେ ଚରକ ସଂହିତା ପ୍ରଣୟନ କରି ଆତ୍ମ ଶରୀର ଦୋଷକୁ ନିବାରଣ ସୂଚନା ଦେଇଥିଲେ । ସେଥିରେ ପୁଣି ସାଂଖ୍ୟ ଯୋଗ ପ୍ରକ୍ରିୟା ଦର୍ଶାଇଛନ୍ତି । ଜ୍ଞାନକୃତ ବ୍ୟାରରଣୀୟ ସୂତ୍ର ଦ୍ୱାରା ପରିବେଶର ସୁଭ୍ରତା କିପରି ରହିବ ସୂଚାଇଛନ୍ତି ।

**ମହର୍ଷି ଗୌତମ**

ସପ୍ତର୍ଷିଙ୍କ ମଧରେ ମହର୍ଷି ଗୌତମ ମଧ ଜଣେ । ସେ ଜନ୍ମରୁ ଅନ୍ଧ ଥିଲେ କିନ୍ତୁ କାମଧେନୁଙ୍କ ପ୍ରସନ୍ନତାରୁ ଅନ୍ଧତ୍ୱ ଦୂର ହୋଇ ପାରିଥିଲା । ଏଣୁ ତାଙ୍କ ନାମ ଗୌତମ ରଖାଗଲା । ବ୍ରହ୍ମାଙ୍କ ଇଚ୍ଛାରେ ଏକ ସୁସ୍ୱରୂପ ସ୍ତ୍ରୀ ସୃଷ୍ଟି ପରେ ଅହଲ୍ୟା ନାମ ରଖିଲେ । ମହର୍ଷି ଗୌତମଙ୍କୁ ବିବାହ ଦେଲେ । କୌଣସି କାରଣରୁ ମହର୍ଷି ଅଭିଶାପ ଦେଇ କେଉଁ ଅତୀତରୁ ପଥର ହୋଇ ଆହଲ୍ୟା ଥିଲେ । କିନ୍ତୁ ଶ୍ରୀରାମଙ୍କ ସ୍ୱର୍ଶ ପାଇ ପୁନ ପ୍ରତିଷ୍ଠା ହୋଇ, ମହର୍ଷି ସତାନନ୍ଦଙ୍କୁ ପାଇଥିଲେ ।

**ମହର୍ଷି କଣାଦ**

ମହର୍ଷି ଦତ୍ତାତ୍ରେୟ, ମହର୍ଷି ଦୂର୍ବାଷା, ମହର୍ଷି ନର ତଥା ନାରାୟଣ, ମହର୍ଷି ବିଶ୍ୱାମିତ୍ର ଯେ କି ପରବର୍ତ୍ତି କାଳରେ ବ୍ରହ୍ମର୍ଷି ହୋଇ ପାରିଥିଲେ ।

**ମହର୍ଷି ଅଷ୍ଟାବକ୍ର**

ପିତାଙ୍କ ବେଦପାଠରେ ଅଶୁଦ୍ଧତା ଶୁଣି ମାତା ଗର୍ଭରେ ଥାଇ ମହର୍ଷି କହିଲେ ଏପରି ଅଶୁଦ୍ଧ ପାଠ କରିବା କାରଣ କ'ଣ ? ପିତାଙ୍କୁ ଏପରି ବଚନ ଖରାପ ବୋଧହେଲା । ଅଭିଶାପ ଦେଇ କହିଥିଲେ, ଆଜିଠାରୁ ଯଦି ତୁ ଏପରି ବକ୍ର ତେବେ ତୁ ଏପରି ଆଠବକ୍ର ହୋଇ ଯା । ଏଣୁ ଏହାଙ୍କ ଜନ୍ମପରେ ଅଷ୍ଟବକ୍ର ବୋଲାଇଲେ । ମହର୍ଷି ଅବଶ୍ୟ ମେଦିନୀ ବା ପୃଥିବୀ ବାସୀ ବୋଲାଇ ମର୍ତ୍ତ୍ୟ ମଣ୍ଡଳର ବିଦ୍ୱାନ ମାନଙ୍କୁ ତର୍କରେ ହରାଇ ପାରୁଥିଲେ ।

**ମହର୍ଷି ବାଲ୍ମୀକି –**

ମହର୍ଷିଙ୍କ ଜନ୍ମ ଅଙ୍ଗିରା ଗୋତ୍ର ବ୍ରାହ୍ମଣ କୂଳରେ ତଥା ଆଜିର କାଟିଙ୍ଗା ସମିପସ୍ଥ ତିଆରି ଗାଁ ରେ ହୋଇଥିଲା । କିନ୍ତୁ ଅଭ୍ୟାସଗତ ଭାବେ ସେ ଦସ୍ୟୁରୁ ସାଧୁ ହୋଇପାରିଥିଲେ । ସେ ସୂର୍ଯ୍ୟବଂଶୀଙ୍କ ଉପାସକ ଥିବା କାରଣରୁ ରାମାୟଣ ରଚନା କରି ଆଦିକବି ବୋଲାଇ ପାରିଥିଲେ । ମହର୍ଷିଙ୍କ ହୃଦୟ ଅତି କୋମଳରୁ କୋମଳ ଥିଲା ।

## ମହର୍ଷି ସୌରଭି

ଆଜିର ଭଞ୍ଜନଗରର କାଳିନ୍ଦୀ ତଟରେ ଥିବା ମଧୁବନ ଅନ୍ତର୍ଗତ ରମଣକ ଦ୍ୱୀପରେ ମହର୍ଷିଙ୍କ ଆଶ୍ରମ ଥିଲା । ସେ ଋଗ୍‌ବେଦୀ ଥିଲେ । ସୌରଭସଂହିତା ରଚନା କରିଥିଲେ ।

ଦିନେ ମହର୍ଷି କାଳିନ୍ଦି ହ୍ରଦରେ ଗରୁଡ଼ ଦେବ ଆସି ମତ୍ସ୍ୟ ଖାଉଥିବା ଦେଖିଲେ । ହ୍ରଦ ମଧରେ ବଡ ମାଛଟିଏ ଥିଲା । ସେ ମତ୍ସ୍ୟକୁ ମଧ ଗରୁଡ଼ ଖାଇବା ଆରମ୍ଭ କରିଥିଲେ । ମହର୍ଷି କିନ୍ତୁ ସେ ମତ୍ସ୍ୟକୁ ଖାଇବା ବାରଣ କରିଥିଲେ । ମହର୍ଷିଙ୍କ ବାରଣ ସତ୍ତ୍ୱେ ଗରୁଡ ଖାଇ ଚାଲିଥିଲେ । ଏପରି ଅବସ୍ଥାକୁ ଦେଖି ମତ୍ସ୍ୟର ଛୁଆମାନେ ହଡବଡେଇବାକୁ ଲାଗିଥିଲେ । ମହର୍ଷିଙ୍କ ମନରେ କରୁଣା ଉଦ୍ରେକ ହୋଇଥିବା କାରଣକୁ ନେଇ ଗରୁଡକୁ ଶାପ ଦେଇ କହିଥିଲେ, ଆଜିଠାରୁ ଯଦି ଗରୁଡ ଏଠାକୁ ଆସି କୌଣସି ଜୀବକୁ ଖାଏ, ତେବେ ସେ କ୍ଷଣରେ ହିଁ ତାର ମୃତ୍ୟୁ ହୋଇଯିବ । ଏହି ସତ୍ୟ ହିଁ ପ୍ରକୃତ ସତ୍ୟ ଅଟେ । ସେ କାଳଠାରୁ ସେ ଅଞ୍ଚଳ ହିଂସା ଶୂନ୍ୟ ହୋଇ ରହିଥିବା କୁହାଯାଇଛି ।

ମହର୍ଷି ସୌରଭି ଏପରି ଆଶ୍ଚର୍ଯ୍ୟ ଜନକ ଅନେକ ଘଟଣା ଘଟାଇ ଶେଷରେ ବ୍ରହ୍ମରେ ଲୀନ ହେବା ଜଣାଯାଏ ।

ମହର୍ଷି ଜନଙ୍କ ମାନସିକ ତଥା ସ୍ନାୟୁବିକ କ୍ଷେତ୍ରରେ ଏପରି ତନ୍ମୟପୂର୍ଣ୍ଣ ବୀନା ହିଂସାରେ ଅନେକ କାର୍ଯ୍ୟ ଏହି ଦଣ୍ଡକାରଣ୍ୟ ଅଞ୍ଚଳରେ କରି ପାରିଛନ୍ତି । ତଥାପି ଅନ୍ୟ କେତେକ ତପସ୍ୱୀ ଅଛନ୍ତି କେବଳ ବିଭିନ୍ନ ସାଧନାରେ ବ୍ୟସ୍ତ ରହି ପ୍ରତିହିଂସା ପରାୟଣ ହେବାକୁ ଇଛିତ ନ ଥିଲେ । ଶ୍ରୀରାମଙ୍କ ଦଣ୍ଡକାରଣ୍ୟ ଯାତ୍ରା କାଳରେ ତପସ୍ୱୀମାନେ ଏକତ୍ରିତ ହୋଇ ଦୈତ୍ୟ ସଂହାର ପାଇଁ ନିବେଦନ କରଥିଲେ । ଶ୍ରୀରାମ ମଧ ହଁ ଭରିଥିଲେ । ଏଣୁ ଏହି କ୍ଷେତ୍ରରେ ନିମ୍ନରେ ପ୍ରଦତ ତପସ୍ୱୀଙ୍କ ଏକତ୍ରିତ ହୋଇଥିବା ବାଲ୍ମିକୀ ରାମାୟଣ ଅରଣ୍ୟକାଣ୍ଡ ସର୍ଗ ୬ରେ ବର୍ଣ୍ଣିତ ।

କଥା ରହିଛି ଶରଭଙ୍ଗ ମୂନୀ ବ୍ରହ୍ମଲୋକ ଯାତ୍ରା ପରେ, ତପସ୍ୱୀ ସମୁହ ଶ୍ରୀରାମଙ୍କ ସାକ୍ଷାତକୁ ଆସିଥିଲେ । କ୍ଷେତ୍ରଟି ଥିଲା ଆଜିର ବାଜିପିଣ୍ଡ ଜନପଦ ।

୧) ବୈଖାନସ – ଯେଉଁ ତପସ୍ୱୀଗଣ ବ୍ରହ୍ମଦେବଙ୍କ ନଖ ମଧରୁ ଉତ୍ପର୍ଣ୍ଣ ହୋଇଥିଲେ ।
୨) ବାଳଖିଲ୍ୟ – ବ୍ରହ୍ମଦେବଙ୍କ (ବାଳ) ରୁମ ମୂଳରୁ ଯେଉଁ ତପସ୍ୱୀମାନେ ଯାତ ହୋଇଥିଲେ ।
୩) ସମ୍ପ୍ରସାଲ – ଭୋଜନ ପରେ ଯେଉଁ ତପସ୍ୱୀ, ବର୍ତନକୁ ଧୋଇ ରଖିଦିଅନ୍ତି ।
୪) ମରିଚିପ - ସୂର୍ଯ୍ୟ ଚନ୍ଦ୍ର ରଶ୍ମିକୁ ଯେ ପାନ କରି ତପସ୍ୟା କରିଥାନ୍ତି ।
୫) ଅଶ୍ମକୂଟ – କଚେ ଅନ୍ନ ବା ଧାନକୁ ଯେ ପ୍ରତିଦିନ କୂଟି ଖାଆନ୍ତି ।
୬) ପତ୍ରାହାର – ବୃକ୍ଷ ପତ୍ରକୁ ଯେ ସର୍ବଦା ଆହାର କରିଥାନ୍ତି ।
୭) ଦନ୍ତଲୁଖଲି - ଦାନ୍ତ ଦ୍ୱାରା ଖାଦ୍ୟକୁ ନିର୍ମଳ କରି ଖାଇଥାଆନ୍ତି ।।
୮) ଉନ୍ମଜକ – କଣ୍ଠ ପର୍ଯ୍ୟନ୍ତ ଜଳଗତ ହୋଇ ତପସ୍ୟା କରିବା ।
୯) ଗାତ୍ରଶଯ୍ୟ – ବିନା ଶଯ୍ୟାରେ ଯେ ମାଟିରେ ଶୁଏ ।
୧୦) ଅଶଯ୍ୟା – ଶଯ୍ୟା ସାମଗ୍ରି ବିନା ଯେ ଶୟନ କରେ ।
୧୧) ଅନବକାଶିକ – ବିନା ଅବକାଶରେ ନିରନ୍ତର କାର୍ଯ୍ୟ କରି ଚାଲିଥିବା ।
୧୨) ସଲିଳାହାର – କେବଳ ଜଳ ପାନକାରୀ ।

୧୩)  ବାୟୁଭକ୍ଷ – କେବଳ ପବନ ଆହାରୀ ।
୧୪)  ଆକାଶ ନୀଳୟ – ଖୋଲା ପଡିଆର ତପସ୍ୱୀ ।
୧୫)  ସ୍ଥଣ୍ଡିଳଶାୟୀ – ବେଦିରେ କେବଳ ଶୋଇ ରହିବା ।
୧୬)  ଉଦ୍ଧ୍ୱବାସୀ - ପର୍ବତ ମଥା ତପସ୍ୱୀ
୧୭)  ଦାନ୍ତ - ମନ, ଇନ୍ଦ୍ରିୟ ଦମନକାରୀ ।
୧୮)  ଆଦ୍ରପଟ୍ଟବାସୀ – କେବଳ ଓଦାବସ୍ତ୍ର ବ୍ୟବହାରକାରୀ ।
୧୯)  ସଜପ - ନିରନ୍ତର ଜାପକ
୨୦)  ତପୋନିଷ୍ଠ – ଯେ ତପସ୍ୟାରେ ସର୍ବଦା ରତ ଥାଏ ।
୨୧)  ପଞ୍ଚାଗ୍ନିସେବୀ – ଉର୍ଦ୍ଧ୍ୱଗତ ସୂର୍ଯ୍ୟ ଖରାଦିନେ ଯେ ଚାରି ଦିଗରେ ନିଆଁ ଜାଳି ତପସ୍ୟା କରେ ।

ତପସ୍ୱୀ, ଋଷି, ମହର୍ଷି, ଦେବର୍ଷି, ବ୍ରହ୍ମର୍ଷି, ମୂନୀ ଆଦି ଏବି ଧାରଣ, ଧର୍ମ ଭୂମି ମଧ୍ୟରେ ତଥା କୁରୁଙ୍କ ତରନ୍ତୁକ, ଅରନ୍ତୁକ, ମଚକ୍ରୁକ ତଥା ରାମାହ୍ଲାଦ ନାମକ ଚାରିଦ୍ୱାର ସହିତ ଦଣ୍ଡକାରଣ୍ୟ ଅଞ୍ଚଳ ମଧ୍ୟରେ ବସବାସ କରି ଆସୁଥିବା ସ୍ଥଳେ ରାଜର୍ଷିମାନଙ୍କ ପ୍ରଭାବ ମଧ୍ୟ ରହିଥିଲା । ଋଷଭଦେବ, ନହୁଷ, ଯଯାତି ରାଜା ଶ୍ୱେତ, ଚ୍ୟତ୍ୱାଙ୍ଗ, ରାଜର୍ଷି ନିମି, ଏପରି ଅନେକ ସାମର୍ଥ ଜନିତ ରାଜା ଯେପରି ପୁଲହ ଆଶ୍ରମଠାରେ (ପ୍ରତାପପୁର) ଋଷଭ କୁମାର ଭରତ ଅଜନାଭବର୍ଷ ଥିବା ରାଷ୍ଟ୍ର ନାମକୁ ଭାରତବର୍ଷ କରାଇ ପାରିଥିଲେ । କାଳ ଯବନ ତୁଲ୍ୟ ଶକ୍ତିଶାଳୀକୁ ମୁଚୁକୁନ୍ଦ ଦ୍ୱାରା ମରାଇ ଥିଲେ।  ନଳ ପରି କନିଷ୍ଠ ବିଶିଷ୍ଠ ରାଜାମାନେ ମଧ୍ୟ ରାଜର୍ଷି ବୋଲାଇ ପାରିଥିଲେ ।

**ଏହି କ୍ଷେତ୍ର ପରିଚୟ**

ମଧୁକୈଠବଙ୍କ ମେଦରୁ ମେଦିନୀ ବୋଲାଇବା ସହ ସୃଷ୍ଟି ଅବଧି ଆଜକୁ ୧୬୯ କୋଟି ବର୍ଷ ପ୍ରାୟ ହୋଇ ରହିଛି । ଏହି ଭୁଖଣ୍ଡର ଦୈର୍ଘ୍ୟ ଥିଲା ଚାରି ହଜାର କୋଶ । ଏହି ମେଦିନୀକୁ ଋଷିକୂଲ୍ୟା ସରସ୍ୱତୀ ଜଳଧାର ଦ୍ୱାରା ଭାଗ ଭାଗ କଲେ କେନ୍ଦ୍ର ସ୍ଥଳି ଚିଲିକା ହ୍ରଦର ଉତ୍ତର ପାର୍ଶ୍ୱ ନୈମିଷାରଣ୍ୟ ତଥା ଦକ୍ଷିଣ ପାର୍ଶ୍ୱ ଦଣ୍ଡକାରଣ୍ୟର ପରିଚୟ ଦେଉଛି । ଏହି ଦଣ୍ଡକାରଣ୍ୟ ମହାରାଜା ଇକ୍ଷାକୁଙ୍କ ନାମରେ ଥିଲା । ପରବର୍ତ୍ତୀକାଳେ ରାଜା ଦଣ୍ଡଙ୍କ କବଳକୁ ଆସି ଦଣ୍ଡକ ରାଜ୍ୟ ହୋଇଥିଲା ।

**ଦଣ୍ଡକାରଣ୍ୟର ସୀମା**

ସୃଷ୍ଟିର ପ୍ରଥମ ଜଳଧାର ଋଷିକୂଲ୍ୟା ସରସ୍ୱତୀଠାରୁ ଦକ୍ଷିଣକୁ ଗୋଦାବରୀ ନଦୀ, ପୂର୍ବରେ ଥିବା ପୂର୍ବ ଉପକୂଳଠାରୁ ପଶ୍ଚିମ ଉପକୂଳ ମଧ୍ୟରେ ଥିବା ମେଦିନୀ ହିଁ ଦଣ୍ଡକାରଣ୍ୟ ।  ଭୂସୃଷ୍ଟି କାଳରୁ ମେଦିନୀର ସୃଷ୍ଟି । ତଥା ମେଦିନୀର ପାଳନ କର୍ତ୍ତା ଥିଲେ ସ୍ୱୟଂମ୍ଭୁବ ମନୁ ଏବଂ ମନ୍ୱନ୍ତର ଯାଏଁ ପାଳନ କଲାପରେ ଦୁଇ ପୁତ୍ର ପ୍ରିୟବ୍ରତ ଉତ୍ତାନପାଦଙ୍କ ମଧ୍ୟରେ ମେଦିନୀକୁ ବାଣ୍ଟିଦେଇଥିଲେ । ପ୍ରିୟବ୍ରତ ରାଜା ଅଧିନରେ ମେଦିନୀର ଦକ୍ଷିଣ ପାର୍ଶ୍ୱ ଥିଲା । ଏହି ଦକ୍ଷିଣ ପାର୍ଶ୍ୱ ମେଦିନୀକୁ ରାଜା ପ୍ରିୟବ୍ରତ ଏଗାର ଅର୍ବୁଦ ବର୍ଷ ବା ଏକ ଶତ ଦଶ

କୋଟି ବର୍ଷ ଶାସନ କରିଥିଲେ । ଅର୍ଥାତ୍ ସ୍ୱରଚିଷ, ଉତ୍ତମ, ତାମସ, ରୈବତ ତଥା ଚାକ୍ଷୁଷ ମନ୍ୱନ୍ତରର ଅଧିକାଂସ କାଳ । (ଶ୍ରୀମଦ୍ ଭାଗବତ ୫/୧/୨୬)।

ଯେଉଁ କାଳେ ବୈବସତ୍ୱ ମନ୍ୱନ୍ତରକୁ ବୈବସତ୍ୱ ମନୁ ଶାସନ କାଳ ବେଳର ସାମାନ୍ୟ ପୂର୍ବରୁ ତଥାକଥିତ ହିମାଳୟ ସହିତ ସମୁଦାୟ ଉର୍ଦ୍ଧଗାମୀ ହୋଇ ମେଦିନୀ ସହ ସମତୁଲ ହୋଇଥିଲା । ଏଥକୁ ନେଇ ଶ୍ରୀମଦ୍ ଭାଗବତ କହେ, ଭଗବାନ ବରାହ ଅବତାର କାଳରେ ହିରଣାକ୍ଷ ପୃଥିବୀକୁ ପାତାଳୀ କରିଥିଲା । ଭଗବାନ ବରାହ ଅବତାର ହୋଇ ପୃଥିବୀକୁ ଉଦ୍ଧାର କରି ନିଜର ଆଧାର ଶକ୍ତି ପ୍ରୟୋଗ କରିଥିଲେ । ଶ୍ରୀମଦ୍ ଭାଗବତ ୩/୧୮/୮ ଏବଂ ଗବେଷକ ଧନପତି ରାୟଙ୍କ ରଚିତ ପାଠ କରିବା Early History of mankind, part-1, page-47, C.Y Vaidya's Epic. India, P-269 ଉଚିତ୍ ।

ପ୍ରିୟବ୍ରତଙ୍କ ପରେ ପୁତ୍ର ଅଗ୍ନିନ୍ଦ୍ର, ଏହାଙ୍କ ପରେ ଏହାଙ୍କ ପୁତ୍ର ନାଭି, ନାଭିଙ୍କ ପରେ ଏହାଙ୍କ ପୁତ୍ର ଋଷଭଦେବ, ଋଷଭଦେବଙ୍କ ପରେ ଏହାଙ୍କ ପୁତ୍ର ଭରତ ସମ୍ରାଟ ହୋଇଥିଲେ । ଏହାଙ୍କ ନାମରେ ଅଜନାଭ ବର୍ଷ ଭାରତବର୍ଷ ନାମ ରହିଲା । ଏହି ପରଂପରା କ୍ରମେ ସୂର୍ଯ୍ୟ କନ୍ୟା ତପତି ତଥା ପରଂପରା କ୍ରମରୁ ବିଦ୍ୱାନ ତଥା ମହାତ୍ମା କୁରୁ ପ୍ରକଟ ହୋଇ ଶାସନ ଭାର ଗ୍ରହଣ କରିଥିଲେ ।

ଉହା. ଗଦା, ଅଧାୟ ୫୩ ଋଶିଗଣଙ୍କ ଦ୍ୱାରା କୁରୁକ୍ଷେତ୍ର ସୀମା ଓ ମହିମା ବର୍ଣ୍ଣନାରେ ବର୍ଣ୍ଣିତ ଏହି ଯେ-ସମନ୍ତ ପଞ୍ଚକ କ୍ଷେତ୍ର ସନାତନ ତୀର୍ଥ ଅଟେ । ଏହି କ୍ଷେତ୍ର ପୁଣି ପ୍ରଜାପତି ବା ବ୍ରହ୍ମର୍ଷିମାନଙ୍କ ଉତ୍ତରବେଦୀ ଅଟେ । ପ୍ରାଚୀନ କାଳରେ ସେଠାରେ ବରଦାୟକ ଦେବତାମାନେ ଅତ୍ୟନ୍ତ ବୃହତ୍ ଯଜ୍ଞର ଅନୁଷ୍ଠାନ କରିଥିଲେ । ଯଜ୍ଞ କରିବା ପୂର୍ବରୁ ରାଜର୍ଷି କୁରୁ, କ୍ଷେତ୍ରଟିକୁ ବହୁବର୍ଷ ଧରି ହଳ କରିଥିଲେ । ଏଣୁ କ୍ଷେତ୍ର କୁରୁକ୍ଷେତ୍ର ନାମେ ପ୍ରସିଦ୍ଧ । ପୂର୍ବକାଳରେ ସର୍ବଦା, ପ୍ରତ୍ୟେକ ଶୁଭକାର୍ଯ୍ୟ ପାଇଁ ଉଦ୍ୟତ ରହିଥିବା ମହାତ୍ମା କୁରୁ, ଯେକାଳେ କ୍ଷେତ୍ରକୁ ହଳ କରୁଥିଲେ, ସେ କାଳେ ଇନ୍ଦ୍ରଦେବ ସ୍ୱର୍ଗରୁ ଆସି ପ୍ରଶ୍ନ କରିଥିଲେ –

ହେ ମହାତ୍ମା ! ମହାନ୍ ପ୍ରୟନ୍ନ ଦ୍ୱାରା ଏହା କାଣ ହେଉଛି ? ଏବି ଭୂ କୁ କା ପାଇଁ ହଳ କରୁଛ ? ଉତ୍ତରରେ ରାଜା କୁରୁ କହିଥିଲେ- ହେ ଦେବ ! ଏହି କ୍ଷେତ୍ରରେ ଯେଉଁ ମନୁଷ୍ୟର ମୃତ୍ୟୁ ହେବ ସେ ମନୁଷ୍ୟ ପାପଶୂନ୍ୟ ହୋଇ ପୂଣ୍ୟଲୋକ ଯାତ୍ରା କରିବ । ଏପରି ଶୁଣିବା ପରେ ଇନ୍ଦ୍ର ଦେବ ହସି ହସି ଉପହାସ କରି ଚାଲିଯାଇଥିଲେ । କିନ୍ତୁ ମହାତ୍ମା କୁରୁ ଉଦାସିନ ନ ହୋଇ ଭୂମିକୁ ହଳ କରି ଚାଲିଥିଲେ । କିନ୍ତୁ ଉନ୍ଦ୍ର ବାରମ୍ବାର ଆସନ୍ତି ଏବଂ କିଛି ନା କିଛି ପଚାରି ହସି ଉଡାଇ ଫେରୁଥାନ୍ତି ।

ଇନ୍ଦ୍ରଦେବ ଯେତେବେଳେ ଅନୁଭବ କଲେ ଜମିକୁ ହଳ କରିବାରେ ରାଜା କୁରୁ ଦୃଢ଼ ତଥା ତପସ୍ୟା ତୁଲ୍ୟ ହଳକରି ଚାଲିଛନ୍ତି । ସେକାଳେ ଇନ୍ଦ୍ରଦେବ ସଭା ଡକାଇ ସମସ୍ତ କଥା କହି ପରାମର୍ଷ ଚାହିଁଥିଲେ । ସମସ୍ତ ବିଷୟ ଶୁଣିବା ପରେ ସଭା ପରାମର୍ଶରେ କହିଲେ ! ହେ ଶକ୍ର, ଯଦି ସମ୍ଭବ ତେବେ ରାଜର୍ଷି କୁରୁଙ୍କୁ ବର ପ୍ରଦାନ କରି ନିଜର ଅନୁକୂଳ କରିନିଅ । ଦେବତାମାନେ କାରଣକୁ ନେଇ କହିଥିଲେ ଯେ – ଯଦି କୁରୁଙ୍କ ସେହି କ୍ଷେତ୍ରରେ ମୃତ୍ୟୁବରଣ କରିବା ମନୁଷ୍ୟ, ଯଜ୍ଞଦ୍ୱାରା ଆମ୍ଭ (ଦେବତା)ର ପୂଜା ନ କରି ସ୍ୱର୍ଗ ଚାଲିଯିବେ ତେବେ ସର୍ବଦା ପାଇଁ ଆମ ଯଜ୍ଞଭାଗ ନଷ୍ଟ ହୋଇଯିବ । ଏପରି ଦେବ ଜନଙ୍କ ବିଚାରକୁ ଇନ୍ଦ୍ର ଗ୍ରହଣ କରିବା

ପରେ ରାଜା କୁରୁଙ୍କ ସମିପ ହୋଇ ଶକ୍ର କହିଥିଲେ – ହେ ନରେଶ୍ୱର ! କେବଳ ମନୁଷ୍ୟ କାହିଁକି ଏଠାରେ ଯେତେ ପଶୁପକ୍ଷୀ ନିରାହାର ରହି ପ୍ରାଣ ତ୍ୟାଗ କରିବେ, ସେମାନେ ମଧ ଯୁଦ୍ଧ ବା ସଂଗ୍ରାମରେ ଦେହ ତ୍ୟାଗ କଲେ ମଧ ସ୍ୱର୍ଗଲୋକ ପ୍ରାପ୍ତ ହୋଇ ପାରିବେ । ଏଣୁ ବୃଥା କଷ୍ଟ କରନି, କହିବା ପରେ ରାଜା କୁରୁ ଏପରି ହିଁ ହେଉ କହି ଚାଷ କରିବା ତ୍ୟାଗ କରିଥିଲେ ।

ମହାତ୍ମା କୁରୁଙ୍କୁ ଶକ୍ର ବରଦେଇ ଅନୁଗୃହିତ କଲାପରେ ବ୍ରହ୍ମଦେବ ମଧ ଆସି ବର ପ୍ରଦାନ କରିଥିଲେ । ପୁଣି କହିଥିଲେ ଏପରି ପବିତ୍ର ସ୍ଥାନ ଭୂତଳେ ଅନ୍ୟ କୌଣସି ଅଞ୍ଚଳରେ ଦେଖିବା ଅନିଶ୍ଚିତ । ପୁଣି କହିଥିଲେ ଯେଉଁ ମନୁଷ୍ୟ ଏଠାରେ ରହି ସପସ୍ୟା କରିବେ ତେବେ ସେ ନିଶ୍ଚୟ ବ୍ରହ୍ମଲୋକ ପ୍ରାପ୍ତ ହେବ । ଏଠାରେ ଦାନ ପ୍ରଦାନକାରୀର ଦେୟ ମନକୁ ମନ ଶତଗୁଣ ହୋଇ ଯାଇଥାଏ । ଯେଉଁ ବ୍ୟକ୍ତି ସ୍ୱଚ୍ଛ ତଥା ଶୁଭ ଇଛା ନେଇ ସର୍ବଦା ବାସ କରେ ସେ ବ୍ୟକ୍ତିକୁ ଯମଲୋକ ଦର୍ଶନ କରିବାକୁ ପଡେ ନାହିଁ । ଯେଉଁ ନରେଶ୍ୱରମାନେ ଏଠାରେ ଯଜ୍ଞମାନ କରନ୍ତି ସେମାନେ ପୃଥ୍ୱୀ ଥିବା ଯାଏଁ ସ୍ୱର୍ଗବାସ କରିଥାନ୍ତି ।

କୁରୁକ୍ଷେତ୍ରକୁ ଆଧାର କରି ସ୍ୱୟଂ ଇନ୍ଦ୍ରଙ୍କ ମତ୍ତ ରହିଛି – କୁରୁକ୍ଷେତ୍ରାଞ୍ଚଳର ଉଡି ଆସି ଯଦି କୌଣସି ପାପି ଜନ ଉପରେ ଧୂଳି ଯଦି ପଡ଼େ ସେ ପାପୀ ହେଲେ ମଧ ପରମ ପଦକୁ ପ୍ରାପ୍ତ କରାଇଥାଏ । ଏହି କୁରୁକ୍ଷେତ୍ର ମଧରେ ବ୍ରାହ୍ମଣ ଶିରୋମଣୀ (ମହର୍ଷି) ତଥା ରାଜେନ୍ଦ୍ର ନୃପଙ୍କ ପରି ମହାନ୍ ମହାନ୍ ଯକ୍ଷାନୁଷ୍ଠାନମାନ କରିବାପରେ ଦେହ ତ୍ୟାଗ ପରବର୍ତ୍ତି କାଳରେ ଉତ୍ତମ ଗତି ପ୍ରାପ୍ତ ହୋଇଥିଲେ । ଯାହାକି ଶାସ୍ତ୍ର ସମ୍ମତ ।

ଏଥକୁ ନେଇ ଶ୍ରୀମଦ୍ ଭଗବତ୍ ଗୀତା ମଧରେ ଥିବା ପ୍ରବେଶ ମଧ୍ୟେ ଶ୍ଳୋକଟିରେ ବର୍ଣ୍ଣିତ ଧୃତରାଷ୍ଟ୍ର ଉବାଚ ବା ରାଷ୍ଟ୍ର ଧାରଣ କରିବା ସତ୍ୟ କଥା କହି ହୋଇଥିବା କଥା ଆରମ୍ଭରେ କୁହାଯାଇଛି – "ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ", ଅର୍ଥାତ୍ ଧାରଣ କରିଥିବା ବା ଯାହାକୁ ଧର୍ମକ୍ଷେତ୍ର କୁହାଯାଏ ବା ଏହି କ୍ଷେତ୍ର ମଧରେ ଉତ୍ପତି ହୋଇଥିବା ରାଜା କୁରୁଙ୍କ ଦ୍ୱାରା କ୍ଷେତ୍ରରେ "ସମବେତା ଯୁଯୁସ୍ତବ" ଅର୍ଥାତ୍ ସମବେତ ଅଯୁଯୁସ୍ତବ ବା ଏକତ୍ରିତ ହୋଇଛନ୍ତି ଯେଉଁମାନେ ଯୁଦ୍ଧ କରିବା ବିପରିତ ଚିନ୍ତାରେ ଥାଆନ୍ତି ।

ପରିବେଶର ଏପରି ସ୍ଥିତିକୁ ଦେଖି ସୃଷ୍ଟିର ରଚନା କର୍ତ୍ତା ନିଜକୁ ନିଜେ ବା ମନରୁ ମାନସ ସନ୍ତାନ ମାନ ଜନ୍ମାଇଥିବା ବ୍ରହ୍ମ ବିଚାରରେ ପରିପୃଷ୍ଠ ହୋଇ କହିଥିଲେ – "ମାମକାଃ ପାଣ୍ଡବାଶ୍ଚୈବ" ବା ମୋର ଛାୟାରୁ ହୋଇ ରହି ଆସିଥିବା ଅନିଶ୍ଚିତ ପଞ୍ଚ ଭୁତାକାର ର କିମ କୁର୍ବତ – ସଂଜୟ" । ଭବିଷ୍ୟତରେ କଣ ବୋଲାଇବ ?  ନିଜକୁ ନିଜେ ସ୍ରଷ୍ଟା ସ୍ଥିର କରି ନପାରି କହିଥିଲେ, ସଂଜୟ ହୋଇ ରହିବା ଅର୍ଥାତ୍ ସଂଶୟପୂର୍ଣ୍ଣ ଜୟ ବା ଗ୍ରନ୍ଥ ରୂପେ ରହିବ ।

କୁରୁ କ୍ଷେତ୍ରାଞ୍ଚଳ କୁରୁକ୍ଷେତ୍ର ବୋଲାଇବା ପୂର୍ବରୁ ବ୍ରହ୍ମାଣ୍ଡର ନିମ୍ନସ୍ଥର ନର ହିଁ ନର ଥିଲା । ମଧୁ କୈଠଭ ମେଦରୁ ମେଦିନୀ ପ୍ରସ୍ତୁତ ହୋଇଥିଲା । ସେହି ମେଦିନୀ ରୂପକ ପୃଥିବୀକୁ ମହାରାଜା ପୃଥୁ ପାଞ୍ଚ ଦିଗରୁ ଯଥା ଚାରିଦିଗକୁ ପ୍ରଭାବିତ କରି ଭୁଭାଗର ନିମ୍ନସ୍ଥରକୁ ସମାନ ବା ସମତୁଲ କରିଥିବା କାରଣକୁ ନେଇ କ୍ଷେତ୍ର ସମୁଦାୟ ସମାନ୍ତ ପଞ୍ଚକର ପରିଚୟ ଦେଇଥିଲା । ଏହି କ୍ଷେତ୍ର ଉପରେ ନିର୍ଦ୍ଧିଷ୍ଟ ଦ୍ୱାରକୁ ନେଇ ମଧଗତ ଭୁଖଣ୍ଡର କୁରୁକ୍ଷେତ୍ର  ବୋଲାଏ ।

**କୁରୁକ୍ଷେତ୍ରର ସୀମା ଓ ଚାରିଦ୍ୱାର –**

ଉଦା ତୀର୍ଥ ପର୍ବ ଅଧ୍ୟାୟ ୮୩ ଶ୍ଳୋକ ଚାରି କହେ – ଋଷିକୂଲ୍ୟା ସରସ୍ୱତୀର ଦକ୍ଷିଣ ପାର୍ଶ୍ୱ ତଥା ବୃଷଦବତୀ (ମେହନ୍ଦ୍ର ତନୟା)ର ଉତର ପାର୍ଶ୍ୱାଞ୍ଚଳ ହିଁ କୁରୁକ୍ଷେତ୍ରର ସୀମା । ଏହି ସୀମା ଅଞ୍ଚଳରେ ପୂର୍ବ ପାର୍ଶ୍ୱରେ ଅରନ୍ତୁକ ଦ୍ୱାର ତଥା ପଶ୍ଚିମ ଦ୍ୱାର ନାମ ତରନ୍ତୁକ ଦ୍ୱାର । ଉତ୍ତର ପାର୍ଶ୍ୱର ଦ୍ୱାର ନାମ ମଚକ୍ରୁକ (କାଳିଯାଇ) ତଥା ଦକ୍ଷିଣ ପାର୍ଶ୍ୱ ଦ୍ୱାର ନାମ ରାମାହ୍ଲାଦ ବା ପର୍ଶୁରାମ କୁଣ୍ଡ । ରାଜା କୁରୁଙ୍କ ଏହି କ୍ଷେତ୍ରରେ ସୃଷ୍ଟି ବିସ୍ତାର ଜ୍ଞାନ ସକାଶେ ବ୍ରହ୍ମର୍ଷି, ମହର୍ଷି, ଦେବର୍ଷି, ରାଜର୍ଷି,ଋଷି, ତପସ୍ୱୀ, ସନ୍ଥ, ମୂନୀ ଆଦି ଯେ ସଂଗ୍ରାମ ପାଇଁ ଅନିଚ୍ଛୁକ ସେମାନେ ହିଁ କେବଳ ଏକତ୍ର ହୋଇତାନ୍ତି । ସମୟେ ସମୟେ ବିଭିନ୍ନ ପ୍ରକାରର ଯଜ୍ଞ ମଧ କରିଥାନ୍ତି ।

**ବ୍ରହ୍ମର୍ଷି ଗର୍ଗ ବା ଗର୍ଗ ସ୍ରୋତ କ୍ଷେତ୍ର –**

ଆଜିର ବ୍ରହ୍ମପୁର କ୍ଷେତ୍ର, ଅତୀତର ଏକ ପୌରାଣିକ କ୍ଷେତ୍ର ଅଟେ । ଏହି କ୍ଷେତ୍ର ସମୁଦାୟ ସମନ୍ତ ପଞ୍ଚକ, ପରେ ପରେ କୁରୁକ୍ଷେତ୍ର, ତା ପରେ ସରସ୍ୱତୀଙ୍କ କାରଣକୁ ନେଇ ସଭୁମିକ ତୀର୍ଥ କ୍ଷେତ୍ର ପରିଚୟ ଦେଇ ଆସୁଥିଲା । କିନ୍ତୁ ଶଂଖ ବୃକ୍ଷକୁ ଆଶ୍ରୟ କରି ଏକ ଦୀର୍ଘ କାଳୀନ ଯଜ୍ଞ ଏଠାରେ ଗର୍ଗ ମୂନୀ କରିଥିବା କାରଣରକୁ ନେଇ କ୍ଷେତ୍ର ସମୁଦାୟ ଗର୍ଗ ସ୍ରୋତ ତୀର୍ଥ ରୂପେ ପରିଚିତ ।

ମହା. ଗଦା, ୩୭ ଅଧାୟ ୩୧ ଶ୍ଳୋକରୁ ଜାଣି ହୁଏ ନାଗଧନ୍ୱା ତୀର୍ଥ କ୍ଷେତ୍ରରେ ସର୍ବଦା ଋଷିବର୍ଗ ଚଉଦ ହଜାର (ରଜନୀମେକାଂ ଗିରି) ବାସ କରିଥାନ୍ତି । ବାସୁକୀ ସର୍ପଙ୍କୁ ସର୍ପଙ୍କ ରାଜା ରୂପେ, ଏଠାକୁ ଦେବତାମାନେ ଆସି ଠିକ୍ କରିଥିବା ଜଣାଯାଏ । ଏଠାରେ ପ୍ରାୟ ଏକ ଲକ୍ଷ ସର୍ପ କାହାକୁ କିଛି ନ କରି ବାସ କରି ଆସୁଛନ୍ତି । ଏଠାରୁ ପୂର୍ବକୁ ପୂର୍ବ ତୀର୍ଥ ଦର୍ଶନ ପରେ ପରେ ଆଜିର ଜନପଦ ଶିହଳା ସମପସ୍ଥ ଶିଂଗାବାଡି ଠାରେ ଥିବା ଶଂଖ ବୃକ୍ଷ ଥିଲା । ସମୁଦାୟ ଏହି ଅଞ୍ଚଳରୁ ପୂର୍ବାଭିମୂଖି ସରସ୍ୱତୀ ପଶ୍ଚିମକୁ ଜରାୟୁ ରୂପେ ଫେରି ସୋରଡ଼ା ଜନପଦଠାରେ ପୁନଃ ପୂର୍ବ ସ୍ରୋତ ସଂଲଗ୍ନ ହୋଇ ରହି ଆସିଛି ।

ଜନପଦ ଶିଙ୍ଗାବାଡି, ଯେଉଁ କ୍ଷେତ୍ରରେ ରହିଛି ବିଶାଳ ଶଂଖ ବୃକ୍ଷ । ଉକ୍ତ ବୃକ୍ଷ ଆଖପାଖରେ ଯକ୍ଷ, ବିଦ୍ୟାଧର, ରାକ୍ଷାସ, ପିଶାଚ ତଥା ସହସ୍ର ସହସ୍ର ସଂଖ୍ୟାରେ ବାସ କରୁଥିଲେ । ତପସ୍ୱୀ ସମୁହ ଅନ୍ନ ତ୍ୟାଗ କରିଥିଲେ କିନ୍ତୁ ସମୟେ ସମୟେ ସେ ବୃକ୍ଷ ଫଳ ଖାଉଥିଲେ । ଏଠାରେ ଏପରି ଅତୀତରୁ ସ୍ମରଣୀୟ ରୂପେ ଶିଙ୍ଗାବାଡି ନାମେ ଜନପଦ ରହି ଆସିଛି । ଯାଜ୍ଞିକ କ୍ରିୟା ମେଦିନୀର ଚଳ ପ୍ରଚଳ ଯୋଗୁଁ ମେଦିନୀପୁର ନାମେ ଜନପଦ ଏଠାରେ ରହିଛି । ଏହି ମେଦିନୀ ଉପରେ ଏବଂ ଏଠାରେ ଯଜ୍ଞକ୍ରିୟା ଆରମ୍ଭ କାରଣରୁ ଶିହଳା ନାମରେ ଜନପଦଟିଏ ସ୍ମରଣୀୟ ଭାବେ ରହି ଆସିଛି । କାରଣ ଯଜ୍ଞକୁଣ୍ଡରେ ଆହୁତି ଦେବାପରେ ଘୃତର ଯେଉଁ ପବିତ୍ର ବାସନାରେ କ୍ଷେତ୍ର ପରିବେଶର ଶ୍ରେୟକୁ 'ଶିହଳା' କୁହାଯାଏ । ପୁଣି ଶିହଳାକୁ ନେଇ ବିଦ୍ୱାନଗଣ ଅର୍ଥ କରି କହିଛନ୍ତି ..ଆମ୍ରିୟ ଜନଙ୍କୁ ଯେ କଥା କଥାକେ ଉତ୍ତେଜିତ କରିପାରେ ।

ବୃଦ୍ଧ ଗର୍ଗଙ୍କ ସେହି ୧୨ ବର୍ଷ ଧରି କରିଥିବା ଯଜ୍ଞର ପୂର୍ଣ୍ଣାହୂତୀ କାଳରେ ବ୍ରହ୍ମାଣ୍ଡର କୋଣ ଅନୁକୋଣରୁ ବହୁ ସଂଖ୍ୟକ ମହର୍ଷି ସାଧୁ ସନ୍ୟାସୀ ଆସି ଲାଠ୍ (ଲାଠି) ବା ଏକତ୍ର ହେବାରେ ଲାଗିଲେ । ଦେଖୁ ଦେଖୁ 'ବୃନ୍ଦା ଆଳୟ' ପରି (କାର୍ତ୍ତିକ ମାସରେ ସ୍ୱାମୀମାନେ ଯେପରି ଚୌରାମୂଳେ ଭିଡ ଜମାନ୍ତି) ଜମା ହେବାରେ ଲାଗିଲେ ।

ଧିରେ ଧିରେ କ୍ଷେତ୍ରଟି ତପସ୍ୱୀ ଅରଣ୍ୟ ବା ଅନନ୍ତେଇ ସଦୃଶ୍ୟ ଏପରି ଜଣାଗଲା ଯେ, ଧିର ପବନ ପ୍ରବାହରେ ବସ୍ତୁ କୁ ବସ୍ତୁ ଆଘାତ କରି ଶେଷରେ ଗୁରୁତର ବୋଇ ଥିଲା । ଦୂରକୁ ଗଦା ଗଦା ପରି ହୋଇ କିଆରୀରେ ଥିବା ଘାସ (ବନ୍ଥପଲ୍ଲୀ) ପରି କ୍ଷେତ୍ର ଦେଖା ଯାଉଥିଲା । କାରଣ କେହିହେଲେ ମୋହ ପ୍ରବୃତିକୁ ଛାଡ଼ି (ମହତ) ଯିବାକୁ ନାରାଜ । କାରଣ ସେଠାରେ ଶଗଡ଼ଚକ ପରି ଘୁରିବୁଲୁଥିବା ଇଛା ସତ୍ୟ ଚଳପ୍ରଚଳ ହେଉଥିଲା ( କୁମାରପୁର) ।

ସେହି କ୍ଷେତ୍ରରେ ତପସ୍ୱୀଙ୍କ ଏପରି ଦୟନୀୟ ଅବସ୍ଥା ଦେଖି ଏବଂ ନିଜର ସନ୍ତାନ ବୋଧକରି ତପସ୍ୱୀଙ୍କୁ ପୂର୍ବାଭିମୁଖି ସରସ୍ୱତୀ ସେଠାରେ ପ୍ରକଟ ହୋଇଥିଲେ । ବା ଆପାଣା ଭାବି ଯେ ସାହାଯ୍ୟ ସହଯୋଗ କରିଥାଏ (କଙ୍କ) । କଙ୍କ ପରି ହିଁ ମଣ (ତାମଣ) । ସରସ୍ୱତୀ ଏପରି ବିଚାର କରି ସେଠାରେ ପ୍ରକଟ ହୋଇ ତପସ୍ୱୀଙ୍କୁ ଆଶ୍ୱାସନା ଦେଇ ଏପଟ ସେପଟରେ କୁଞ୍ଜମାନ ଗଠନ କରି କରି ପଶ୍ଚିମରୁ ଫେରି ପୁଣି ସ୍ୱସ୍ରୋତରେ ପ୍ରବାହିତ ହୋଇଥିଲେ । କୁଞ୍ଜ ଗୁଡିକ ସରସ୍ୱତୀ କୁଞ୍ଜ ନାମେ ପରିଚୟ ନିଜର ଦେବା ପରେ ତପସ୍ୱୀମାନେ ସେ କୁଞ୍ଜମାନଙ୍କରେ ଫର୍ଚ୍ଚାରେ ଚଢ଼ି ଦୀପ ପ୍ରଜ୍ୱଳନ କରିବା ପରେ ସ୍ୱାଧାୟ କର୍ମ କରିଥିଲେ । ଦୀପ ସମୁଦାୟ ସରସ୍ୱତୀ କୁଞ୍ଜମାନଙ୍କରେ ଆଲୋକିତ ସନ୍ଧ୍ୟା ତର୍ପଣରେ ଅତି ମନୋହର ଦେଖା ଯାଉଥିଲା । ଯେପରି କୈବର୍ତ୍ତ ବିଲରୁ ପ୍ରାତଃରେ ଘଣ ଉଠାଇଲେବେଳେ ସୂର୍ଯ୍ୟ ରଶ୍ମିରେ କେରାଣ୍ଡି ମୀନ ଗୁଡିକ ଯେପରି ଝକମକ ଦେଖାଯାଏ, ସେପରି ଜଣା ଜାଉଥିଲା । ଇତ୍ୟାଦି କାରଣରୁ ସରସ୍ୱତୀ କୁଞ୍ଜଗୁଡିକୁ ଆଜି ପୂର୍ବାଞ୍ଚଳ ପର୍ବତମାଳା କହିବା ସଙ୍ଗେ ସଙ୍ଗେ କେରାଣ୍ଡିମାଳ ବୋଲି ମଧ କୁହାଯାଉଛି ।

ଏପରି ବ୍ୟବସ୍ଥାକୁ ନେଇ ଅବସ୍ଥା ଘଟିବା ପରେ ତପସ୍ୱୀମାନେ ଖୋଲାରେ ଅତି ଆନନ୍ଦରେ (ହଳଦିଆ ପଦର) ଗର୍ଗ ଯଜ୍ଞ ଭୋଗ କରିଥିଲେ । ଉତ୍ତମ କୁଣ୍ଡ ଗୁଡିକରେ ଆହୂତୀ ଦେଲାବେଳେ ମନ୍ତ୍ର ଉଚ୍ଚାରଣ ମୂଲ୍ୟ ସେପରି ଜଣା ଯାଉଥିଲା । ତଥା ଘାସ ମୂଳି ସ୍ୱରପ ବା ବନ୍ଥ ପରି ଚତୁର୍ଦ୍ଦିଗ ତପସ୍ୱୀଙ୍କ ସ୍ଥିତି ଏଠାରେ ଜଣାଗଲା । ତପସ୍ୱୀ ବା ନୈମିଷାରଣ୍ୟ ନିବାସୀଗଣ ଅତ୍ୟନ୍ତ ଆନନ୍ଦ ମନରେ ସରସ୍ୱତୀ ନଦୀ ତଟ ପର୍ଯ୍ୟନ୍ତରେ ରହି ବାରବର୍ଷ ଯଜ୍ଞର ପବିତ୍ରତାକୁ ଉପଲବ୍ଧ କରିବା ପରେ ବ୍ରହ୍ମତେଜ ସାନିଧ ଲାଭ ଏଠାରେ କରିଥିଲେ ।

**ଦିବ୍ୟତା ସ୍ୱରୁପର ଅମୃତ କ୍ଷେତ୍ର**

ବ୍ରହ୍ମାଣ୍ଡର ଯେଉଁ କ୍ଷେତ୍ରାଞ୍ଚଳରେ ବାସୁଦେବଙ୍କ ମୌଳିକ ସ୍ଥିତିର ସ୍ପର୍ଶ ଥିଲା । ବିଧି ବିଧାନକୁ ଆଧାର କରି ମଧୁକୈଠଭ ଦୈତ୍ୟ ଭଗବାନ୍ ବିଷ୍ଣୁଙ୍କ ସହ ପାଞ୍ଚ ହଜାର ବର୍ଷ ସଂଗ୍ରାମ କରି ମେଦରୁ ମେଦିନୀ ପ୍ରସ୍ତୁତ କରାଯାଇ ପାରିଥିଲା । ପରବର୍ତ୍ତୀ କାଳରେ ଯାହା ଧାରଣ ବା ଧର୍ମ ଭୂମି ବୋଲାଇ କ୍ଷେତ୍ର ରୂପେ ବୋଲାଇ ଆସିଲା । ଆଲୋକ, ଆକାଶ, ବାୟୁ, ପବନ ତଥା ନାରର ଉତ୍ପତିର ପ୍ରକାଶ ପରେ, ପ୍ରାୟ ୧୬୯ କୋଟି ବର୍ଷ ଧରି ଧର୍ମ କ୍ଷେତ୍ର ପ୍ରକଟ ହୋଇ ରହିଆସିଥିଲା । ଏଥିରେ ମର୍ତ୍ତ୍ୟର ଉତ୍ପତି ହୋଇ ଆଜକୁ ପ୍ରାୟ ଏଗାର କୋଟି ଅସି ଲକ୍ଷ ବର୍ଷ ତଳେ ମର୍ତ୍ତ୍ୟମଣ୍ଡଳ ଗଠନ ହୋଇଥିଲା । ପ୍ରକୃତ ନିୟମ ପ୍ରକାରେ ଏପରି ହୋଇଥିବା ସ୍ଥଳେ ମଧ ମହାତ୍ମା କୁରୁ ଅତୀତର କୌଣସି ଏକ ସତ୍ୟ ଯୁଗରେ ପବିତ୍ର ଥଥା ପୂର୍ଣ୍ୟ ପ୍ରାପ୍ତ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ସେହି ମେଦିନୀ କ୍ଷେତ୍ରରେ ହିଁ ସମସ୍ତ ଧର୍ମର ତପସ୍ୱୀ ଏକତ୍ରିତ ହୋଇ ରହି ଆସିଛନ୍ତି ।

ସମୁଦାୟ ଧାରଣ କ୍ଷେତ୍ରକୁ ଆଜିର କୃଷ୍ଣ ପ୍ରସାଦରଗଡ଼ ସମିପସ୍ଥ ବର୍ହିଷ୍ମତୀପୁରୀଠାରେ ଶାସନ କ୍ଷେତ୍ର କରି ମନ୍ୱନ୍ତର ବା ୭୧ ମହାଯୁଗ ଶାସନ ପ୍ରଚଳନ କରି ଦୁଇ ପୁଅ ପ୍ରିୟବ୍ରତ ଉତ୍ତାନପାଦ ମଧରେ ଭାଗ କରିଥିଲେ । ଚାରି ଯକ୍ଷ ଦ୍ୱାର ବିଶିଷ୍ଟ କୁରୁକ୍ଷେତ୍ର ସୀମାଞ୍ଚଳର ଦକ୍ଷିଣ ପାର୍ଶ୍ୱର ପଶ୍ଚିମ ଆଡରୁ ପ୍ରଥମେ ଲୋହିତ ନଦୀ (ଲୋହରାଖଣ୍ଡି) ପ୍ରକଟ ପରେ ପରେ ମହର୍ଷି ବ୍ରହ୍ମର୍ଷିଙ୍କ ଚେଷ୍ଟାରେ ଋଷିକୁଲ୍ୟା ବା ସରସ୍ୱତୀ ଜଳଧାର ପ୍ରକଟ ହେବାପରେ, ବର୍ଣ୍ଣିତ ଋଷି ମୂନୀ ତପସ୍ୱୀ ଆଦିଙ୍କ ପ୍ରକଟ ହୋଇଥିଲା ।

କୁରୁକ୍ଷେତ୍ର ଭୁମି ଏତେ ପବିତ୍ର ଯେ ଏହି ମାଟିରେ ଥିବା ମେରୁକୂଟ ଜନପଦାଞ୍ଚଳରେ ଜନ୍ମିତ ଶିଆଳ (ବୋଧହୁଏ ଦାନସ୍ୱା ହାଡିସ୍ୱା)କୁ ବ୍ରହ୍ମର୍ଷି ବଶିଷ୍ଠ ଗୁରୁ କରିଥିଲେ । ସେପରି ବସୁ ପ୍ରହରାଜ, କମ୍ବୁ ତିଆଡି, ତର୍କ ପଞ୍ଚାନନଙ୍କ ପରି ବ୍ୟକ୍ତିତ୍ୱର ପ୍ରକଟ ମଧ ଏହି କ୍ଷେତ୍ରରେ ରହି ଆସିଛି ।

**ଚକ୍ରବ୍ୟୁହରେ କୁରୁକ୍ଷେତ୍ର –**

ଆଜି ଆମକୁ ହରିୟାନାର ଯେଉଁ କ୍ଷେତ୍ରକୁ କୁରୁକ୍ଷେତ୍ର କହି ବିଦ୍ୱାନମାନେ କହି ଆସୁଛନ୍ତି ବାସ୍ତବରେ ତାହା କୁରୁକ୍ଷେତ୍ର ନୁହେଁ । କିନ୍ତୁ ପ୍ରବଚକମାନେ ପ୍ରବଚନ ମାଧମରେ ଯେପରି ପ୍ରବଚନା ସମାଜରେ କରି ଆସୁଛନ୍ତି, ତାହା ଗ୍ରହଣ ଯୋଗ୍ୟ ନୁହେଁ, କାରଣ ସେମାନେ ବାରମ୍ବାର କହିଆସିଛନ୍ତି, “ଧର୍ମଭୂମି କୁରୁକ୍ଷେତ୍ର” କହି । ଶ୍ଳୋକରେ କିନ୍ତୁ ବର୍ଣ୍ଣିତ “ଧର୍ମ କ୍ଷେତ୍ରେ ବା ଧର୍ମ କ୍ଷେତ୍ର ମଧରେ” । ଏଣୁ ବାସ୍ତବରେ ଯାହାକୁ କୁରୁକ୍ଷେତ୍ର କୁହାଯାଇଛି ତାହା ବ୍ୟାସଦେବ ବର୍ଣ୍ଣିତ କୁରୁକ୍ଷେତ୍ର ନୁହେଁ । କାରଣ କୁରୁକ୍ଷେତ୍ର ବର୍ଣ୍ଣିତ ଅଞ୍ଚଳ ଧାରଣ ବା ଧର୍ମ କ୍ଷେତ୍ର ମଧରେ ରହି ଆସିଛି । ଏଣୁ କୁରୁକ୍ଷେତ୍ରାଞ୍ଚଳ ମେଦିନୀ ଭୁଖଣ୍ଡରେ ରହିଛି । ମର୍ତ୍ତ୍ୟ ଭୁଖଣ୍ଡ ମଧରେ ନୁହେଁ କିନ୍ତୁ ଦୁଃଖର ସହ ଜଣାଇବାକୁ ପଡୁଛି ଭାରତର ନୁହେଁ ଇଣ୍ଡିଆର ପ୍ରଧାନ ମନ୍ତ୍ରୀ ଇସ୍ରୋ ତଥା ନାସାର କଥାକୁ ବିଶ୍ୱାସ କରି ରାଜକୋଶରୁ ଛଅସ୍ତରି ହଜାର କୋଟି ଟଙ୍କା ଅନୁମୋଦିତ କରିଥିବା ଶୁଣାଯାଉଛି, ଆଫଗାନୀ ସ୍ଥାନରୁ ସରସ୍ୱତୀ ନଦୀକୁ ଉଦ୍ଧାର କରାଉଛନ୍ତି । କିନ୍ତୁ ଭାରତୀୟ ସଂସ୍କୃତିର ମୌଳିକ ଗ୍ରନ୍ଥ ବେଦ ତଥା ଶ୍ରୀମଦ୍ ଭାଗବତ, ମହାଭାରତ ମଧରେ ଥିବା ସରସ୍ୱତୀ ନଦୀକୁ ତିଳେ ମାତ୍ର କେହି ମନେ ପକାଇ ନାହାଁନ୍ତି । ତେବେ କୁରୁକ୍ଷେତ୍ର ସ୍ଥିତିକୁ ବୁଝିବା କିପରି ? ଭାରତର ସମସ୍ତ ମୁଖ୍ୟମନ୍ତ୍ରୀଙ୍କ ମଧରେ ପ୍ରଚଳିତ ଦୀର୍ଘ କାଳୀନ ମୁଖ୍ୟମନ୍ତ୍ରୀ ସ୍ୱୟଂ କୁରୁକ୍ଷେତ୍ର ଅଞ୍ଚଳରୁ ବିଧାନ ସଭାକୁ ପ୍ରତିନିଧିତ୍ୱ କରି ମଧ କ୍ଷେତ୍ରକୁ ବୁଝି ପାରି ନାହାନ୍ତି ।

**ଉଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଅଞ୍ଚଳ କୁରୁକ୍ଷେତ୍ର ମଧରେ ଥିଲା –**

ପ୍ରଥମରୁ କୁରୁକ୍ଷେତ୍ର ସୀମା ତଥା ଚାରି ଦ୍ୱାରକୁ ଦର୍ଶାଯାଇଛି । ସେହି କୁରୁକ୍ଷେତ୍ର ସେହି ଅଞ୍ଚଳ ସହିତ ସରସ୍ୱତୀ ନଦୀ ପ୍ରବାହିତ ଯେହେତୁ ଏହି ନଦୀ ଋଷିକୂଲ୍ୟା ରୂପେ ପରିଚିତ । ତଥା ପ୍ରାୟ ୧୯୬ କୋଟି ବର୍ଷ ଧରି ରହି ଆସିଛି । ଏହି କ୍ଷେତ୍ରରେ ପୁଣି ବ୍ରହ୍ମର୍ଷିମାନେ ଅବତରଣ କରି ମହର୍ଷିମାନଙ୍କ ପ୍ରଭାବରେ ଅନେକ ଅହେତୁକ କର୍ମ କରିଥିବାରୁ କ୍ଷେତ୍ର ମେଦିନୀକୁ ‘ଗଞ୍ଜ’ କୁହାଗଲା । ଗଞ୍ଜ (ଅବିଭକ୍ତ) ଭୁମି ଆଜି ଗଞ୍ଜାମ ଜିଲ୍ଲାରେ ପରିଣତ । ଏହି ଋଷିକୂଲ୍ୟା ସରସ୍ୱତୀ ଜଳଧାର ଗଞ୍ଜାମ ଜିଲ୍ଲାରେ ପ୍ରବିହିତ । ଏଥକୁ ସମ୍ପର୍କ ରଖି ତିନିଗୋଟି ଦ୍ୱାର ଯଥା ତରନ୍ତୁକ, ଅରନ୍ତୁକ, ମଚକ୍ରୁକ ଦ୍ୱାର ରହିଛି । ଏବଂ ମହେନ୍ଦ୍ର ଗିରି ସମ୍ପର୍କରେ ରହିଛି ।

କଳିର ବିଡମ୍ବନା ତଥା ପ୍ରକୃତିର ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବିଚାରକଲେ ଜଣାଯାଏ ଯେ ଶ୍ରୀକୃଷ୍ଣଙ୍କ ସ୍ୱଧାମ ଯାତ୍ରା ପରେ ପରେ ଦ୍ୱାରିକା ନଗରୀ ସାଗରର କୋଳାଗ୍ରତ ହେଲା ପରି ଅରନ୍ତୁକ ଦ୍ୱାରକୁ ଆଧାର କରି କୁରୁକ୍ଷେତ୍ରର ଏକ ବିଶାଳ ଅଞ୍ଚଳ, ଯେଉଁ ଅଞ୍ଚଳରେ କୁରୁ ପାଣ୍ଡବଙ୍କ ମଧ୍ୟରେ ସଂଗ୍ରାମ ହୋଇ ପଞ୍ଚଭୁତ ପାଣ୍ଡବଙ୍କ ଐୟରି ବା ଶତ୍ରୁଙ୍କ ବିନାସ ହୋଇପାରିଥିଲା । ସେ ସମୁଦାୟ ସମର କ୍ଷେତ୍ରକୁ ମଧ ସମୁଦ୍ର କୋଳରେ ଆଜସୁଦ୍ଧା ରଖିଛି ।

କୁରୁକ୍ଷେତ୍ରର ଏକ ବିଶେଷ ଅଙ୍ଗ ସମୁଦ୍ର ଜଳ ମଧ୍ୟରେ ରହିବା ପରେ ବା (ପୂର୍ବାଞ୍ଚଳ), ୩୦୩ ଖ୍ରୀଷ୍ଟାବ୍ଦରେ ମେଦିନୀ କେନ୍ଦ୍ରରେ ରକ୍ତବାହୁ, ଚକ୍ରବାହୁ ନାମକ ଦୁଇଟି ସୁନାମୀ ଲାଗେ ଲାଗେ ସଘଠିତ ହୋଇ, କେନ୍ଦ୍ରକୁ ଖୋଲାଇ ଚିଲିକା କ୍ଷେତ୍ର ପରିବର୍ତ୍ତନ କରିସୁଧା ମଟକୁକ କ୍ଷେତ୍ର ଆଜି ଯାହାକୁ ଆମେ କାଳିଯାଇ ବା କାଳଜୟୀ ବୋଲି କହୁଛେ । ଏପରି ଦୁଇଟି ଦ୍ୱାର ସମୁଦ୍ରରେ ଥିଲେ ମଧ କୁରୁକ୍ଷେତ୍ରର ଅଞ୍ଚଳ ପରିସ୍ୱଟ ଜଣାଯାଏ ।

ସମୁଦ୍ର ଅନ୍ତର୍ଗତ ଥିବା କୁରୁକ୍ଷେତ୍ର ଅଞ୍ଚଳକୁ ନେଇ ଯେଉଁ ବାସ୍ତବ କୁରୁକ୍ଷେତ୍ର ଦେଖୁଛେ, ଏହି କ୍ଷେତ୍ରରେ ଭଗବାନ ବଳରାମ ମହାଭାରତ ସମର ଲାଗିଥିବା କାଳରେ ତୀର୍ଥ ଯାତ୍ରା କରି ସରସ୍ୱତୀଙ୍କ ପ୍ରଶଂସା କରିଥିଲେ । ବାସ୍ତବକୁ ବାସ୍ତବ ବୋଲି ନ କହି, ଅବାସ୍ତବକୁ ବାସ୍ତବ କହିବା ବିଦ୍ୱାନମାନଙ୍କ ଉଚ୍ଚାରଣରେ ଠିକ୍ କି ? ବିଦ୍ୱାନ ଉଚ୍ଚାରଣ ଠିକ୍ କରି କହି ଆସୁଥିବା ସମାଜ ଆଜି ବିଭିନ୍ନ ଅସାମାଜିକ, ମିଥ୍ୟା, ସରଳତାର ଫାଇଦାରେ ସମାଜ ଚାଲିଛି । ବିଶ୍ୱାସରେ ବିଷ ନ ଦେଇ ଦେଇ ଆସୁଛନ୍ତି ଗରଳ । ଗରଳକୁ ସଂସ୍କାର କରିବା ଅଧିକାରୀମାନେ ନ କରି କରି ଆସୁଛନ୍ତି ହଳାହଳ । ସମାଜ ପରିସ୍ଥିତିକୁ ଯେଉଁ ମାର୍ଗରେ ଭୋଗ କରି ଚାଲିଛି ପାଳକ କଳିଯୁଗ ମଧ ଭୟାତୁର ହେଲାଣି ।

**ଦ୍ୱାପର ଶେଷରେ ମହର୍ଷି ଚାର୍ବକ ମହିମା**

ସର୍ବୋକ୍ତିରେ ରହିଛି ଚାର୍ବକ ଜଣେ ମହର୍ଷି । କିନ୍ତୁ ସେ ମହର୍ଷି, ଋଷି କିମ୍ବା ତପସ୍ୱୀ ନ ଥିଲେ । ଥିଲେ ଜଣେ ସନ୍ୟାସୀ ରୂପରେ ଜଣେ ଦୈତ୍ୟ ତଥା ଅତି ଘନିଷ୍ଟ ବନ୍ଧୁ ଦୂର୍ଯ୍ୟୋଧନଙ୍କର । ଦୂର୍ଯ୍ୟୋଧନ ଶାସନର ସକଳ ନଷ୍ଟ ହୋଇଯିବା ପରେ, ଯୁଧିଷ୍ଠିର ରାଜପଦ ଗ୍ରହଣ କଲାପରେ ଶାସନ ବଦନାମ କରିବାକୁ ସନ୍ୟାସି ରୂପ ଧାରଣ କରି ଦୈତ୍ୟ ଚାର୍ବକ ରୂପରେ ପ୍ରକଟ ହୋଇଥିଲେ । ଏବଂ ପ୍ରଚାରରେ କହୁଥିଲେ ଋଣଂକୃତ୍ୱା ଘୃତଂ ପିବେତ୍ ଯାବତ୍ ଜୀବନ୍ ସୁଖିଂ ଭବେତ୍ । ମହର୍ଷିଙ୍କ ଉକ୍ତ ଚାଞ୍ଚଲ୍ୟ ବାଣୀ ସମାଜର ସାମାଜିକ ମାନଙ୍କୁ ଉତମ ବୋଧ ହୋଇ ପାରିନଥିଲା । ଜନ ବିଚାରରେ ଶାସ୍ତ୍ର ବିରୋଧି ଥିଲା । ଏଣୁ ସମୁଦାୟ ସମାଜ ମହର୍ଷି ଚାର୍ବକଙ୍କୁ ଟେକା ଦ୍ୱାରା ମାରି ମାରି ଯମପୁରକୁ ପଠାଇ ଦେଇଥିଲେ ।

ପରେ ପରେ ଶାସନ କ୍ଷେତ୍ରରେ କଳିଙ୍କ ପ୍ରବେଶ ହୋଇଥିଲା । ଧର୍ମ, ନ୍ୟାୟ ବିଚାରରେ ଅବୈଧି ସୃଷ୍ଟି ହେବା ଆରମ୍ଭ ହୋଇଥିଲା । ଭଦ୍ର ରୂପରେ ଅଭଦ୍ର କିପରି ହେବା ସୂଚାଇ ଥିଲେ । ଗୋ ମାତାଙ୍କ ପରି ଗୃହପାଳିତ ତଥା ସେବାନିପୁଣ ଘଣୁଙ୍କୁ ମଧ ଦଣ୍ଡ ଦିଆ ଯାଉଥିଲା । ଏପରି ବିଭିନ୍ନ ଅତ୍ୟାଚାରିତ ମନୋଭାବ ଧରି କଳିଯୁଗ ପ୍ରକୃତିସ୍ଥ ହୋଇ ୫୧୨୩ ବର୍ଷ ରହି ଆସିଛି । ରାଜତନ୍ତ୍ର ତଥା ବିଦେଶୀ ଶାସନ ଛାପ ରାଷ୍ଟ୍ର ଭାରତ ଉପରେ ଇଣ୍ଡିଆର ପଡିଥିବା ବୋଧ ହେଉଛି । ଧିର ପାଣି ପଥର କାଟେ ସଦୃଶ୍ୟ ଗଣତନ୍ତ୍ର ଶାସନ କାଳରେ ରଣନିତୀକୁ ଆରମ୍ଭ କରିଥିଲେ । ଯାହାକି ଆଜି ଗଣତନ୍ତ୍ର ଶାସନରେ ଯୁଆର ଉଠିଛି । ପୁଣି ଶାସ୍ତ୍ର ବିଚାରରେ ମଧ ସ୍ମୃତି ରହିଛି ଏହି ଯେ- ବିଧିରେ ଅବଧିକାରେ ଯାହା, ଅବିଧିରେ ବିଧି କଲେ ମଧ ତାହା । କେବଳ ସ୍ଥାନର ପରିବର୍ତ୍ତନରେ ନାମର ପରିବର୍ତ୍ତନ ସଜ୍ଞକ ଅଟେ । ଉଦାହରଣ ସ୍ୱରୂପ ନବୀନ ପଟ୍ଟନାୟକ ଶାସନ ୫.୩.୨୦୦୦ରୁ ପ୍ରଚଳିତ ହୋଇ ଆଜି ଯାଏଁ ଚାଲିଛି ଏବଂ ଚାଲିବ ମଧ । କାରଣ ଏହି ଅବିଭକ୍ତ ଗଞ୍ଜ୍ ଭୁମିରୁ ମନ୍ତ୍ରୀ ମଣ୍ଡଳର ଦି ଦି ଥର ମୁଖ୍ୟ କୃଷ୍ଣଚନ୍ଦ୍ର ଗଜପତି ତଥା ବିଶ୍ୱନାଥ ଦାଶ ହୋଇଥିବା ସତ୍ୱେ ବିଜୟାନନ୍ଦ ପଟ୍ଟନାୟକ ଗତ ୨୬.୦୬.୧୯୬୧ରେ ଶାସନ ମୌଳିକତା କ୍ରିୟା ଆରମ୍ଭ କରିଥିଲେ । ବ୍ରହ୍ମପୁରର ବିନାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରିଥିଲେ ମଧ, ମୌଳିକ ବୀର୍ଯ୍ୟରୁ କୁରୁକ୍ଷେତ୍ରରେ ହୋଇଥିବା ଉତ୍ପତି ଜନପଦ ଭାଗୀରଥି ପୁରରୁ ଶ୍ରୀ ସଦାଶିବ ତ୍ରିପାଠୀଙ୍କ ପରି ବବୀନ ପଟ୍ଟନାୟକଙ୍କ ଜନ୍ମସ୍ଥାନ ଯେ କୌଣସି କ୍ଷେତ୍ରରେ ହେଲେ ମଧ ବୀର୍ଯ୍ୟ କ୍ଷେତ୍ର ଅଟେ ଜନପଦ ନୂଆ ଗାଁ । ଏଥିରୁ ସ୍ୱଷ୍ଟ ହୁଏ ଯେଉଁ କ୍ଷେତ୍ରଟି ନୂଆଗାଁ ନାମକରଣ ହୋଇଛି, ସେହି କ୍ଷେତ୍ରଟି ଅତୀତରେ ଜଣେ ମହାପୁରୁଷ ସିଦ୍ଧା ପ୍ରାପ୍ତ କରିଥିଲେ । କୁରୁକ୍ଷେତ୍ର ମଧରେ ଜନପଦଟି ନଥିଲେ ମଧ କୁରୁକ୍ଷେତ୍ର ସୀମାରେ ରହିଛି ।

**କୁରୁକ୍ଷେତ୍ର ମଧରେ ବ୍ରହ୍ମପୁର**

ବ୍ରହ୍ମ ଏବଂ ବ୍ରହ୍ମା, ଉଭୟ ଶବ୍ଦ ମଧରେ ଅନେକ ତାରତମ୍ୟ ରହିଛି । ଏଠାରେ ବ୍ରହ୍ମା ଶବ୍ଦ ନାମବାଚକ ବା ବ୍ରହ୍ମର ସମ୍ପର୍କକୁ ଆସି ବିଶେଷତାକୁ ସୂଚାଏ, କାରଣ ବ୍ରହ୍ମା ନାମେଧେୟ ଶବ୍ଦ ପରମାତ୍ମାରୁ ବା ଯାହାଙ୍କ ନିରାକାର ଅବା ନିର୍ଗୁଣ କହି ଧରା ଯାଇଛି । (ବେଦାନ୍ତି ମାନଙ୍କ ବିଚାରରେ ବ୍ରହ୍ମା ହିଁ ଏହି ଦୃଶ୍ୟମାନ ସଂସାରର ନିମିତ୍ତ ଏବଂ ଉତ୍ପାଦନ କାରଣ ଅଟେ । କିନ୍ତୁ ବ୍ରହ୍ମ ସର୍ବବ୍ୟାପକ ଆତ୍ମା ତଥା ବିଶ୍ୱ ସମୁଦାୟର ଜୀବଶକ୍ତି ରୂପେ ପରିଚିତ । ବ୍ରହ୍ମ ହିଁ ମୂଳତତ୍ତ୍ୱ ଅଟନ୍ତି । ଏବଂ ଯାହାଙ୍କ ଦେଇ ସଂସାରର ସମସ୍ତ ବସ୍ତୁ ଉତ୍ପତି ହୋଇ ରହି ଆସିଛି ଏବଂ ଉତ୍ପତି ହୋଇ ଚାଲିଛି । ଶାଳିହୋତ୍ରରେ ବର୍ଣ୍ଣିତ ବ ଅର୍ଥାତ୍ ବରୁଣ ବା ଜଳ ତଥା ସେଥିରେ ଦେଇଥିବା ଚମକ୍‌କୁ ନେଇ ବିଦ୍ୱାନମାନେ ବ୍ରହ୍ମନାମ ଦେଇ ଉତ୍ପତିକୁ ଜୀବିତ ରଖିଛନ୍ତି ।

ବୋଧହୁଏ ଧର୍ମକ୍ଷେତ୍ରର ମଧରେ ରହି ଆସିଥିବା ସମନ୍ତ ପଞ୍ଚକ ଅଞ୍ଚଳର କୁରୁଙ୍କ କ୍ଷେତ୍ର ମଧରେ ରହିଛି ବ୍ରହ୍ମପୁର ବା ବ୍ରହ୍ମଙ୍କ ଚଳଚଞ୍ଚଳ ଅଞ୍ଚଳ । ଏହି ଅଞ୍ଚଳ ପ୍ରକ୍ରିୟାରୁ ଅନନ୍ତ ଶୟନ ବିଷ୍ଣୁ ବା ବ୍ୟାପ୍ତ, ଏଠାରୁ ହିଁ ଚଳଚଞ୍ଚଳ ହୋଇ ମଧୁକୈଟଭ ସଙ୍ଗେ ପାଞ୍ଚ ହଜାର ବର୍ଷ ସଂଗ୍ରାମ ପରେ, ସଂଗ୍ରାମ କ୍ଷେତ୍ରରେ ହିଁ ଉଭୟ ଦୈତ୍ୟଙ୍କ ମେଦରୁ ମେଦିନୀ ପ୍ରସ୍ତୁତ ହୋଇ ଭୁ ସୃଷ୍ଟି ବା ୧୯୬ କୋଟି ବର୍ଷ ଧର ରହି ଆସିଛି, ବ୍ରିଟିସ୍ ବା ଇଂରେଜ ଶାସନକାଳେ ଜିଲ୍ଲା ବିଭକ୍ତି କରଣ ବେଳେ ଅତୀତକୁ ସମ୍ମୁଖରେ ରଖି ଅଞ୍ଚଳକୁ ଭାଗ ଭାଗ କରି ଜିଲ୍ଲା କରିଛନ୍ତି । ପୁଣି ଜିଲ୍ଲାଟିକୁ ଗଞ୍ଜ୍ ନାମରେ ନାମିତ କରି, ସେଥି ମଧରେ ଅଞ୍ଚଳ ବ୍ରହ୍ମପୁର ନାମକୁ ସ୍ଥାନିତ କରିଛନ୍ତି । ଏଥିରୁ ପ୍ରମାଣିତ ଯେ ବ୍ରହ୍ମାଣ୍ଡର ନିମ୍ନଭାଗ ଜଳାର୍ଣ୍ଣବ ଥିବା କାରଣରୁ ଆଜଯାଏଁ ବ୍ରହ୍ମର ଚଳ

ପ୍ରଚଳରେ ଅଞ୍ଚଳ ରହିଆସିଛି । ଏବଂ ନାମ ବ୍ରହ୍ମରପୁରର ଚମକ୍ ରହି ଆସିଛି । ଅବଶ୍ୟ ସ୍ୱର ଲିପି ଆନୁସାରେ ଇଂରେଜ ଶାସନ କାଳରେ ତେଲେଙ୍ଗା ବା କମା ବ୍ରାହ୍ମଣମାନେ ଗଞ୍ଜ୍ କୁ ଗଞ୍ଜାମ୍, ବ୍ରହ୍ମପୁରକୁ ବ୍ରହ୍ମପୁରମ୍ କରି ଯାଇଛନ୍ତି ।

ଋଷି ମହର୍ଷି ସମୁଦାୟ, କେଉଁ ଦେବଙ୍କୁ (ଦେବତ୍ରୟ ବା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର) ଆରାଧନା କରିବା ଉଚିତ୍ ଭାବି ବ୍ରହ୍ମର୍ଷି ଭୃଗୁଙ୍କୁ ପରିକ୍ଷା କରିବାକୁ ଦାୟିତ୍ୱ ଅର୍ପଣ କରିଥିଲେ । ଶ୍ରୀବସ୍ତ ବ୍ରାହ୍ମଣ ରୂପରେ ବ୍ରହ୍ମର୍ଷି ଭୃଗୁ ଦେବତ୍ରୟଙ୍କୁ ପରିକ୍ଷା କରି ବିଷ୍ଣୁ ବା ପରବ୍ରହ୍ମ ହିଁ ଆରାଧ ସାଗର କହି ତପସ୍ୱୀ କୂଳକୁ କହିଥିଲେ । ବ୍ରହ୍ମର୍ଷି ଭୃଗୁଙ୍କ ଭକ୍ତି ପରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ବ୍ରହ୍ମଗିରି ଅଞ୍ଚଳରେ ଜଗଃନାଥ ବା ଦଧିବାମନ ମନ୍ଦିର ଉତ୍ପତି ହୋଇଥିଲା । ସମିପରେ ଖଉର୍ଦ୍ଧ ବା ଖୋର୍ଦ୍ଧା କହି ସ୍ଥାନ ଅଛି । ଅତୀତର ଚିଲିକା ଦୃଶ୍ୟକୁ ଲକ୍ଷଙ୍କର ରଖି ପରିବେଶବିତ୍ ପଣ୍ଡିତ ଜୟଦେବ ଗୀତ ଗୋବିନ୍ଦ ଗ୍ରନ୍ଥ ରଚନା କରି ବିଷୟ ମାର୍ଜିତ କରି ଯାଇଛନ୍ତି ।

**ଅଦ୍ୱିତୀୟ ମେଦିନୀ ଗଞ୍ଜ**

ବ୍ରହ୍ମାଣ୍ଡ ମଧରେ ହୋଇଥିବା ଭୂ ପ୍ରଚଳନ କାଳର ପରେ ପରେ ବ୍ରହ୍ମଦେବ ଛାୟା ଯାତ ମାନବ ମହର୍ଷି କର୍ଦ୍ଧମ ଏହି ମାଟିରେ ସ୍ୱତଃ ପ୍ରକଟ ହୋଇଥିଲେ । ବିନା ଅସ୍ତି ଶରୀରକୁ ପ୍ରଜା ବୃଦ୍ଧି ସକାଶେ ୧୦,୦୦୦ ବର୍ଷ ସେ ତପସ୍ୟା କରିଥିଲେ ।

ମହର୍ଷି କର୍ଦ୍ଧମଙ୍କ ତପସ୍ୟା କାଳରେ ସ୍ୱୟଂମ୍ଭୁବ ମନୁଙ୍କ ଶାସନ କାଳ ଆରମ୍ଭ ତଥା ସମ୍ବିଧାନ ପ୍ରଥମ କରି ପ୍ରଚଳନ ହୋଇପାରିଥିଲା ।

ମନୁଙ୍କ ଶାସନ କାଳରେ ପ୍ରଥମ ମୈଥୁନ ସନ୍ତାନ ପ୍ରୟବ୍ରତଙ୍କ ଜନ୍ମ ଅଟେ । ଏଠାରେ ଭଗବାନ ବିଷ୍ଣୁ ବା ଗରୁଡଧ୍ୱଜଙ୍କ ପ୍ରକଟ ପରେ ପରେ ବ୍ରହ୍ମଲୋକରେ ବ୍ରହ୍ମାଙ୍କ ଶରୀରରୁ ଉତ୍ପତି ହୋଇଥିବା ବ୍ରହ୍ମର୍ଷିଗଣ ବା ନବ ପ୍ରଜାପତି ଏଠାକୁ ଅନତରଣ କରିଥିଲେ ।

ବ୍ରହ୍ମାଣ୍ଡର ପ୍ରଥମ ବାରୁଣୀ ଯଜ୍ଞ ଏଠାରେ ପ୍ରକ୍ରିୟାକରଣ ହୋଇଥିଲା । ଯଜ୍ଞକୁଣ୍ଡର ସ୍ଥିର ଜଳ, କୁଣ୍ଡମଧରେ ସ୍ୱତଃ କେଜାରନାଥ ପ୍ରଥମକରି ସୃଷ୍ଟିରେ ଏଠାରେ ପ୍ରକଟ ହୋଇଥିଲେ । ଯ ଦ୍ୱାରା ସ୍ଥିର ଜଳ କୁଲ୍ୟା ରେ ପରିଣତ ହୋଇ, ସରସ ହେବାପରେ ଜଳର ସ୍ରୋତ ସରସ୍ୱତୀ ବୋଲାଇ ଆସୁଛି ।

ସୃଷ୍ଟିର ପ୍ରଥମ ବ୍ରାହ୍ମ ବିବାହ ମହର୍ଷି କର୍ଦ୍ଧମ ଏବଂ ଦେବହୁତୀଙ୍କ ମଧରେ ହୋଇଥିଲା । ଏଠାରେ ଏକକାଳିନ ନବକନ୍ୟାଙ୍କ ଜନ୍ମ, ଦେବହୁତୀଙ୍କ ଗର୍ଭଯାତ ସନ୍ତାନ ଭଗବାନ୍ କପିଳ । ଏଠାରେ ପୁଣି ଦର୍ଶନ ସାସ୍ତ୍ର ରୂପେ ସାଙ୍ଖ୍ୟଯୋଗର ପ୍ରଚଳନ ହୋଇ ପାରିଥିଲା ।

ବ୍ରହ୍ମବିବାହ କାଳେ ଏଠାକୁ ସମୁଦାୟ ଦେବ ଅପ୍ସରା, ଗନ୍ଧର୍ବ, ସନକାଦୀ ମୂନୀ ତଥା ଦେବର୍ଷି ନାରଦ ଉପସ୍ଥିତ ଥିଲେ ।

ଶ୍ରୀମଦ୍ ଭାଗବତ ୫/୧/୨୯ ଶ୍ଳୋକ ପ୍ରକାରେ ରାଜା ପ୍ରିୟବ୍ରତ ୧୧ ଅର୍ବୁଦ ବା ୧୧୦ କୋଟି ବର୍ଷ ମେଦିନୀକୁ ଶାସନ କରିବା ସହିତ ବାରୁଣୀ ଯଜ୍ଞ ତଥା ସରସ୍ୱତୀଙ୍କୁ ପ୍ରତି ବର୍ଷ ସ୍ମରଣ କରୁଥିଲେ । ସମ୍ରାଟ ପୃଥୁଙ୍କ ଶାସନ କାଳେ ଏକଶତ ଅଶ୍ୱମେଧ ଯଜ୍ଞ କରିଥିବା ଶ୍ରୀମଦ୍ ଭାଗବତ ୪/୧୯/୧ ।

ଏହି କ୍ଷେତ୍ର ନିକଟସ୍ଥ ପାତାଳପୁରିଠାରେ ଏକଶତ ରାଜସୂୟ ଯଜ୍ଞ ରାଜା ବଳି କରିଥିଲେ । ଭଗବାନ୍ ବାମନ ଏଠାରେ ତିନିପାଦ ଜମି ମାଗି ସମୁଦାୟ ଆକାଶ ମଣ୍ଡଳ, ସମୁଦାୟ ମର୍ତ୍ତ୍ୟ ମଣ୍ଡଳ ତଥା ବଳିରାଜାଙ୍କୁ ତୃତୀୟ ପାଦ ଦ୍ୱାରା ପାତାଳକୁ ଚାପିଦେଇଥିଲେ । ପାତାଳପୁରୀର + ୫° ଅକ୍ଷାଂଶରେ ଚାପି ଦେଇଥିବା କାରଣରୁ ଏହାର ଠିକ୍ - ୫° ରେ ବା ୱାସିଂଟନ ଡିସି ରହିଛି । ପ୍ରକାଶ ଥାଉକି ରାଜା ବଳିଙ୍କ ଏହି ଯଜ୍ଞରେ ହାତୀମୁଣ୍ଡ ସଦୃଶ ଶ୍ରୁବରେ ଘୃତକୁ ଆହୁତୀ ଦିଆ ଯାଉଥିଲା ।

ଋଷିକୂଲ୍ୟା ସରସ୍ୱତୀ ନଦୀର ଏହି ଜଳଧାର ନାମ ତୁଙ୍ଗଭଦ୍ରା ଏବଂ ଏହାର ସମିପ ଦକ୍ଷିଣକୁ ଜନପଦ ପଣସହ ପଦର ରହିଛି । ଜନପଦର ଏହି କ୍ଷେତ୍ରରେ ପ୍ରହ୍ଲାଦଙ୍କ ପିଉସି ହୋଲିକା କୋଳେଇ ଧରି ପ୍ରହ୍ଲାଦକୁ ଅଗ୍ନିରେ ପ୍ରବେଶ କରିଥିଲେ ।

ଋଷିକୂଲ୍ୟା ସରସ୍ୱତୀ ତୁଙ୍ଗଭଦ୍ରା ସ୍ରୋତରେ, ଯେଉଁଠାରେ ଦୁଲାରୀ ସ୍ରୋତ, ଆଦିପଙ୍କ ମୁଣ୍ଡେଶ୍ୱର ଗିରି ସନ୍ନିକଟରେ ମିଶିଛି, ସେହି କ୍ଷେତ୍ରରେ ଘୋର ସମର ବ୍ରହ୍ମର୍ଷି ବଶିଷ୍ଟଙ୍କ ସହ ବିଶ୍ୱାମିତ୍ରଙ୍କ ସହ ହୋଇଥିଲା । ବିଶ୍ୱାମିତ୍ର ସମରରେ ହାରି କ୍ଷତ୍ରୀୟ ବଳକୁ ଧିକ୍କାର କହି ବ୍ରହ୍ମବଳ ସକାଶେ ଏଠାରେ ତପସ୍ୟା କରି ମହର୍ଷି ପରେ ପରେ ବ୍ରହ୍ମର୍ଷି ବୋଲାଇ ପାରିଥିଲେ ।

ଋଷିକୂଲ୍ୟା ସରସ୍ୱତୀ ପୁଷ୍ପପରୀ ରହିଥିବା ଉଚ୍ଚକ୍ଷେତ୍ରର ଚତୁଃପାର୍ଶ୍ୱ ମଧ୍ୟରେ ବିଦ୍ୟମାନ୍ ପୌଲେସ୍ଥେଶ୍ୱର, ଯାହାଙ୍କୁ ଆମ୍ଭେ ଆଜି ବ୍ରହ୍ମେଶ୍ୱର କହି ସମ୍ବୋଧନ କରୁଛେ, ଏଠାରେ ପ୍ରଭୁ କୁବେର ପ୍ରସ୍ତୁତ କରିଥିବା ପୁଷ୍ପକ ଯାନକୁ ଭାଇ ରାବଣ ବଳତ୍କାରରେ ନେଇ ଯାଇଥିଲା । କାରଣ ରାବଣ ଏଠାରେ ତପସ୍ୟା କରି ବ୍ରହ୍ମାଙ୍କଠାରୁ ବର ପାଇଥିଲେ । ଏଠାରେ ଋଷିକୂଲ୍ୟାକୁ ଅଗମ୍ୟ ।

ଉମାଗୁଡି ବା ଦେବୀ ଉମାଙ୍କ ମନ୍ଦିର ତଥା ଅଗ୍ରପୂଜ୍ୟ ଗଣପତିଙ୍କ ଉତ୍ପତି କ୍ଷେତ୍ର । ଏଠାରେ ଏକା ଗଣେଷଙ୍କ ସହ ମହେଶ୍ୱରଙ୍କ ସଂଗ୍ରାମ ଅଦ୍ୱିତୀୟ ।

ରଜନୀ ମୋକାଂ ବା ଶତସୃଙ୍ଗ ଗିରିର ଉତ୍ତର ପାର୍ଶ୍ୱରେ ସ୍ଥିତ ଅଥର୍ବେଶ୍ୱର । ବ୍ରହ୍ମର୍ଷି ଏଠାରେ ପରମାଣୁ ଗବେଷଣା କରିଥିଲେ । ଏଣୁ ଗିରିଟି ଦୁଇ ଭାଗରେ ବିଭକ୍ତ । ଉତ୍ତର ପାର୍ଶ୍ୱ ପାହାଡ ଋଷି ଗିରି ତଥା ଦକ୍ଷିଣ ପାର୍ଶ୍ୱ ପାହାଡ଼ ନାମ ଧ୍ୱଜା ପାହାଡ଼ । ଏହି ଧ୍ୱଜା ପାହାଡ଼ ବକ୍ଷରେ ପାଣ୍ଡବଙ୍କ ଜନ୍ମ ବିବରଣୀ ମିଳେ । ଏଠାରେ ଥିବା ପିପଳପଙ୍କା ଅରଣ୍ୟରୁ ବିରାଧ ଦୈତ୍ୟ, ମାତା ସୀତାଙ୍କୁ ଅପହରଣ କରିଥିଲା । ସେ ଦୈତ୍ୟକୁ ହତ୍ୟା କରି ମାଟିରେ ରାମ ଲକ୍ଷବଢ ପୋତିଥିଲେ । ଆଜି କ୍ଷେତ୍ରଟି ବିରାଧ ଖାଲ ରୂପେ ଚିହ୍ନିତ ।

ସମିପସ୍ଥ ମାହାରଣ୍ଡା ଜନପଦ ସମ୍ମୁଖରେ ଥିବା କେଟାମଣୀ ପାହାଡା ମଥାରେ ରହିଛି ଅମାପର 'ବ୍ରହ୍ମରନ୍ଧ୍ର' ।

ଶତଶୃଙ୍ଗ ରଦନୀମାକାଂ ଗିରିର ଉତ୍ତର ପାର୍ଶ୍ୱରେ ଥିବା ଓଡିଙ୍ଗି ପାହାଡ ଚୀର ସ୍ମରଣୀୟ ଅଟେ । ଉତ୍ତଂକ ମୁନୀଙ୍କ ତପସ୍ୟାର କ୍ଷେତ୍ର ଥିଲା । ଏଠାରେ ଜୟଦ୍ରଥଙ୍କ ପିତା ମଧ ତପସ୍ୟା କରୁଥିଲେ । ଯାହାଙ୍କ ହାତରେ ଅର୍ଜୁନଙ୍କ ଦ୍ୱାରା ହତ ମଥା ଆସି ହାତରେ ପଡିଥିଲା ମହାଭାରତ ସଂଗ୍ରାମ ଭୂଇଁରୁ ଆସି ।

ବ୍ରହ୍ମର୍ଷି ଅଙ୍ଗିରାଙ୍କ ତପସ୍ୟା ସ୍ଥଳି । ଜଳ ମଧରେ ତପସ୍ୟା କରି ପ୍ରଥମ ଅଗ୍ନି ରୂପେ ବ୍ରହ୍ମର୍ଷି ବୋଲାଇବା ପରେ, ବୃହସ୍ପତି ଦ୍ୱିତୀୟ ଅଗ୍ନି ବୋଲାଇ ଥିଲେ ।

ବ୍ରହ୍ମର୍ଷି ଅତ୍ରି ମାଟି ତଳେ ତପସ୍ୟା କରି, ଶିବ ଲିଙ୍ଗକୁ ଓଲଟା ପ୍ରକଟ ଏଠାରେ କରାଇଥିଲେ ।

ମହର୍ଷି ରଚି ପୁତ୍ରିକା ଧର୍ମ ଏଠାରେ ପାଳନ କରିଥିଲେ ।

ଜନପଦ ଅମୃତୁଲୁ କନ୍ୟା ଦେବୀ ସତୀ, ପିତାଙ୍କ ଅନୁଚିତ୍ କର୍ମରେ ଅସନ୍ତୋଷ ଲଭି ଅଗ୍ନିକୁ ଆହ୍ୱାନ କରି ଭସ୍ମ ହୋଇ ଯାଇଥିଲେ । ଏଣୁ କ୍ଷେତ୍ର ନାମ ଆସ୍ମା ତଥା ନିଜକୁ ଖଂ ଅମେଶ୍ୱରୀ ବୋଲାଇ ଆସୁଛନ୍ତି ।

ଯେପରି କାଟିଙ୍ଗା (କେର୍ତ୍ତାଙ୍ଗ) ଜନପଦଠାରେ ହିରଣ୍ୟ କଶାପଙ୍କୁ ପୁତ୍ର ପ୍ରହ୍ଲାଦ ଭଗବାନଙ୍କ ନୃସିଂହ ଅବତାରକୁ ଦେଖାଇ ପାରିଥିଲେ, ସେପରି ପାଞ୍ଚବର୍ଷ ବୟସର ଧ୍ରୁବ ଆଜିର ବଦାଙ୍ଗିଠାକୁ ଆସି ତପସ୍ୟା କରି ବିଷ୍ଣୁଙ୍କୁ ପ୍ରକଟ କରାଇପାରିଥିଲେ ।

ଗଦାପୁର ନିକଟସ୍ଥ ସରାମୂଳୀ ଜନପଦଠାରେ ଥିବା ଯୋଗୀ ମଠଠାରେ ମହର୍ଷି ଅଗସ୍ତି ସିଦ୍ଧ କରିପାରିଥିଲେ ।

ବାଲିଗୁଡ଼ା ଜନପଦ ପୂର୍ବରେ ଥିବା ଦଣ୍ଡପଦରଠାରେ ଶୁକ୍ରାଚାର୍ଯ୍ୟ ରାଜା ଦଣ୍ଡଙ୍କୁ ଅଭିଶାପ ଦେଇ ଦଣ୍ଡ ଦେବା କାରଣକୁ ନେଇ ଖଡଗ ନଦୀ ପ୍ରବାହିତ ।

ସୃଷ୍ଟିର ପ୍ରଥମ ରକ୍ତନଦୀ, ଲହର ଅଞ୍ଚଳରୁ ଲୋହରାଖଣ୍ଡି ରୂପେ ପରିଚିତା । ଦାରିଙ୍ଗିବାଡି ନିକଟସ୍ଥ ସୋନପୁର କ୍ଷେତ୍ର ଥିଲା ଶୁକ୍ରାଚାର୍ଯ୍ୟଙ୍କ ଆଶ୍ରମସ୍ଥଳୀ ପରବର୍ତ୍ତୀ କାଳରେ ବାଣାସୁରର ରାଜଧାନୀ ।

ଆଜିର ବାଜିପିଣ୍ଡ ଜନପଦ ଅଞ୍ଚଳରେ ମହର୍ଷି ଶରଭଙ୍ଗ ଶ୍ରୀରାମ ଲକ୍ଷବଛ ମା ସୀତାଙ୍କୁ ସମ୍ମୁଖରେ ଚାହିଁ ଚାହିଁ ଅଗ୍ନିଙ୍କୁ ଆହ୍ୱାନ କରି ଭସ୍ମ ହୋଇପାରିଥିଲେ ।

ଆଜିର ହରଭଙ୍ଗି ଜଳ ଭଣ୍ଡାରର ଜଳ ମଧରେ ରହି ମହର୍ଷି ମନ୍ଦକର୍ଣ୍ଣ ଘୋର ତପସ୍ୟା କରିଥିଲେ । ଅସହ୍ୟ ଇନ୍ଦ୍ର ତପସ୍ୟା ଭଗ୍ନ ସକାଶେ ପଞ୍ଚ ଅପ୍ସରା ପଠାଇଥିଲେ । ଆଜି ମଧ ମହର୍ଷିଙ୍କ ସହ ଅପ୍ସରା ସେଠାରେ ଥାଇ ପଞ୍ଚଅପ୍ସରା ତୀର୍ଥ ରୂପେ କ୍ଷେତ୍ର ପରିଚିତ ।

କାଟିଙ୍ଗ ଜନପଦ ସମିପରେ ଥିବା ତିୟାରୀ ଗାଁ ଜନପଦାଞ୍ଚଳରେ ଥିଲା ମହର୍ଷି ବାଲ୍ମୀକିଙ୍କ ଆଶ୍ରମ । ସବକୁଶଙ୍କ ଥିଲା ଶିକ୍ଷା କ୍ଷେତ୍ର । ଏଠାରେ ମଧ ଘୋର ସଂଗ୍ରାମ ହୋଇଥିଲା ।

ଜନପଦ ମେରିକୋଟ ବାସିନ୍ଦା ଶିଆଳ ବ୍ରହ୍ମର୍ଷି ବଶିଷ୍ଟଙ୍କ ଜଣେ ଥିଲେ ଗୁରୁ ।

ଅତୀତରେ ସୋରଡା ଘାଇ ଏକ ସରୋବର ରୂପେ ଉତ୍ପତି ଅନୁସୂୟାଙ୍କ ଯୋଗ ବଳରୁ ହୋଇ ପାରିଥିଲା । ଏହି ଘାଇରେ ଥିବା କାନୁସ ମାଛ ଚରିତ୍ରରୁ ବୋରବେଲ ସୃଷ୍ଟି ହୋଇଥିବା ସୂଚନା ରହିଛି ।

ସାଉଁଳେଇ ବା ସରସ୍ଵତୀଙ୍କ ଅନ୍ୟ ଏକ ନାମ ସାହାବଳୀ ।

ଗୁପ୍ତେଶ୍ୱର ବା ମହାଦେବ ନିଜର ପ୍ରକୃତ ରୂପ ପ୍ରକଟ କରାଇ ଥିଲେ । କୁରେଇଶୁଣୀଙ୍କ ପ୍ରକୃତ ନାମ କୃତାଶ୍ୱନୀ ବା ଅଶ୍ୱନୀ ନକ୍ଷତ୍ର କୃତ ।

ଗନ୍ଧମାଦନ ଗିରି ଅତୀତର ଏକ ସ୍ମରଣୀୟ କ୍ଷେତ୍ର । ଭଗବାନ୍ ନରନାରାୟଣଙ୍କ ତପସ୍ୟା କ୍ଷେତ୍ର । ଧ୍ରୁବ, ଏଠାରୁ ଭଗବାନଙ୍କ ବିମାନରେ ଧ୍ରୁବଲୋକ ଯାଇଥିଲେ । ଇତ୍ୟାଦି ଅନେକ ଘଟଣା ଏଠାରେ ଘଟିଛି । ବ୍ୟାସଙ୍କ ରଚନା ଭାଗବତ ଦେବର୍ଷି ନାରଦଙ୍କ ଅନୁମୋଦନ କ୍ରମେ ହୋଇଥିଲା ।

ପୁନଃ କ୍ଷେତ୍ର ସମୁଦାୟ ପ୍ରୟାଗ ରୂପେ ଚିହ୍ନଟ । ଶମି ଦଣ୍ଡ ଦେଇ ମହର୍ଷି ବାଲ୍ମିକୀ ଯଜ୍ଞ କ୍ଷେତ୍ର ମାପ କରାଇଥିଲେ । ଏଥକୁ ନେଇ କୃଷ୍ଣସାର ମୃଗ ପର୍ଯ୍ୟାପ୍ତ ଭାବେ କ୍ଷେତ୍ରକୁ ନେଇ ରହିଛି ।

ଉହର୍ଷି ବ୍ୟାସଙ୍କ ଦ୍ୱାରା ହୋଇଥିବା ମନ୍ତ୍ର ଆହ୍ୱାନ କ୍ରମେ ମହାଭାରତ ଯୁଦ୍ଧରେ ମୃତକକୁ ଡକାଇ, ଅନ୍ଧ ଧୃତରାଷ୍ଟ୍ର ଦିବ୍ୟଚକ୍ଷୁ ପାଇ ନିଜର କରି ଦେଖି ପାରିଥିଲେ ।

ଏହି କ୍ଷେତ୍ର ସମିପରେ ଥିବା କାମ୍ପିଲ୍ୟଗିରି ଅପରାଜିତାଙ୍କ ମନ୍ଦିର ଥିଲା । କଳି ଯୁଗରେ ବସୁ ପ୍ରହରାଜଙ୍କ ମାଧମରେ ତାରାତାରିଣୀ ବା ତାରାତାରୟେତ୍ ଇତି ତାରିଣୀ ନାମେ ପରିଚିତ ।

ବ୍ରହ୍ମର୍ଷି କ୍ରତୁ, କୁମାରେଶ୍ୱର କ୍ଷେତ୍ରରେ ଆଶ୍ରମ କରି କୋଟି କୋଟି ବାଳଖିଲ୍ୟଙ୍କୁ ପ୍ରକଟ କରାଇଥିଲେ । ଋଷି ବୃନ୍ଦ ସୂର୍ଯ୍ୟଙ୍କ ରଥ ଆଗେ ଆଗେ ପଛେଇ ସ୍ତୁତି କରି ଚାଲିଛନ୍ତି ।

ସନ୍ନିକଟ ଜନପଦ ଜଶସରଖଣ୍ଡରେ ଦକ୍ଷିଣକାଳୀ ସ୍ଥିତି ରହିଛି ।

ସରସ୍ୱତୀ ବିରଳ ରୂପ ଧାରଣ କରି ଶୁମ୍ଭନିଶୁମ୍ଭଙ୍କ ମନ୍ତ୍ରୀ ଚଣ୍ଡମୁଣ୍ଡଙ୍କୁ ଉଦ୍ଧାର କରିଥିଲେ ବୋଲି ତାଙ୍କରି ନାମ ଚାମୁଣ୍ଡା ଅଟେ ।

ଦଧିଚି ମୂନୀ ନିଜ ଅସ୍ଥି ବଜ୍ର ସକାଶେ ବଜ୍ରକୂଟ ଗିରି କ୍ଷେତ୍ରରେ ହସି ହସି ଇନ୍ଦ୍ରଦେବଙ୍କୁ ପ୍ରଦାନ କରିଥିଲେ ।

ରାଉରୀ ବନ୍ଧ ଜନପଦଠାରେ ଆଶ୍ରମ କରିଥିଲେ । ଏଠାରେ ଦ୍ରୋଣ ତଥା ଦ୍ରୋଣ ପୁତ୍ର ଅଶ୍ୱସ୍ଥାମାଙ୍କ ପ୍ରକଟ ହୋଇଥିଲା ।

ପ୍ରତାପପୁର ଜନପଦଠାରେ ବ୍ରହ୍ମର୍ଷି ପୁଲହ ଆଶ୍ରମ ଥିଲା ।

ସରସ୍ୱତୀଙ୍କ ବରଦାନରୁ ବରଦା ଦନପଦ ସ୍ଥିତ । ଏଠାରେ ଦଧିଚି ପୁତ୍ର ସାରେସ୍ୱତ ମୂନୀ ମତ୍ସ୍ୟକୁ (ଜଳଙ୍ଗ) ଆଧାର କରି ବେଦ ସୁରକ୍ଷା କରିଥିଲେ ।

ବ୍ରହ୍ମର୍ଷି ମରିଚିଙ୍କ ମାଳି ଜଗଂନ୍ନାଥପୁରର ମରିଚେଶ୍ୱର ଯେପରି ପୁଲହେଶ୍ୱର ଅଟନ୍ତି, ତୁଙ୍ଗବନର ତୁଙ୍ଗେଶ୍ୱର ସେପରି ମରିଚେଶ୍ୱରଙ୍କ ଅନ୍ୟନାମ ବାଲି ଲୋକନାଥ । ମହର୍ଷି କଶ୍ୟପଙ୍କ ୧୩ ପତ୍ନୀଙ୍କ ସଂଲଗ୍ନ । ଏଠାରେ ବାମନଙ୍କ ଜନ୍ମ ଏଣୁ କ୍ଷେତ୍ର ଗୋବିନ୍ଦ ଦ୍ୱାଦଶୀ ପାଳନୀୟ । ସମସ୍ତ ପ୍ରାଣି ଏଠାରୁ ଉତ୍ପତି ।

ସରସ୍ୱତୀଙ୍କ ଏହି ଗଙ୍ଗାଧାର ଆଜିର ସମୁଦ୍ର ମଧରେ ଥିବା ଗୋଟିଏ ଟାପୁ ପର୍ଯ୍ୟନ୍ତ ଥିଲା । ଏହି ଟାପୁରେ ଅଗସ୍ତି ମୂନୀ ସମୁଦ୍ରକୁ ଚଉଳି କରି ଆଗସ୍ତି ଗ୍ରାମ ବସାଇ ଅରନ୍ତୁକ ନାମ ରଖିଥିଲେ । ପରବର୍ତି କାଳେ ଜଳାର୍ଣ୍ଣବ କାରଣରୁ ଅଗସ୍ତି ନୂଆ ଗାଁ ନାମ ଧାରଣ କରି ଆସିଛି ।

କାମ୍ପିଲ୍ୟ ଗିରିକୁ ଧରି ଜନପଦ ଆଛୁଲି ଅଞ୍ଚଳ ମଧରୁ ଋଷିକୂଲ୍ୟା ସରସ୍ୱତୀ ଜଳଧାରରୁ ଅନ୍ୟ ଏକ ପ୍ଲକ୍ଷ ବାହାରି କାଳିଜାଇକୁ ସଂଯୋଗ କରିଥିଲା । ସେହି ସ୍ରୋତ ନାମ ଥିଲା ଯମୁନା ଧାରା ଗଙ୍ଗା ଏବଂ ଯମୁନା ଧାର ମଧରେ ରହିଥିବା ବନ ଯଥା- କାମ୍ୟକ ତଥା ତୁଙ୍ଗବନ ପ୍ରଭାବିତ ।

ଏହି ଯମୁନା ଧାର ବଡାପଦର ଖଣ୍ଡଦେଉଳି କୁଶପୁର କଳାଯମୁନା ସୁବଳୟା ଦେଇ କଂଟିଆଗଡ ହୋଇ ଅଳେଶ୍ୱର ହୋଇ କେନ୍ଦ୍ର ବା ମନ୍ଦରଗିରିକୁ ସ୍ୱର୍ଶ କରିଛି । କ୍ଷେତ୍ର ମରୁତଙ୍କ ବାସଗୃହ । ମହର୍ଷି ମଙ୍କଣକଙ୍କ ନୃତ୍ୟଶାଳା । ଉଡ୍ଡିଶୀ ନୃତ୍ୟର ଜନ୍ମ କ୍ଷେତ୍ର ତଥା ମହର୍ଷି ମନୁ ରାଜା ପ୍ରିୟବ୍ରତଙ୍କ ଶାସନ କ୍ଷେତ୍ର ଅଟେ । ଦେବାସୁରଙ୍କ ମନ୍ଦରଗିରି ଦ୍ୱାରା ମନ୍ଥନ କ୍ଷେତ୍ର । କ୍ଷେତ୍ର ସମାଜକୁ ଯାହା ଦେଇଛି ତାହା ଅମୁଲ୍ୟ ସମ୍ପଦ ତୁଲ୍ୟ ।

କିଚକ ବଳେ ବିରାଟ ରାଜା ଉପାଖ୍ୟାନର ମୂଳ କିଚକର ବଳ ଏଠାରେ ହୋଇଥିଲା । କ୍ଷେତ୍ରଟି ପାଣ୍ଡବଙ୍କ ଶେଷ ବନବାସ କ୍ଷେତ୍ର ରୂପେ ପରିଚିତ ।

କ୍ଷେତ୍ରଟି ବ୍ରହ୍ମାଣ୍ଡର ଅତି ଆକର୍ଷଣୀୟ ହେତୁ କଇଁଚମାନେ ଅଣ୍ଡା ପ୍ରଦାନ କରିବାକୁ ପ୍ରତିବର୍ଷ ଏଠାକୁ ଆସିଥାନ୍ତି । ବିରଳ ପକ୍ଷୀମାନଙ୍କ ମଧ ଏଠାକୁ ପ୍ରତିବର୍ଷ ହୋଇଥାଏ । ୩୦.୩.୨୦୨୪ ଗୁରୁବାର ପୃ-୫ ସମାଜରେ ପ୍ରକାଶିତ ଏହି କ୍ଷେତ୍ରକୁ ବିରଳ ପ୍ରଜାତିର ଗ୍ରୀବ ସି ଟର୍ଟଲ ର ପ୍ରକଟ ହୋଇଥିବା ପ୍ରକାଶ ପାଇଛି ।

ଏପରି ଅନେକ ବିରଳ ଘଟଣା ଘଟିଥିବା ଅତୀତରୁ ଶୁଣାଯାଇ ଆସୁଛି । କାରଣ କ୍ଷେତ୍ର ରାଜା କୁରୁଙ୍କ ମଚକୁକ ଯକ୍ଷସ୍ଥଳି ବା ଦ୍ୱାର ରୂପେ ପରିଚିତ ।

ଏପରି ଏହି ସ୍ମରଣୀୟ ମଚକୁକ ଦ୍ୱାରଞ୍ଚଳ ଐତିହକୁ ପରଖି ପରିବେଶବିତ୍ ପଣ୍ଡିତ ଦୟଦେବ ଗୀତଗୋବିନ୍ଦ ନାମରେ ଗ୍ରନ୍ଥଟିଏ ରଚନା କରି ଅମରତ୍ୱକୁ ପ୍ରାପ୍ତ ହୋଇପାରିଛନ୍ତି ।

ଭଗବଦ୍‌କୁ ଭଗବତ୍ କହୁଥିବା ପରିବେଶକୁ କେବଳ ଭଗବଦ୍ ଗୀତରେ ଅଧାୟ ୧୭ ତଥା ଶ୍ଳୋକ ୧୫କୁ ଅନୁଦ୍‌ବଗେକରଂ ବାକ୍ୟମ୍ ପ୍ରକାରେ ପ୍ରୟୋଗ କରିବା ଉଚିତ୍ । ଏହି ମନ୍ତ୍ର ଶ୍ଳୋକଟିକୁ ପୁଣି ସମ୍ପୂଟି କରଣ ଯଦି କରାଯିବ ଫଳର ଦଶ ଗୁଣାକୁ ପ୍ରାପ୍ତ ହୋଇ ପାରିବ ।

କଳିଯୁଗ ପ୍ରଭାବରେ ଅବଶ୍ୟ ଅନେକ ପ୍ରକାରର ପ୍ରକାରଭେଦକୁ ମଧ ସତକୃତ ପରି ଧରାଯାଏ । ଯେପରି ବ୍ୟାସଦେବଙ୍କ ରଚନାରେ ଥିବା ଦଶ ଅବତାର ସହିତ ଗୀତ ଗୋବିନ୍ଦରେ ଜୟଦେବଙ୍କ ରଚିତ ଦଶବିଧ ସହ ତୁଳନା ବିଦ୍ୱାନମାନେ କରି ଆସିଛନ୍ତି । ବିଦ୍ୱାନ୍‌ମାନେ ଯଦି ଅବତାରକୁ ବିଧ ରୂପେ ବୋଧ କରିବେ ତେବେ ଆମେ ଅବୋଧ ଗଣ କଣ କରି ବୋଧ କରିବୁ ?

**ଶେଷ ରଚନା**

ଧର୍ମକ୍ଷେତ୍ର ମଧରେ ରହିଥିବା ସମନ୍ତ ପଞ୍ଚକ କ୍ଷେତ୍ର ମଧରେ ରାଜା କୁରୁ ପବିତ୍ର କିର୍ତ୍ତି ରଚି, ନାମ ଧାରି ରାଜା ରୁରୁଙ୍କ ନାମରେ ନାମିତ ଅଟେ । ସେହି କୁରୁକ୍ଷେତ୍ର ମଧରେ ଏବଂ ଏହାର ପାର୍ଶ୍ୱ କ୍ଷେତ୍ରରେ ବସବାସ କରି ଆସୁଥିବା ମହର୍ଷି ତଥା ତପସ୍ୱୀମାନେ ତପସ୍ୟାର ପ୍ରଭାବରେ ନିଜ ନିଜର ଗୌରବ ଗାଥା ପ୍ରକାଶ କରି ଆସିଛନ୍ତି । ଯେପରି ମହର୍ଷି ସୌଭରି ।

ମହର୍ଷି ସୌଭରି ଋଗବେଦ ଗାମୀ ତଥା ଦୟାର ମୂର୍ତ୍ତି ଥିଲେ । କାଳଞ୍ଜର ପର୍ବତରୁ ପ୍ରବାହିତ ଜଳଧାର ନାମ ଯମୁନା (ବଡ଼ନଦୀ) ଥିବାକାଳେ ଗଣ୍ଡାନାମ ଥିଲା କାଳିନ୍ଦି । ଏହି କାଳିନ୍ଦି ଗଣ୍ଡ କ୍ଷେତ୍ରରେ ମହର୍ଷି ସୌରଭି ଜଳ ମଧରେ ରହି ତପସ୍ୟ କରୁଥିଲେ । ଦିନେ ହଠାତ୍ କୈବର୍ତ୍ତ ଜାଲରେ ମହର୍ଷି ପଡିଗଲେ । ସେ ଭାବିଲେ ମୁଁ କୈବର୍ତ୍ତର ସମ୍ପତି ହୋଇଗଲି । ମତେ ସେ ବିକ୍ରି କରିବା ଉଚିତ୍ । ବିକ୍ରି ପାଇଁ ମହର୍ଷିଙ୍କ ମୂଲ୍ୟ କେ ସ୍ଥିର କରିବ ? ସେ ତ ଅମୂଲ୍ୟ । କୈବର୍ତ୍ତ ରାଜାଙ୍କ ସମିପରେ ଆପରି ଜଣାଗଲା । ରାଜା ଶୁଣିବା ପରେ ସ୍ଥିର କଲେ ଅନନ୍ତ ଦେବତାଙ୍କ ବାସସ୍ଥାନ ଗୋମାତାଙ୍କ ପ୍ରତି ରୁମରେ ଏଣୁ ସେ ଏକ କପିଳା ଗାଇ ପରିବର୍ତ୍ତେ ମହର୍ଷିଙ୍କୁ କ୍ରୟ କରିଥିଲେ । ଏପରି ବିଚାର କରି ମହର୍ଷିଙ୍କୁ ରାଜା କୈବର୍ତ୍ତଠାରୁ ମୁକ୍ତ କରିଥିଲେ । ମହର୍ଷି ସୌଭରି ମୂନୀଙ୍କ ଦ୍ୱାରା ଏଠାରେ ଏପରି ଘଟମାମାନ ଘଟିଛି । ଯାହା କି ବିଜ୍ଞାନ ବିଚାରର ବାହାରେ ।

**ସଂକଳ୍ପିତ ବଚନ**

ମୁଁ କୌଣ୍ଡିନ୍ୟ ଗୋତ୍ରି, କୌଣ୍ଡିନ୍ୟ ମିତ୍ରାବରୁଣ ବାଶିଷ୍ୟ ପ୍ରବର ସମ୍ପ୍ରଦାୟ, ରାମାନୁଜ ଶାଖା, କନୌଜ ତଥା ଋଗବେଦୀ ଭାବେ ସଂକଳ୍ପିତ ଏହି ଯେ କାହାରି ଧନ ସମ୍ପତି ହଡପ କରିନି କିମ୍ବା କରିବାକୁ ମଧ ଭାବନା

କରିନାହିଁ । କିନ୍ତୁ ମୋ ସରଳତାକୁ ଆଧାର କରି ମାନସୀକତାରେ ବିଶ୍ୱାସ ଜନ୍ମାଇ, କିମ୍ବା ମୋ ଜାଣନ୍ତରେ, ଅଜାଣନ୍ତରେ ଅପହରଣ କରି ନେଇଥିବା ଯେ କୌଣସି ବାସ୍ତବ ଜିନିଷ ଯଦି ୧୯୭୪ ଶାଲରୁ ଆଜଯାଏଁ ଫେରାଇ ନାହାନ୍ତି କିମ୍ବା ପ୍ରତିଶ୍ରୁତି ଦେଇ କାର୍ଯ୍ୟ କରି ନାହାନ୍ତି, ମୋର ଏହି ମାନ୍ତ୍ରିକ ଅଭିଶାପ ନିଶ୍ଚୟ ଲାଗୁହେବ ।

ଉଚ୍ଚତମ ନ୍ୟାୟାଳୟର ବିଚାରପତି ହୁଅନ୍ତୁ କିମ୍ବା ଓ୍ୱକାଲତନାମାଧାରୀ ମହା ଭାଣ୍ଡ ହୁଅନ୍ତୁ କିମ୍ବା ଯେ କୌଣସି ସରକାରୀ ଅନୁମୋଦିତ ସଂସ୍ଥାର ଦାୟିତ୍ୱବାନ୍ ପୁରୁଷ, କୌଣସି ପ୍ରକାରରେ ମାନସୀକ ଶତ୍ରୁତା କରିଥିଲେ ମଧ ତାଙ୍କୁ ନିଷ୍ଚୟ ଲାଗୁ ହେବ ତିଳେ ମାତ୍ର ସନ୍ଦେହ ନାହିଁ, କାରଣ ଏହା ପରିବେଶ ସୂଚକ ମନ୍ତ୍ରରେ ମନ୍ତ୍ରୀତ । ଏହି ମନ୍ତ୍ର ଏକ ପ୍ରକାର ବିଶାଳ ହେଲେ ମଧ କେବଳ ବୀଜ ମନ୍ତ୍ର ଦ୍ୱାରା ଆରାଧ ହେବାକୁ ଚାହୁଁଛି । କାରଣ ଏହି ଉତ୍ର କ୍ଷେତ୍ର ବିଡ଼ମ୍ବିତ ଭାଗ୍ୟ ବରେଣ୍ୟ ବସୁଧାର ବଶବର୍ତ୍ତି ଅଟେ । ଅତୀତ ତୁଲ୍ୟ ଲେଖାଲେଖି, ସାକ୍ଷୀ ପ୍ରମାଣ ଇତ୍ୟାଦି ସହ କୋର୍ଟ କଚେରୀର ମଧ ଆବଶ୍ୟକ ନାହିଁ ।

ଯେଉଁ କ୍ଷେତ୍ରରେ ମହର୍ଷି କାଶ୍ୟପ, ପରାସର, ବିଶ୍ୱାମିତ୍ର, ବିଶ୍ରବା, କବି ସୌରଭି, ମନ୍ଦକର୍ଣ୍ଣ, ଭଗଦ୍ୱାଜ, ଅଗସ୍ତି, ଦୂର୍ବାଷା, ବାଲ୍ମୀକି, ବ୍ୟାସାଦିଙ୍କ ପରି ସନ୍ତାନଙ୍କୁ ଧାରଣ କରି ବସୁଧା ଜାଗ୍ରତ ରହିଛି ସେ ପରିବେଶ ମଧରେ ଶିଦ୍ଧତା ହିଁ ପ୍ରମାଣ । ବଚନାବର୍ତ୍ତି ହିଁ ପ୍ରମାଣ, ସମବେତ ତପସ୍ୱୀମାନେ ହିଁ ପ୍ରମାଣ । ମାନବିକତା, ମାନସୀକ ଶୁଭ୍ରତା, ନର୍ଭୟତା ହିଁ ପ୍ରମାଣ ।

ଏଥିର ସତ୍ୟତା ଉପଲବ୍ଧି କରାଇବା ପାଇଁ ସର୍ବସାଧାରଣଙ୍କ ସାହାଯ୍ୟ ସହଯୋଗ ଆବଶ୍ୟକ । କିନ୍ତୁ ଉଚ୍ଚାରଣ ଏକାପରି ଜଣାଗଲେ ମଧ ଭାବଗତ ଯଥା ତଥା ହେବା ଆବଶ୍ୟକ । ଯେପରି କଂସାରୀ, କସାଂରୀ ନ ହୁଏ ।

ବୀଜ ମନ୍ତ୍ର – ଓଁାମ୍ ନମୋ ମାନସୀକ ଶତ୍ରୁୟାୟ ମମ ସ୍ୱାହା ଇଦଂ ପରିବେଶାୟ ।